# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-242 ◆BHUBANESWAR ◆MONDAY ◆26 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୨ ◆ଭୁବନେଶ୍ୱର ◆ସୋମବାର ◆୨୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦





**ଅଶ୍ୱିନଙ୍କୁ ରେକର୍ଡ ୫ ୱିକେଟ୍ ସଫଳତା**

▶କ୍ରୀଡ଼ା ପୃଷ୍ଠାରେ...




## ଆଧୁନିକ ଏବଂ ଦ୍ରୁତ ରେଳସେବା
# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

**ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ₹41 ହଜାର କୋଟି ବ୍ୟୟରେ ସାରା ଦେଶରେ 554ଟି ରେଳ ଷ୍ଟେସନର ପୁନର୍ବିକାଶ ଏବଂ 1500 ରୋଡ୍ ଓଭର ବ୍ରିଜ୍/ ଅଣ୍ଡରପାସ୍‌ର ଶିଳାନ୍ୟାସ/ ଉଦ୍‌ଘାଟନ/ ରାଷ୍ଟ୍ର ପ୍ରତି ସମର୍ପଣ**








## ଓଡ଼ିଶା ରେ
## 21ଟି ଷ୍ଟେସନର ପୁନର୍ବିକାଶ

- ରାୟଗଡ଼ା
- ଭଦ୍ରକ
- ବାଲେଶ୍ୱର
- ଟିଟିଲାଗଡ଼ ଜଙ୍କସନ୍
- କେସିଙ୍ଗା
- କୋରାପୁଟ ଜଙ୍କସନ୍
- ସମ୍ବଲପୁର ସିଟି
- ଝାରସୁଗୁଡ଼ା ରୋଡ୍
- ଜୟପୁର
- ରଘୁନାଥପୁର
- ବେଲପାହାଡ଼
- ପାରାଦୀପ
- ପାନପୋଷ
- ବେତନଟି
- ତାଳଚେର
- ପାରଳାଖେମୁଣ୍ଡି
- କେନ୍ଦୁଝରଗଡ଼
- ବିମଳାଗଡ଼
- ଜରୋଲି
- ରାଇରଙ୍ଗପୁର
- ବ୍ରଜରାଜ ନଗର

- ରୁଫ୍ ପ୍ଲାଜା, ସପିଙ୍ଗ୍ ଜୋନ୍, ଫୁଡ୍ କୋର୍ଟ୍, ପିଲାମାନଙ୍କ ଖେଳ ପରିସର ଇତ୍ୟାଦି ସୁବିଧା ସହିତ ସିଟି ସେଣ୍ଟର ରୂପରେ ପୁନର୍ବିକାଶ
- ଭିନ୍ନ ଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ବହୁସ୍ତରୀୟ ପାର୍କିଙ୍ଗ୍, ଲିଫ୍ଟ, ଏସ୍କାଲେଟର୍, ଏକ୍‌ଜିକ୍ୟୁଟିଭ୍ ଲାଉଞ୍ଜ୍, ପ୍ରତୀକ୍ଷାଳୟ, ଟ୍ରାଭେଲେଟର୍, ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ସୁବିଧା
- ମଲ୍ଟିମୋଡାଲ୍ କନେକ୍ଟିଭିଟିର ଏକୀକରଣ ଦ୍ୱାରା ଏହି ପୁନର୍ବିକଶିତ ଷ୍ଟେସନ ପରିସରଗୁଡ଼ିକ ସାମାଜିକ-ଆର୍ଥିକ କାରବାରର ପେଣ୍ଠସ୍ଥଳୀ ପାଲଟିବ

**ଏବଂ**

## 52ଟି ରୋଡ୍ ଓଭର୍ ବ୍ରିଜ୍/ଅଣ୍ଡରପାସ୍ ନିର୍ମାଣ

- ସଡ଼କ ଏବଂ ରେଳ ଯାତାୟାତରେ ଅବାଧ ଗମନାଗମନ
- ସ୍ଥାନୀୟ ଅଧିବାସୀଙ୍କୁ ରେଳପଥର ଉଭୟ ଦିଗକୁ ଯିବା ଆସିବାର ସୁରକ୍ଷିତ ଏବଂ ସୁଗମ ବ୍ୟବସ୍ଥା
- ଟ୍ରାଫିକ ସମସ୍ୟା ଦୂର, ଯାତ୍ରାକାଳୀନ ସମୟ ହ୍ରାସ

## ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା

26 ଫେବୃଆରୀ, 2024 | ପୂର୍ବାହ୍ନ 11 ଘଟିକାରୁ

(ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ)

**ଗରିମାମୟ ଉପସ୍ଥିତି**

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରୀୟ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ରାଓସାହେବ ପାଟିଲ୍ ଦାନଭ୍ବେ**
କେନ୍ଦ୍ରୀୟ ରେଳ, କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ

**ଦର୍ଶନା ଜରଦୋଶ**
କେନ୍ଦ୍ରୀୟ ରେଳ ଓ ବସ୍ତ୍ର ରାଷ୍ଟ୍ରମନ୍ତ୍ରୀ

D-23/23-24

DD NEWS ରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ



ପୁଣି ଥରେ
ଆଦିତ୍ୟ-ଶାହରୁଖ
▶ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-242 ◆BHUBANESWAR ◆MONDAY ◆26 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୨ ◆ଭୁବନେଶ୍ୱର ◆ସୋମବାର ◆୨୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-721

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

#ନୂଆ-ଓ
ଛାତ୍ରବୃତ୍ତି



"ନୂଆ-ଓ"

ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ

୨୬ ଫେବୃଆରୀ ୨୦୨୪

ସମ୍ବଲପୁର ‖ ଦେବଗଡ଼ ‖ ଅନୁଗୋଳ



ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ
ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

@DHE_Odisha
@hedodisha
www.fb.com/dheodisha
https://scholarship.odisha.gov.in
0674-2323401, 2323402, 2323403
2323404
scholarshiphed@gmail.com

OIPR-11001/13/0083/2324

ଉଚ୍ଚ ଶିକ୍ଷା ବିଭାଗ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-242 ◆BHUBANESWAR ◆MONDAY ◆26 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୨ ◆ଭୁବନେଶ୍ୱର ◆ସୋମବାର ◆୨୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ଅଧିକାଂଶ ସ୍ଥାନରେ ସ୍ୱଳ୍ପ ବର୍ଷା

■ **ଭୁବନେଶ୍ୱର, ୨୫ ।୨ (ସମିସ):** ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ସାଙ୍ଗକୁ ମେଘୁଆ ପାଗ ଲାଗି ରହିଛି। ପଶ୍ଚିମାଝଡ଼ ପ୍ରଭାବରେ ଟାଣ ଖରାରୁ ମୁକ୍ତି ମିଳିବା ସହ ପାଗରେ ପରିବର୍ତ୍ତନ ଆସିଛି। ଯାହାଦ୍ୱାରା ବର୍ଷା ଓ ମେଘୁଆ ପାଗ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି। ଏହି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବ ସହ ଅନେକ ସ୍ଥାନରେ ମେଘୁଆ ପାଗ ସହ ହାଲୁକା ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ରେକର୍ଡ କରାଯାଇଛି। ଦାରିଙ୍ଗବାଡ଼ିରେ ସର୍ବାଧିକ ୨୦ ମିମି ବର୍ଷା ହେବା ସହ ଟିଟଲାଗଡ଼ ୧୫, ହୀରାକୁଦ ୧୦, ଗୋପାଳପୁର ୧୦, ବାଲେଶ୍ୱର ୧୦, ଭୁବନେଶ୍ୱର ୯ ଓ ଭବାନୀପାଟଣାରେ ୭ ମିମି ବର୍ଷା ହୋଇଛି। ରବିବାର ଅନେକ ସ୍ଥାନରେ କୋହଲା ପାଗ ସହ କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଛି। ସେହିପରି ସୋମବାର ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ସୋନପୁର, ଅନୁଗୁଳ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସମ୍ବଲପୁର ଓ ଦେବଗଡ଼ ଆଦି ଜିଲ୍ଲାରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଛି। ସେହିପରି ୨୭ ଓ ୨୮ରେ କିଛି କିଛି ଜିଲ୍ଲାରେ ବର୍ଷା ହେବା ସହ ଏହା ପରେ ପାଗରେ ପରିବର୍ତ୍ତନ ଆସିବ। ସମ୍ଭବତଃ ୧ ତାରିଖଠାରୁ ପୁଣି ତାପମାତ୍ରା ବୃଦ୍ଧି ହେବ।

**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍**

# ପ୍ରମୋଦଙ୍କୁ ରେକର୍ଡ ୫ମ ଟାଇଟଲ୍

■ **ଭୁବନେଶ୍ୱର, ୨୫ ।୨ (ସମିସ):** ପାରା ଅଲିମ୍ପିକ୍ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟ୍ଟାୟାଠାରେ ଅନୁଷ୍ଠିତ ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛନ୍ତି। ଏସ୍‌ଏଲ୍-୩ ବର୍ଗରେ ପ୍ରତିନିଧିତ୍ୱ କରୁଥିବା ପ୍ରମୋଦ ରବିବାର ଅନୁଷ୍ଠିତ ଫାଇନାଲରେ ତାଙ୍କ ପାରମ୍ପରିକ ଇଂଲଣ୍ଡର ଡାନିଏଲ୍ ବେଥେଲ୍‌ଙ୍କୁ ପରାସ୍ତ କରି ଏହି ପ୍ରତିଯୋଗିତାରେ ରେକର୍ଡ ୫ମ ଟ୍ରଫି ଜିତିଛନ୍ତି। ଏଥିସହ ସେ ଲିନ୍ ଡାନ୍‌ଙ୍କ ବିଶ୍ୱ ରେକର୍ଡ ୫ମ ଟାଇଟଲ୍ ସହ ସମକକ୍ଷ ହୋଇଛନ୍ତି। ପୂର୍ବରୁ ପ୍ରମୋଦ ୨୦୦୯, ୨୦୧୫, ୨୦୧୯ ଓ ୨୦୨୨ରେ ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ▶ପୃଷ୍ଠା-୯



## ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ପାରା ବ୍ୟାଡ୍‌ମିଣ୍ଟନରେ ରେକର୍ଡ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। 'ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିତିଥିବାରୁ ଅଭିନନ୍ଦନ। ଏଭଳି ବିଜୟ ଧାରା ଜାରି ରଖି ଦେଶ ପାଇଁ ଆହୁରି ପଦକ ଆଣନ୍ତୁ' ବୋଲି ନବୀନ ତାଙ୍କ ଅଭିନନ୍ଦନ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

**ପେଟେଣ୍ଟ କଲା ଆଇଆଇଟି ମାଡ୍ରାସ**

# କର୍କଟରୁ ମୁକ୍ତି ଦେବ ଭାରତୀୟ ମସଲା

**ଖୁବଶୀଘ୍ର ଆରମ୍ଭ ହେବ ଟ୍ରାଏଲ**

**୨୦୨୮ରୁ ମିଳିପାରେ ଔଷଧ**

■ **ଚେନ୍ନାଇ, ୨୫।୨ (ଏଜେନ୍ସି):** ଭାରତୀୟ ମସଲାରେ ଥିବା ଔଷଧୀୟ ଗୁଣକୁ ନେଇ ସର୍ବଦା ଚର୍ଚ୍ଚା ହୋଇଥାଏ। ଏବେ ଏଭଳି ଏକ ରୋଚକ ଗବେଷଣା ଉପରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସ ପେଟେଣ୍ଟ କରା ନେଇଛି। ଭାରତୀୟ ମସଲାରୁ କର୍କଟ ରୋଗକୁ ଠିକ୍ କରିପାରୁଥିବା ଔଷଧ ପ୍ରସ୍ତୁତ କରାଯାଇପାରିବ ବୋଲି ଦାବି କରାଯାଇଛି। ଖୁବଶୀଘ୍ର ଏହାର କ୍ଲିନିକାଲ ଟ୍ରାଏଲ ଆରମ୍ଭ ହେବ। ୨୦୨୮ ସୁଦ୍ଧା ଏହି ଔଷଧ ବଜାରରେ ଉପଲବ୍ଧ ହୋଇପାରେ। ଗବେଷକମାନେ ଦାବି କରିଛନ୍ତି ଯେ ଭାରତୀୟ ମସଲାରେ ଲଙ୍ଗ କ୍ୟାନସର ସେଲ୍, ବ୍ରେଷ୍ଟ, କୋଲନ, ସର୍ଭାଇକାଲ, ଓରାଲ ଏବଂ ଥାଇରଏଡ କ୍ୟାନସ ସେଲ୍‌ର ଆଣ୍ଟି କ୍ୟାନସର ଆକ୍ଟିଭିଟି (କର୍କଟ ନିରୋଧୀ ଉପାଦାନ) ରହିଛି। ଏହି ମସଲା ସାଧାରଣ ସେଲ୍‌ଠାରୁ ସୁରକ୍ଷିତ ରହିଥାଏ। ଏବେ ଗବେଷକ ଏହାର ମୂଲ୍ୟ ଏବଂ ସୁରକ୍ଷା ପ୍ରତି ଥିବା ଆହ୍ୱାନ ଦିଗରେ କାର୍ଯ୍ୟ କରୁଛନ୍ତି। ଆଇଆଇଟି ମାଡ୍ରାସ ଏଲୁମନାଇ ଏବଂ ପ୍ରତୀକ୍ଷା ଟ୍ରଷ୍ଟ ମାଧ୍ୟମରେ ଇନ୍‌ଫୋସିସର ସହ-ପ୍ରତିଷ୍ଠାତା ଗୋପାଳକୃଷ୍ଣନ ପାଣ୍ଠି ଯୋଗାଇ ଦେଉଥିବାରୁ ଏହି ଗବେଷଣା ଆଗେଇ ଚାଲିଛି।

ଆଇଆଇଟି ମାଡ୍ରାସର ଚିଫ୍ ସାଇଣ୍ଟିଷ୍ଟ ଅଫିସର ଜାୟସ ନିର୍ମଳା କହିଛନ୍ତି ଯେ ଭାରତୀୟ ମସଲା ଦ୍ୱାରା ସାଧାରଣ କର୍କଟ ଭଲ ହୋଇଯିବ ▶ପୃଷ୍ଠା-୯

# ଧନୀ-ଗରିବ ବ୍ୟୟ ତାରତମ୍ୟ ଆକାଶପାତାଳ

**ଜାତୀୟ ନମୁନା ସର୍ଭେ ରିପୋର୍ଟ** | **ଗାଁରେ ଗରିବଙ୍କ ଦୈନିକ ଖର୍ଚ୍ଚ ୪୫ ଟଙ୍କାରୁ କମ୍**

■ **ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ଦେଶରେ ଧନୀ ଓ ଗରିବ ଲୋକଙ୍କ ମଧ୍ୟରେ ଦିନକୁ ଦିନ ତାରତମ୍ୟ ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ଗରିବ ଓ ଧନୀଙ୍କ ଦୈନିକ ମୁଣ୍ଡପିଛା ବ୍ୟୟ ମଧ୍ୟରେ ପାର୍ଥକ୍ୟ ୧୦ ଗୁଣ ଅତିକ୍ରମ କରିଛି। ଗ୍ରାମାଞ୍ଚଳରେ ଅତି ଗରିବ ଲୋକଟି ନିଜର ଗୁଜୁରାଣ ୪୫ ଟଙ୍କାରେ ମେଣ୍ଟାଉଥିବାବେଳେ ଧନୀ ଲୋକଙ୍କର ଦୈନିକ ହାରାହାରି ଖର୍ଚ୍ଚ ୮ଗୁଣ ବୃଦ୍ଧି ପାଇ ୩୫୦ ଟଙ୍କାରେ ପହଞ୍ଚିଛି। ସେହିପରି ସହରାଞ୍ଚଳରେ ମଧ୍ୟ ସ୍ଥିତି ଅନୁରୂପ ଉଦବେଗଜନକ।

ସହରାଞ୍ଚଳରେ ସବୁଠୁ ଗରିବ ଲୋକଟିର ଦୈନିକ ବ୍ୟୟ ମାତ୍ର ୬୭ ଟଙ୍କା ମଧ୍ୟରେ ଥିବାବେଳେ ଧନୀ ଲୋକଙ୍କର ହାରାହାରି ମୁଣ୍ଡପିଛା ଦୈନିକ ଖର୍ଚ୍ଚ ପ୍ରାୟ ୧୦ଗୁଣ ଅଧିକ ଓ ୬୯୫ ଟଙ୍କା। ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ନିକଟରେ ପ୍ରକାଶିତ ମାସିକ ମୁଣ୍ଡପିଛା ଉପଯୋଗିତା ବ୍ୟୟ (ଏମ୍‌ପିସିଇ) ତଥ୍ୟରେ ଏହା କୁହାଯାଇଛି। ଜାତୀୟ ନମୁନା ସର୍ବେକ୍ଷଣର ଏହି ଆକଳନଗୁଡ଼ିକ ଘରୋଇ ବ୍ୟବହାର ଖର୍ଚ୍ଚ ସର୍ଭେ ୨୦୨୨-୨୩ (ଏଚ୍‌ସିଇଏସ୍) ଉପରେ ଆଧାରିତ। ଏହି ରିପୋର୍ଟ ଅନୁସାରେ ଦେଶର ଗାଁର ସବୁଠାରୁ ଗରିବ ୫ ପ୍ରତିଶତ ଜନସଂଖ୍ୟାର ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟ ମାତ୍ର ୧୩୭୩ ଟଙ୍କା। ଅର୍ଥାତ ଦୈନିକ ଖର୍ଚ୍ଚ ପ୍ରାୟ ୪୫ ଟଙ୍କା। ଅନୁରୂପ ଭାବରେ ସହରରେ ରହୁଥିବା ସବୁଠାରୁ ଗରିବ ୫ ପ୍ରତିଶତ ଜନସଂଖ୍ୟାର ହାରାହାରି ମୁଣ୍ଡପିଛା ମାସିକ ବ୍ୟୟ ମାତ୍ର ୨୦୦୧ ଟଙ୍କା ବା ଦୈନିକ ପ୍ରାୟ ୬୭ ଟଙ୍କା। ଏଚ୍‌ସିଇଏସ୍ ରିପୋର୍ଟ ଅନୁସାରେ ଦେଶର ଗାଁଗୁଡ଼ିକରେ ବସବାସ କରୁଥିବା ୫ ପ୍ରତିଶତ ସବୁଠାରୁ ଧନୀ ଲୋକଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୧୦,୫୦୧ ଟଙ୍କା(ଦୈନିକ ୩୫୦ ଟଙ୍କା) ରହିଥିବାବେଳେ ସହରାଞ୍ଚଳରେ ଏହା ୨୦,୮୨୪ ଟଙ୍କା (ଦୈନିକ ୬୯୫ ଟଙ୍କା)। ଦେଶରେ ୨୦୨୨-୨୩ ସୁଦ୍ଧା ମାସିକ ଉପଭୋକ୍ତା ଖର୍ଚ୍ଚ ୨୦୧୧-୧୨ ତୁଳନାରେ ପ୍ରାୟ ଦୁଇ ଗୁଣ ବୃଦ୍ଧି ପାଇଛି। ସହରାଞ୍ଚଳରେ ବର୍ତ୍ତମାନର ମୂଲ୍ୟରେ ଦେଶରେ ମୁଣ୍ଡପିଛା ହାରାହାରି ମାସିକ ଘରୋଇ ଖର୍ଚ୍ଚ ୨୦୨୨-୨୩ରେ ୬୪୫୯ ଟଙ୍କା ହେବ ବୋଲି ଆଶା କରାଯାଉଛି। ଯେତେବେଳେ କି ୨୦୧୧-୧୨ରେ ଏହା ୨୬୩୦ ଟଙ୍କା ରହିଥିଲା।

ସେହିଭଳି ଗ୍ରାମାଞ୍ଚଳରେ ଏହା ୩୭୭୩ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକି ଏକ ଦଶନ୍ଧି ପୂର୍ବରୁ ୧୪୩୦ ଟଙ୍କା ରହିଥିଲା। ଯଦି ଆମେ ଏହି ଅଭିବୃଦ୍ଧିକୁ ଦେଖିବା, ତେବେ ଗ୍ରାମାଞ୍ଚଳର ହାରାହାରି ମାସିକ ଘରୋଇ ଖର୍ଚ୍ଚରେ ୧୬୪ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଅପରପକ୍ଷେ ସହରାଞ୍ଚଳରେ ଲୋକଙ୍କ ବ୍ୟୟରେ ୧୪୬ ପ୍ରତିଶତ ବୃଦ୍ଧି ପାଇଛି। ଏନ୍‌ଏସ୍‌ଏସ୍‌ଓ ସାଧାରଣତଃ ପ୍ରତି ୫ ବର୍ଷରେ ଏହି ସଂଖ୍ୟାଗୁଡ଼ିକୁ ପ୍ରକାଶ କରିଥାଏ।



**ସହରରେ ହାରାହାରି ମୁଣ୍ଡପିଛା ବ୍ୟୟ ଦିନକୁ ସର୍ବନିମ୍ନ ୬୭ ଟଙ୍କା**

**ଧନୀଙ୍କ ମୁଣ୍ଡପିଛା ବ୍ୟୟ ୩୫୦ରୁ ୬୯୫ ଟଙ୍କା**

**ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଅଦ୍ଭୁତ ପରିସ୍ଥିତି**

# ପୂର୍ବତନ ମୁଖ୍ୟ ବିଚାରପତି, ଆଇପିଏସ୍‌ଙ୍କୁ ବାନ୍ଧିଲା ପୁଲିସ

■ **କୋଲକାତା, ୨୫।୨ (ଏଜେନ୍ସି):** ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ସ୍ଥିତି ଅଶାନ୍ତ ରହିଥିବା ବେଳେ ରବିବାର ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଏଠାକାର ସ୍ଥିତି ପରଖିବା ପାଇଁ ଆସିଥିବା 'ଫାକ୍ଟ ଫାଇଣ୍ଡିଂ' ଟିମ୍‌ର ସଦସ୍ୟମାନଙ୍କୁ ପୁଲିସ ଗିରଫ କରିଛି। ଗିରଫ ହୋଇଥିବା ସଦସ୍ୟମାନଙ୍କ ମଧ୍ୟରେ ପାଟନା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏଲ ନରସିଂହା ରେଡ୍ଡି, ପୂର୍ବତନ ଆଇପିଏସ୍ ରାଜପାଲ ସିଂ, ପୂର୍ବତନ ଜାତୀୟ ମହିଳା କମିସନ ସଦସ୍ୟ ଚାରୁୱାଲି ଖାନ୍ନା ଏବଂ ବରିଷ୍ଠ ଆଇନଜୀବୀ ଭାବନା ବଜାଜ ରହିଥିବା ଜଣାପଡ଼ିଛି। ଏହି ୪ ସଦସ୍ୟଙ୍କୁ ନେଇ ଗଠିତ ଫାକ୍ଟ ଫାଇଣ୍ଡିଂ ଟିମ୍ ରବିବାର ସକାଳେ ସନ୍ଦେଶଖାଲି ଅଞ୍ଚଳର ପୀଡିତାଙ୍କୁ ଭେଟିବାକୁ ଯାଇଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ଏଠାରେ ୧୪୪ ଧାରା ଲାଗୁ କରାଯାଇଥିବାରୁ ସେମାନଙ୍କୁ ସେଠାକୁ ଯିବାକୁ ଦିଆଯାଇପାରିବନି ବୋଲି ପୁଲିସ କହିଥିଲା। କିନ୍ତୁ ସମସ୍ତେ ଏକାଠି ନ ଯାଇ ଜଣ ଜଣ କରି ଯିବାକୁ ଉକ୍ତ ଟିମ୍ କହିଥିଲେ ହେଁ ପୁଲିସ ସେମାନଙ୍କ କଥା ଶୁଣି ନଥିଲା। ପୁଲିସର ଏଭଳି ଆଭିମୁଖ୍ୟକୁ ବିରୋଧ କରି ଟିମ୍ ସଦସ୍ୟମାନେ ରାସ୍ତାରେ ଧାରଣା ଦେଇଥିଲେ। ଏହାପରେ ସେଠାରେ ହଙ୍ଗାମା ହେବା ପରେ ପୁଲିସ ସମସ୍ତ ସଦସ୍ୟଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପୁଲିସ ଜାଣିଶୁଣି ଆମକୁ ଅଟକାଇ ସମସ୍ୟା ସୃଷ୍ଟି କରୁଛି ବୋଲି ଟିମ୍ ସଦସ୍ୟମାନେ କହିଛନ୍ତି। ପୁଲିସ କ'ଣ ପାଇଁ ଏଠାକାର ପୀଡିତାମାନଙ୍କୁ ଭେଟିବାକୁ ଦେଉ ନାହିଁ ବୋଲି ସେମାନେ ପ୍ରଶ୍ନ କରିବା ସହିତ ଏହାର ଉତ୍ତର ରଖିବା ଉଚିତ ବୋଲି ଟିମ୍ ସଦସ୍ୟମାନେ କହିଛନ୍ତି।



# ଗୋଳାବାରୁଦ କାରଖାନାରେ ବିସ୍ଫୋରଣ

**୧୦ କିମି ଅଞ୍ଚଳରେ ଖେଳିଗଲା ଆଲୋକ; ଉଡ଼ିଗଲା ଗୋଦାମଘର ଛାତ**



■ **ବଲାଙ୍ଗିର/ସଇଁତଳା, ୨୫।୨ (ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ଅଧୀନ ବଡ଼ମାଲ ଗୋଳାବାରୁଦ କାରଖାନାରେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି। ବିସ୍ଫୋରଣଟି ଏତେ ଜୋର ଥିଲାଯେ ପ୍ରାୟ ୧୦ କିମି ଅଞ୍ଚଳରେ ଏହାର ଆଲୋକ ଦେଖିବାକୁ ମିଳିଥିଲା। ଆଖପାଖ ଗାଁରେ ଲୋକେ ବିସ୍ଫୋରଣର ଶବ୍ଦ ଶୁଣି ଭୟଭୀତ ହୋଇଯାଇଥିଲେ। ରବିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ଛୁଟିଦିନ ହୋଇଥିବାରୁ ବିସ୍ଫୋରଣର କାରଣ ଓ କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିପାରି ନାହିଁ। ଗୋଳାବାରୁଦ କାରଖାନାର ୧୭ ନମ୍ବର ୟୁନିଟର ୧୨ ନମ୍ବର ଗୋଦାମରେ ଏହି ବିସ୍ଫୋରଣ ଘଟିଛି। ସେଠାରେ ବିସ୍ଫୋରକ ସାମଗ୍ରୀ ରଖାଯାଇଥିବା ସୂଚନା ରହିଛି। ବିସ୍ଫୋରଣରେ ଗୋଦାମ ଘରର ଛାତ ଉଡ଼ିବା ସହିତ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡ ଜାରି ରହିଥିବାବୋଲେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏ ସମ୍ପର୍କରେ ଗୋଳୋବାରୁଦ କାରଖାନା କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ସୂଚନା ହସ୍ତଗତ ହୋଇ ନାହିଁ।

# ବୀରମହାରାଜପୁରକୁ ଏନ୍‌ଏସି ମାନ୍ୟତା

■ **ଭୁବନେଶ୍ୱର, ୨୫ ।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସବ୍‌ଡ଼ିଭିଜନ ମୁଖ୍ୟାଳୟକୁ ମିଳିଛି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ମାନ୍ୟତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି। ଶନିବାର ରାଜ୍ୟର ୨୦ଟି ଜିଲ୍ଲାରେ ୩୪ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ଏବଂ ୪ଟି ଜିଲାର ୫ଟି ଏନଏସି ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବୀରମହାରାଜପୁର ଏଥିରେ ସାମିଲ ହେବା ଦ୍ୱାରା ନୂଆ ଏନ୍‌ଏସି ସଂଖ୍ୟା ୩୫ରେ ପହଞ୍ଚିଛି। ରାଜ୍ୟରେ ପୂର୍ବରୁ ୪୮ଟି ମ୍ୟୁନିସିପାଲଟି ଏବଂ ୬୧ଟି ଏନଏସି ଥିଲା। ଶନିବାର ଏବଂ ଆଜିର ଘୋଷଣାକୁ ମିଶାଇଲେ ରାଜ୍ୟରେ ମ୍ୟୁନିସିପାଲିଟି ସଂଖ୍ୟା ୫୩ରେ ପହଞ୍ଚିଥିବା ବେଳେ ଏନଏସି ସଂଖ୍ୟା ୯୧ରେ ପହଞ୍ଚିଛି। ୫ଟି ମହାନଗର ନିଗମକୁ ମିଶାଇଲେ ରାଜ୍ୟରେ ମୋଟ ପୌରସଂସ୍ଥା ସଂଖ୍ୟା ୧୪୯ରେ ପହଞ୍ଚିଛି।

# ବୟନଶିଳ୍ପରେ ବିପ୍ଳବ ଆଣିବ 'ୱେଲ୍‌ସ୍ପନ୍'




- **ସୃଷ୍ଟି ହେବ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ**
- **ନିବେଶକଙ୍କୁ ଆକୃଷ୍ଟ କରୁଛି ଶିଳ୍ପ ଅନୁକୂଳ ପରିବେଶ**
- **ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଦେଉଛନ୍ତି ପ୍ରୋତ୍ସାହନ**

■ **ଭୁବନେଶ୍ୱର, ୨୫ ।୨ (ସମିସ):** ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକର ଚୌଦ୍ୱାରଠାରେ ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପରେ ମୋଟ ୩୦୫୦ କୋଟି ଟଙ୍କା ବିନିଯୋଗ ହେବ ଓ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ନିବେଶ ରାଜ୍ୟର ବୟନଶିଳ୍ପର ଭବିଷ୍ୟତକୁ ସମୃଦ୍ଧ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଶିଳ୍ପ ତଥା ବୟନଶିଳ୍ପ ନୀତି ଏହି କ୍ଷେତ୍ରରେ ନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରୁଥିବା ବେଳେ ଆଗାମୀ ଦିନରେ ବୟନଶିଳ୍ପ କ୍ଷେତ୍ରରେ ଓଡ଼ିଶା ବେଶ୍ ସମୃଦ୍ଧ ହୋଇ ପାରିବ ବୋଲି ଆଶା ସଞ୍ଚାର ହୋଇଛି ।

ଚୌଦ୍ୱାରରେ ପୂର୍ବରୁ କାର୍ଯ୍ୟକ୍ଷମ ଓଡ଼ିଶା ଟେକ୍ସଟାଇଲ ମିଲ୍ସର ସୁଖ୍ୟାତି ଶିଖର ଛୁଇଁଥିଲା। ଉତ୍ତମ ଉତ୍ପାଦ ପ୍ରସ୍ତୁତ କରିବାରେ ଓଡ଼ିଶାର ଇତିହାସ ରହିଛି । ସେହି ମାଟିରେ ଟେକ୍ସଟାଇଲ୍ କମ୍ପେଲକ୍ସ ସ୍ଥାପନ ଚୌଦ୍ୱାରର ହୃତ ଗୌରବ ଫେରାଇ ଅଣାଯିବା ସହ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବୟନଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ବିଶେଷକରି ରାଜ୍ୟ ସରକାରଙ୍କ ଟେକ୍ସଟାଇଲ ନୀତି ୨୦୨୨ ଏହି କ୍ଷେତ୍ରରେ ନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବାରେ ବହୁମାତ୍ରାରେ ସଫଳ ହୋଇଥିବା ଆଲୋଚନା ହେଉଛି। ଓଡ଼ିଶାର ବର୍ତ୍ତମାନ ହସ୍ତତନ୍ତ ଏବଂ ବୟନଶିଳ୍ପ ବଜାର ପ୍ରାୟ ୬୦୦ କୋଟି ଟଙ୍କାରୁ ଉଦ୍ଧ୍ୱର୍ ମୂଲ୍ୟର ହୋଇଥିବା ବେଳେ ପ୍ରାୟ ୨.୫ ଲକ୍ଷ କାରିଗର ଏହାସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଜଡ଼ିତ ଅଛନ୍ତି। ଉପରୋକ୍ତ ନୀତି ପ୍ରଣୟନ ପରେ ଓଡ଼ିଶାର ଏହି ବୟନଶିଳ୍ପ ବଜାରର ଆକାର ବହୁଗୁଣିତ ହେବା ସହ ରାଜ୍ୟ ବାହାରେ ଥିବା ଓଡ଼ିଆ ଶ୍ରମିକ ଘରକୁ ଫେରିଆସିବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ଅନୁରୂପ ଭାବରେ ରାଜ୍ୟରେ ଉତ୍ପାଦିତ ହେଉଥିବା କପା ଓ ବୟନ ସାମଗ୍ରୀର ମଧ୍ୟ ଉପଯୁକ୍ତ ବିନିଯୋଗ ହୋଇପାରିବ । ନିକଟ ଅତୀତରେ ରାଜ୍ୟର ଶିଳ୍ପ ଅନୁକୂଳ ନୀତି, ଶୃଙ୍ଖଳିତ ଆଇନ ଶୃଙ୍ଖଳା ପରିସ୍ଥିତି, କଞ୍ଚାମାଲର ଉପଲବ୍ଧତା , ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସର୍ବୋପରି ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ସରକାରୀ ରିଆତି ଏବଂ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଯୋଗୁଁ ଓଡ଼ିଶା ଏବେ ▶ପୃଷ୍ଠା-୯

## ଲୋକକଥା



ନୂଆ ମ୍ୟୁନିସିପାଲ୍ଟି, ଏନ୍‌ଏସି ହୋଇଲା
ଶାସନ ସରଳ କରିବା ପାଇଁ,
ଜନତାଏ ହରକତ ହେବେନାହିଁ
ଧାଇଁ ଧାଇଁ ଥକି ପଡ଼ିବେ ନାହିଁ !
ଲୋକଙ୍କୁ ସୁବିଧା ଯୋଗେଇ ଦେଇ,
ପ୍ରଗତିର ଗତି ତ୍ୱରାନ୍ୱିତ ହୁଏ
'ଶଙ୍ଖ' ସବୁ ଦୁଃଖ ନିଏ ହରେଇ !!

**ବିକାଶ ଓ ବିଶ୍ୱାସ**

# ୨୦୨୪ରେ ଐତିହାସିକ ବିଜୟ

**ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କ ଦୃଢ଼ୋକ୍ତି**



- **ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି ୧୦ ହଜାରରୁ ଅଧିକ**
- **ମୁଖ୍ୟମନ୍ତ୍ରୀଙ୍କ ପ୍ରତି ବର୍ଦ୍ଧିତ ସମର୍ଥନ ଓ ଭଲପାଇବାର ପ୍ରମାଣ**
- **ଆବେଦନକାରୀଙ୍କ ମଧ୍ୟରେ ଜାତୀୟ ଦଳର ନେତା ଓ ବହୁ ବୃତ୍ତିଧାରୀ**

■ **ଭୁବନେଶ୍ୱର, ୨୫ ।୨ (ସମିସ):** ରାଜ୍ୟରେ ରୂପାନ୍ତରଣ ପର୍ବ ଜାରି ରହିଥିବା ବେଳେ ଏକ ନୂଆ ଓଡ଼ିଶା ଗଠନ ପଥେ ଓଡ଼ିଶା ଅଗ୍ରସର ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନକୁ ସାଧାରଣ ଲୋକେ ବାରମ୍ବାର ସ୍ୱୀକୃତି ପ୍ରଦାନ କରି ଆସିଛନ୍ତି ଓ ଆସନ୍ତା ସାଧାରଣ ନିର୍ବାଚନରେ ଏହାର ପୁନରାବୃତ୍ତି ଘଟିବ ବୋଲି ବିଭିନ୍ନ ସର୍ଭେ ସଂସ୍ଥା ପକ୍ଷରୁ ଆକଳନ ପ୍ରକାଶ ପାଉଛି। ବିଜେଡି ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଏବଂ ସମର୍ଥନ ଆକାଶଛୁଆଁ ହୋଇଥିବା ବେଳେ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବାକୁ ପ୍ରାୟ ୧୦ ହଜାର ବ୍ୟକ୍ତିବିଶେଷ ଆଗ୍ରହ ପ୍ରକାଶ କରି ଆବେଦନ କରିଛନ୍ତି। ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆକାଶଛୁଆଁ ଲୋକପ୍ରିୟତା ଏବଂ ସାଧାରଣ ଲୋକଙ୍କ ଭଲପାଇବାକୁ ପ୍ରମାଣିତ କରୁଛି। ଆସନ୍ତା ନିର୍ବାଚନରେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ବଳରେ ବିଜୁ ଜନତା ଦଳ ଐତିହାସିକ ବିଜୟ ଲାଭ କରିବ ବୋଲି ମତବ୍ୟକ୍ତ କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ରାଜ୍ୟର ବିକାଶ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ରାଜ୍ୟବାସୀଙ୍କ ବିଶ୍ୱାସ ବିଜେଡିକୁ ବିପୁଳ ବିଜୟ ଦେବ ବୋଲି କହିଛନ୍ତି ପ୍ରଣବପ୍ରକାଶ।

ସାମାଜିକ ଗଣମାଧ୍ୟମରେ 'ଏକ୍ସ'ରେ ଶ୍ରୀ ଦାସ କହିଛନ୍ତି ଯେ ବିଗତ କିଛି ବର୍ଷ ଧରି ଜାତୀୟସ୍ତରର ସବୁ ସର୍ଭେ ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ୧ନମ୍ବର ମୁଖ୍ୟମନ୍ତ୍ରୀର ମାନ୍ୟତା ଓ ଗୌରବ ପ୍ରଦାନ କରିଛି। ସେହିଭଳି ୨୦୨୨ ପଞ୍ଚାୟତ ନିର୍ବାଚନରେ ୫୨ ପ୍ରତିଶତରୁ ଅଧିକ ଭୋଟ ହାର ସାଙ୍ଗକୁ ୩୦ ରୁ ୩୦ ଜିଲ୍ଲା ପରିଷଦରେ ଜିତାଇ, ବିଜୁ ଜନତା ଦଳ ଯେ ଓଡ଼ିଶାର ୧ ନମ୍ବର ରାଜନୈତିକ ଦଳ ତାହା ଓଡ଼ିଶାବାସୀ ପ୍ରମାଣିତ କରିଛନ୍ତି। ଏହା ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲପାଇବାକୁ ପ୍ରତିପାଦିତ କରୁଛି। ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟ ପାଇଁ ୧୦ ହଜାରରୁ ଅଧିକ ଆବେଦନ ଦଳ ନିକଟରେ ପହଞ୍ଚିଛି। ଅତ୍ୟନ୍ତ ଖୁସିର କଥା ଯେ ବହୁ ସଂଖ୍ୟକ ବୃତ୍ତିଧାରୀ ଏବଂ ଜାତୀୟ ରାଜନୈତିକ ଦଳମାନଙ୍କର ନେତାମାନେ ମଧ୍ୟ ବିଜେଡି ଟିକେଟ ପାଇଁ ଆବେଦନ କରୁଛନ୍ତି। ଆମର ▶ପୃଷ୍ଠା-୯

# ଟ୍ରକ୍‌କୁ ପିଟିଲା କାର; ଦୁଇ ମୃତ



■ **ବାଲେଶ୍ୱର, ୨୫ ।୨ (ସମିସ):** ରବିବାର ଅପରାହ୍ନରେ ସଦର ଥାନା ଅଧୀନ କୁରୁଡା ଓଭରବ୍ରିଜ ଉପରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ସମ୍ମୁଖରୁ ଆସୁଥିବା ଏକ ଟ୍ରକ ସହ ପିଟି ହୋଇଯାଇଥିଲା। ଫଳରେ କାରରେ ଥିବା ଦୁଇ ଜଣ ବ୍ୟକ୍ତିଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ମୃତକମାନେ ହେଲେ ଔପଦା ଅଞ୍ଚଳର ଶ୍ରୀକାନ୍ତ ପଣ୍ଡା(୪୫) ଏବଂ ନୀଳଗିରି ଥାନା ବାଙ୍କିପଦା ଅଞ୍ଚଳର ମାୟାଧର ରାଜ(୪୫)। ସୂଚନା ଅନୁସାରେ, ମାୟାଧର ଓ ଶ୍ରୀକାନ୍ତ ଏକ କାର ଯୋଗେ ବାଲେଶ୍ୱର ଆସୁଥିଲେ। କୁରୁଡା ଓଭରବ୍ରିଜ ନିକଟରେ କଲିକତା ଆଡୁ ସୋର ▶ପୃଷ୍ଠା-୯

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-242 ◆BHUBANESWAR ◆MONDAY ◆26 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୨ ◆ଭୁବନେଶ୍ୱର ◆ସୋମବାର ◆୨୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ପ୍ରଥମଶ୍ରେଣୀରେ ନାମଲେଖା ପାଇଁ ସର୍ବନିମ୍ନ ବୟସ ୬ବର୍ଷ

**ଭୁବନେଶ୍ୱର, ୨୫ ।୨(ସମିସ):** ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ଶିଶୁଙ୍କୁ ସର୍ବନିମ୍ନ ୬ ବର୍ଷ ହୋଇଥିବା ଆବଶ୍ୟକ। ନୂତନ ଜାତୀୟ ଶିକ୍ଷାନୀତି ଓ ଆର୍‌ଟିଇ ନିୟମ ଅନୁଯାୟୀ ଏହାକୁ ଲାଗୁ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି। ଆସନ୍ତା ଶିକ୍ଷାବର୍ଷ ଅର୍ଥାତ ୨୦୨୪-୨୫ ଶିକ୍ଷାବର୍ଷରୁ ନାମଲେଖା ପାଇଁ ସର୍ବନିମ୍ନ ବୟସ ସୁନିଶ୍ଚିତ କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ର ସାଶିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ବିଜ୍ଞପ୍ତି ବା ନିର୍ଦ୍ଦେଶନାମା ଜାରି କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କୁହାଯାଇଛି।






## ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଏଏସ୍‌ଆଇ

**ନିଆଳି /ଭୁବନେଶ୍ୱର, ୨୫ ।୨(ସମିସ):** ୨ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନିଆଳି ଥାନାର ଏଏସ୍‌ଆଇ ବିଜୟ କୁମାର ଭଞ୍ଜ। ତାଙ୍କ ନିକଟରୁ କେମିକାଲ ବୋଳା ୨ହଜାର ଟଙ୍କା ଜବତ କରାଯିବା ପରେ ତାଙ୍କ ନାମ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି।



**ସମ୍ପର୍କୀୟଙ୍କୁ ଫସାଇବାକୁ ଧମକ ଦେଇ ୨ହଜାର ଟଙ୍କା ମାଗିଥିଲେ**

ସୂଚନା ଅନୁସାରେ, ଜଣେ ବ୍ୟକ୍ତି ନିଆଳି ଥାନାରେ ଏକ ମାମଲା ନେଇ ଅଭିଯୋଗ କରିଥିଲେ। କିନ୍ତୁ ବିଜୟ ଓଲଟି ଅନ୍ୟ ଏକ ମାମଲାରେ ତାଙ୍କର ସମ୍ପର୍କିୟଙ୍କୁ ଫସାଇବାକୁ ଧମକ ଦେଇ ୨ହଜାର ଟଙ୍କା ମାଗିଥିଲେ। ବାଧ୍ୟ ହୋଇ ଅଭିଯୋଗକାରୀ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଯୋଜନା ଅନୁସାରେ ତାଙ୍କୁ ଧରିବା ପାଇଁ ଛକି ରହିଥିଲେ। ନିଆଳି ଫିଲ୍ମ ହଲ୍ ରାସ୍ତାରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାକୁ ମାଡ଼ି ବସିଥିଲେ। ଏହାପରେ କେମିକାଲ ବୋଳା ଲାଞ୍ଚ ଟଙ୍କା ତାଙ୍କ ପକେଟ୍‌ରୁ ଜବତ କରାଯାଇଥିଲା। ତାଙ୍କ ହାତକୁ ପାଣିରେ ଧୋଇବା ପରେ ତାହା କେମିକାଲର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହାପରେ ସେ ରହୁଥିବା ନିଆଳି ଏବଂ ପୈତୃକ ବାସଭବନ ଖୋର୍ଦ୍ଧା ହଳଦିଆ ସ୍ଥିତ ଘରେ ଚଢାଉ କରାଯାଇ ଯାଞ୍ଚ କରାଯାଇଛି।

# କଳାହାଣ୍ଡି ବିଜେପିକୁ ଶକ୍ତ ଧକ୍କା

## ବିଜେଡିରେ ସାମିଲ ହେଲେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ୧୬ ସମିତି ସଭ୍ୟ

**ଭୁବନେଶ୍ୱର, ୨୫।୨(ସମିସ):** କଳାହାଣ୍ଡି ଜିଲ୍ଲା ବିଜେପିକୁ ଲାଗିଛି ଶକ୍ତ ଧକ୍କା। ରବିବାର ଦିନ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ୧୬ ସମିତି ସଭ୍ୟଙ୍କ ସହ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖଭବନ ଠାରେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଉପସ୍ଥିତିରେ ଏହି ନେତାମାନେ ଦଳରେ ସାମିଲ ହୋଇଛନ୍ତି। ନବାଗତମାନଙ୍କୁ ଡ଼ ପାତ୍ର, ଶ୍ରୀ ବଳବନ୍ତରାୟ ଓ ଶ୍ରୀ ସିଂହଦେଓ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଳାହାଣ୍ଡି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ନେତୃବୃନ୍ଦ ବିଶ୍ୱାସବ୍ୟକ୍ତ କରିଛନ୍ତି।



ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ କୁମାର ସାହୁ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ, ସମିତି ସଭ୍ୟ ସନ୍ତୋଷ ଦାଶ, ନଳିନୀ ମାଝୀ, ଗୀତା ସାହୁ, ଦାମ ଧରୁଆ, ତିଳୋତ୍ତମା ଜାଲ, ବଲବୀ ନାୟକ, ବିଦ୍ୟାଧର ହଞ୍ଜା, ସାଧବୀ ମାଝୀ, ଶୁକ୍ରୁ ମାଝୀ, ଜଗମୋହନ ମାଝୀ, ଗୋପାଳ ରଣା, ଟେକରାଜ ସାହୁ, ନୀଳେନ୍ଦ୍ରି ଝଙ୍କାର, ଜନନୀ ବେମଲ, ସୁମନ୍ତ ପାଢ଼ୀ, ଜଗଦୀଶ, ପୁର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ସାହୁ, ମେମ୍ବର ଜଗଦୀଶ ଭୋଇ, ବେଲାସେନ ଜାନୀ, ମନୋଜ ଜାନ, ପରମେଶ୍ୱର ଝଙ୍କାର, ବିଶ୍ୱନାଥ ମାଝୀ, ଘାସୀ ମାଝୀ, ଦୟା ବେମଲ, ଜନନୀ ବେମଲଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଛନ୍ତି। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଓଡ଼ିଶାର ବିକାଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ସମସ୍ତଙ୍କୁ କିମିଆଁ କରିଛି। ଦେଶରୁ ବିଦେଶ ଯାଏ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ। ଏତେ ବୟସରେ ବି ସେ ଅବିଶ୍ରାନ୍ତ ଭାବେ ଓଡ଼ିଶାବାସୀଙ୍କ ସେବା କରୁଛନ୍ତି। ରାଜନୀତିର ପରିଭାଷାକୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରି ସେବା ନୀତିରେ ପରିଣତ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛୁ। ଦଳ ଆଗକୁ ଯାହା ଦାୟିତ୍ୱ ଦେବ ତାକୁ ସୁଚାରୁ ରୂପେ ତୁଲାଇବୁ। କଳାହାଣ୍ଡି ଜିଲ୍ଲାରେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ଏବଂ ସରକାରୀ ଯୋଜନାର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବା ଦିଗରେ ନିଷ୍ଠାପର ଉଦ୍ୟମ କରିବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଛନ୍ତି। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଛନ୍ତି।




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-242 ◆BHUBANESWAR ◆MONDAY ◆26 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୨ ◆ଭୁବନେଶ୍ୱର ◆ସୋମବାର ◆୨୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ; ବହୁ ମାଓ ସାମଗ୍ରୀ ଜବତ

■ **ମାଲକାନଗିରି, ୨୫।୨ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ସୁରକ୍ଷା ବାହିନୀର ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ଯେଉଁଥିରେ ଯବାନଙ୍କ ଗୁଳିରେ ତିନି ଜଣ ମାଓବାଦୀ ନିହତ ହୋଇଥିବାବେଳେ ଘଟଣାସ୍ଥଳରୁ ଦୁଇଟି ବନ୍ଧୁକ ସହ ଅନେକ ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ସୂଚନାନୁଯାୟୀ, ଛତିଶଗଡ଼ର କୋଇଲିବେଡ଼ା ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ନେଇ ସୁରକ୍ଷାକର୍ମୀଙ୍କୁ ଗୁଇନ୍ଦା ସୂଚନା ମିଳିଥିଲା । ଏ ନେଇ ଡିଆରଜି ଓ ବିଏସଏଫ ବାହିନୀ ପକ୍ଷରୁ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ଉ କରି ତଲାସି ଅଭିଯାନ ଆରମ୍ଭ କରଯାଇଥିଲା । ଏହି ସମୟରେ ପୂର୍ବରୁ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ । ଯାହାର ପାଲଟା ଜବାବ ଦେଇ ଯବାନମାନେ ମଧ୍ୟ ଗୁଳିଚାଳନା କରିଥିବାବେଳେ ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଗୁଳିବିନିମୟ ହୋଇଥିଲା । ଏହାପରେ ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ସେଠାରୁ ଲୁଚି ପଳାଇଥିବାବେଳେ ଯବାନମାନେ ପୁନଃ ତଲାସିବେଳେ ୩ ମାଓବାଦୀଙ୍କ ମୃତଦେହ ଏବଂ ଅନେକ ମାଓ ଅସ୍ତ୍ରଶସ୍ତ୍ର ଜବତ କରିଥିଲେ । ଯେଉଁଥିରେ ଦୁଇଟି ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଓ ମାଓ ସମଗ୍ରୀ ରହିଥିବାବେଳେ ଯବାନମାନେ ବର୍ତ୍ତମାନ ମଧ୍ୟ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି ।


DSPL-722

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

ଆମ ହସ୍ପିଟାଲ

୧୫ ଜିଲ୍ଲାର
୬୭ଟି ସରକାରୀ ଚିକିତ୍ସାଳୟର
ଆମ ହସ୍ପିଟାଲ୍‌ରେ ରୂପାନ୍ତର,
୩୦୦ ଶଯ୍ୟାବିଶିଷ୍ଟ ସୁବର୍ଣ୍ଣପୁରର
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,
ଏବଂ
ଝାରସୁଗୁଡ଼ାରେ ୧୦୦ ଶଯ୍ୟାବିଶିଷ୍ଟ
ବି.ଏମ୍.ଆର.ସି ହୃଦ୍‌ରୋଗ ଚିକିତ୍ସାଳୟର
ଉଦ୍‌ଘାଟନ

ବେଗୁନିଆ, ଖୋର୍ଦ୍ଧାରେ
ଉପ ଜିଲ୍ଲା ଚିକିତ୍ସାଳୟର
ଭିତ୍ତିପ୍ରସ୍ତର ସ୍ଥାପନ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ଶୁଭାରମ୍ଭ
୨୬ ଫେବୃଆରୀ ୨୦୨୪ ॥ ଅପରାହ୍ନ ୪ଟା ୩୦








OIPR-10084/13/0054/2324

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ




## ପାକିସ୍ତାନକୁ ରାବୀ ନଦୀ ଜଳ ବନ୍ଦ

ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): ପାକିସ୍ତାନକୁ ରାବୀ ନଦୀର ଜଳ ଆଦୌ ନ ଛାଡ଼ିବାକୁ ଭାରତ ସ୍ଥିର କରିଛି । ଆଜିଠାରୁ ଏହି ନଦୀର ଜଳ ପାକିସ୍ତାନକୁ ଛଡ଼ା ଯାଉ ନାହିଁ। ନଦୀ ଉପରେ ପଞ୍ଜାବ ଓ ଜମ୍ମୁ-କାଶ୍ମୀର ସୀମାରେ ଥିବା ଶାହପୁର ବ୍ୟାରେଜ ନିର୍ମାଣ ସରିଛି । ପୂର୍ବରୁ ରାବୀ ନଦୀରୁ ୧୧୫୦ କ୍ୟୁସେକ୍ ଜଳ ପାକିସ୍ତାନକୁ ଛଡ଼ାଯାଉଥିଲା । ଏବେ ସେହି ଜଳ କଠୁଆ ଓ ସାମ୍ବା ଜିଲ୍ଲାର ୩୨ହଜାର ହେକ୍ଟର ଜମିରେ ସେଚନ ପାଇଁ ବ୍ୟବହୃତ ହେବ । ପୁଣି ଏହି ଶାହପୁର ବ୍ୟାରେଜରୁ ଜଳବିଦ୍ୟୁତ ଉତ୍ପାଦନ ହେବ । ଭାରତ ଓ ପାକିସ୍ତାନ ୧୯୬୦ରେ ସ୍ୱାକ୍ଷର କରିଥିବା ସିନ୍ଧୁ ଜଳଚୁକ୍ତି ଅନୁଯାୟୀ ରାବୀ, ସତଲେଜ ଓ ବେୟାସ ନଦୀର ଜଳ ଉପରେ ଭାରତର ଏବଂ ସିନ୍ଧୁ, ଝେଲମ ଓ ଚେନାବ ନଦୀର ଜଳ ଉପରେ ପାକିସ୍ତାନର ହକ୍ ରହିଛି ।

## ନ୍ୟୁୟର୍କରେ ଭାରତୀୟ ସାମ୍ବାଦିକଙ୍କ ମୃତ୍ୟୁ

ନ୍ୟୁୟର୍କ, ୨୫।୨ (ଏଜେନ୍ସି): ନ୍ୟୁୟର୍କର ଏକ କୋଠାରେ ନିଆଁ ଲାଗି ଭାରତୀୟ ସାମ୍ବାଦିକ ଫାଜିଲ ଖାନଙ୍କ ମୃତ୍ୟୁ ହୋଇଛି । ଭାରତୀୟ ଦୂତାବାସ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି । ମୃତଦେହ ଭାରତ ପହଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି । ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ହାର୍ଲେମ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଇ-ବାଇକର ଲିଥିୟମ-ଆୟନ ବ୍ୟାଟେରୀ ଯୋଗୁଁ ନିଆଁ ଲାଗି ଯାଇଥିଲା । ଅଗ୍ନିକାଣ୍ଡରେ ୧୭ ଜଣ ମଧ୍ୟ ଆହତ ହୋଇଛନ୍ତି । ଦିଲ୍ଲୀର ବାସିନ୍ଦା ଫାଜିଲ ୨୦୨୦ରେ କଲମ୍ବିୟା ୟୁନିଭର୍ସିଟିରୁ ସାମ୍ବାଦିକତାରେ ଡିଗ୍ରୀ କରିଥିଲେ ।

## ମୁସଲିମ୍ ଧର୍ମଗୁରୁଙ୍କୁ ବିଦାକଲା ଫ୍ରାନ୍ସ

ପ୍ୟାରିସ, ୨୫।୨ (ଏଜେନ୍ସି): ଫ୍ରାନ୍ସ ସରକାର ମୁସଲିମ ଧର୍ମଗୁରୁ ଇମାମ ମହଜୁବ ମହଜୁବିଙ୍କୁ ଦେଶରୁ ବାହାର କରିଦେଇଛନ୍ତି । ସେ ଦେଶର ଜାତୀୟ ପତାକାକୁ ଅପମାନିତ କରିଥିଲେ। ସେ ପତାକା ରାକ୍ଷସ ଭଳି ଦିଶୁଛି ବୋଲି କହିଥିଲେ। ଏହାର କିଛି ଘଣ୍ଟା ମଧ୍ୟରେ ସରକାର ତାଙ୍କୁ ଗିରଫ କରିଥିଲେ। ପରେ ଦେଶରୁ ବିଦା କରିବାକୁ ନିଷ୍ପତ୍ତି ନେଇଥିଲେ। ଫ୍ରାନ୍ସରେ ଚରମପନ୍ଥୀଙ୍କୁ କେବେ ବି ବରଦାସ୍ତ କରାଯିବ ନାହିଁ ବୋଲି ଗୃହମନ୍ତ୍ରୀ ଗେରାଲ୍ଡ ଡାର୍ମେନିନ କହିଛନ୍ତି । ଏହି ଇମାମ ଟ୍ୟୁନିସିଆ ନାଗରିକ ।

## ନିର୍ଦ୍ଦେଶକ କୁମାର ସାହନିଙ୍କ ପରଲୋକ

କୋଲକାତା, ୨୫।୨ (ଏଜେନ୍ସି): 'ମାୟା ଦର୍ପଣ' ଏବଂ 'ତରଙ୍ଗ' ଭଳି ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ର ଭେଟି ଦେଇଥିବା ପ୍ରସିଦ୍ଧ ନିର୍ଦ୍ଦେଶ କୁମାର ସାହନି (୮୩) ଙ୍କ ରବିବାର ପରଲୋକ ହୋଇଛି। ସେ କୋଲକାତାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ବୃଦ୍ଧାବସ୍ଥା ଜନିତ ରୋଗରେ ପୀଡ଼ିତ ଥିଲେ । ଅଭିନେତ୍ରୀ ମିତା ବଶିଷ୍ଠ ଏହି ସୂଚନା ଦେଇଛନ୍ତି । ସେ ସାହନିଙ୍କ ସହ ବାର ବାର ବାରୀ, ଘାୟଲ ଗାଥା ଏବଂ କସ୍‌ବା ଭଳି ଚଳଚ୍ଚିତ୍ରରେ କାମ କରିଥିଲେ । ନିର୍ଦ୍ଦେଶକ ବ୍ୟତୀତ ସାହନି ଲେଖକ ଏବଂ ଶିକ୍ଷକ ଭାବେ ପିରିଚିତି ଲାଭ କରିଥିଲେ।

## ଆଇଏନ୍‌ଏଲ୍‌ଡି ପ୍ରଦେଶ ଅଧ୍ୟକ୍ଷଙ୍କୁ ହତ୍ୟା



ଚଣ୍ଡିଗଡ଼, ୨୫।୨ (ଏଜେନ୍ସି): ଇଣ୍ଡିଆନ ନ୍ୟାସନାଲ ଲୋକଦଳ (ଆଇଏନଏଲଡି) ର ପ୍ରଦେଶ ଅଧ୍ୟକ୍ଷ ନଫେ ସିଂହ ରାଠିଙ୍କୁ ଗୁଳି ମାରି ହତ୍ୟା କରାଯାଇଛି । ପୁଲିସ ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ହରିୟାଣା ଝଜର ଜିଲ୍ଲା ବହାଦୂରଗଡ଼ର ବରାହି ଫାଟକ ନିକଟରେ କିଛି ଅପରାଧୀ ଆଇ-୨୦ କାର୍‌ରେ ଆସି ତାଙ୍କ ଫର୍ଚ୍ୟୁନର କାର୍ ଉପରକୁ ଅତର୍କିତ ଗୁଳି ମାଡ଼ କରିଥିଲେ । ଏହି ସମୟରେ ରାଠି ଆଗ ସିଟ୍‌ରେ ବସି ଥିଲେ। ତାଙ୍କ ବେକ ଏବଂ ଅଣ୍ଟାରେ ଗୁଳି ବାଜିଥିଲା। ଏଥିରେ ତାଙ୍କର ଜଣେ ସୁରକ୍ଷାକର୍ମୀ ମଧ୍ୟ ପ୍ରାଣ ହରାଇଛନ୍ତି । ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ହତ୍ୟା ପଛରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଥିବା କୁହାଯାଉଛି ।

## ୨୨ ବର୍ଷ ପରେ ସିମି ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): ବେଆଇନ ଘୋଷିତ ସଂଗଠନ ଷ୍ଟୁଡେଣ୍ଟସ ଇସଲାମିକ୍ ମୁଭମେଣ୍ଟ ଅଫ୍ ଇଣ୍ଡିଆ(ସିମି) ର ଆତଙ୍କବାଦୀ ହନିଫ ଶେଖକୁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ ରବିବାର ଗିରଫ କରିଛି । ସେ ୨୨ ବର୍ଷ ଧରି ଫେରାର ଥିଲା। ତା ବିରୋଧରେ ରାଜଦ୍ରୋହ ଓ ୟୁଏପିଏ ଆଇନ ଅଧୀନରେ ମାମଲା ଚାଲିଛି । ସେ ସିମିର ପତ୍ରିକା 'ଇସଲାମିକ୍ ମୁଭମେଣ୍ଟ'ର ସମ୍ପାଦକ ଥିଲା । ମୁସଲିମ୍ ଯୁବକମାନଙ୍କୁ ସେ ବିଭିନ୍ନ ପ୍ରଲୋଭନ ଦେଖାଇ ସିମିର ସଦସ୍ୟ କରାଉଥିଲା ।

## ଉତ୍ତରପ୍ରଦେଶ ବାଣ କାରଖାନାରେ ବିସ୍ଫୋରଣ ; ୭ ମୃତ

ଲକ୍ଷ୍ନୌ,୨୫।୨(ଏଜେନ୍ସି) : ଉତ୍ତରପ୍ରଦେଶର କଶୋମ୍ବି ଜିଲ୍ଲାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୭ ଜଣଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରୁ କିଛି ଲୋକଙ୍କ ଅବସ୍ଥା ଗମ୍ଭୀର ଥିବାରୁ ମୃତ୍ୟୁସଂଖ୍ୟା ବଢିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ରବିବାର ପ୍ରାୟ ୧୨ଟା ବେଳେ କଶୋମ୍ବି ଜିଲ୍ଲା କୋଖ୍‌ରାଜ ଥାନା ଅନ୍ତର୍ଗତ ମାହେବା ଗ୍ରାମ ନିକଟରେ ଥିବା ଏକ ବାଣ କାରଖାନାରେ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା । ଏହାପରେ ସଂପୃକ୍ତ କାରଖାନାରେ ନିଆଁ ଲାଗି ଯିବା ସହିତ ଘଣ୍ଟା ଘଣ୍ଟା ଧରି ବିସ୍ଫୋରଣ ଘଟି ଚାଲିଥିଲା । ଏହି ଘଟଣା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକଙ୍କୁ ଭୟଭୀତ କରିଥିଲା ବେଳେ ଘଟଣା ସମ୍ପର୍କରେ ଖବର ପାଇ ୧୦ ରୁ ଅଧିକ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହି କାରଖାନା ସାହିଦ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଚାଲୁଥିଲା । ତେବେ ବିସ୍ଫୋରଣରେ ସାହିଦଙ୍କ ମୃତ୍ୟୁ ହୋଇଛି ବୋଲି ଉତ୍ତରପ୍ରଦେଶ ଅତିରିକ୍ତ ଡିଜି କହିଛନ୍ତି ।

# ହେପାଜତରେ ୨୭୦ ମହିଳାଙ୍କୁ ଦୁଷ୍କର୍ମ

**ପୁଲିସ, ରିମାଣ୍ଡ ହୋମ୍ କର୍ମଚାରୀ ଅଭିଯୁକ୍ତ**

ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି): କେବଳ ସମାଜ ନୁହେଁ, ପୁଲିସ ହେପାଜତରେ ମଧ୍ୟ ମହିଳା ସୁରକ୍ଷିତ ନୁହଁନ୍ତି । ନର ପିଚାଶ କେବଳ ନାରୀଙ୍କୁ ଭୋଗ୍ୟବସ୍ତୁ ଭାବେ ଦେଖୁଛନ୍ତି । ଏଭଳି ଅପରାଧୀ ସବୁଠି ଅଛନ୍ତି। ଏମାନଙ୍କ ଲୋଲୁପ ଦୃଷ୍ଟିରୁ ହେପାଜତରେ ଥିବା ମହିଳା ବି ବାଦ୍ ପଡୁନାହାନ୍ତି । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟରୁ ଏଭଳି ଭୟାନକ ସୂଚନା ମିଳିଛି । ୨୦୧୭ରୁ ୨୨ ମଧ୍ୟରେ ହେପାଜତରେ ୨୭୦ରୁ ଅଧିକ ଦୁଷ୍କର୍ମ ମାମଲା ରୁଜୁ କରାଯାଇଛି। ମହିଳା ଅଧିକାର କର୍ମୀ ଏଥିପାଇଁ ଆଇନ ପ୍ରବର୍ତ୍ତନକାରୀ ବ୍ୟବସ୍ଥାର ସମ୍ବେଦନହୀନତା ଏବଂ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି ।

ରିପୋର୍ଟ ଅନୁଯାୟୀ ଏହି ଦୁଷ୍କର୍ମ ଅଭିଯୁକ୍ତଙ୍କ ମଧ୍ୟରେ ପୁଲିସ କର୍ମଚାରୀ, ସରକାରୀ କର୍ମଚାରୀ, ସଶସ୍ତ୍ର ବାହିନୀ ସଦସ୍ୟ, ଜେଲ୍ କର୍ମଚାରୀ, ହେପାଜତ ଗୃହ କର୍ମଚାରୀ, ହେପାଜତ ନିଆଯାଇଥିବା ସ୍ଥାନର ଲୋକେ ଏବଂ ଡାକ୍ତରଖାନା କର୍ମଚାରୀ ସାମିଲ ଅଛନ୍ତି । ଉତ୍ତରପ୍ରଦେଶରୁ ଏହାର ସର୍ବାଧିକ (୯୧) ମାମଲା ଆସିଛି । ଏହା ପଛକୁ ମଧ୍ୟପ୍ରଦେଶ (୪୩) ରହିଛି। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ଏପରି ମାମଲା ଦିନକୁ ଦିନ ହ୍ରାସ ପାଇବାରେ



ଲାଗିଛି । ୨୦୧୭ରେ ୮୯, ୨୦୧୮ରେ ୬୦, ୨୦୧୯ରେ ୪୭, ୨୦୨୦ରେ ୨୯, ୨୦୨୧ରେ ୨୬ ଏବଂ ୨୦୨୨ରେ ୨୪ ମାମଲା ରୁଜୁ ହୋଇଥିଲା । ଭାରତୀୟ ପିଙ୍ଗଳ କୋଡ (ଆଇପିସି)ର ଧାରା ୩୭୬ (୨) ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଥାଏ ।

## ରାହୁଲଙ୍କ 'ଭାରତ ଯୋଡ଼ୋ' ଯାତ୍ରାରେ ଅଖିଳେଶ

ଆଗ୍ରା,୨୫ ।୨(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆଜି ଆଗ୍ରାରେ ପହଞ୍ଚିଛି । ଏହି ଯାତ୍ରାରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଓ ଅପରାହ୍ନରେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଯୋଗଦେଇଛନ୍ତି । ଉତ୍ତରପ୍ରଦେଶରେ କଂଗ୍ରେସ ସହ ଏସ୍‌ପିର ଆସନ ବୁଝାମଣା ଚୂଡ଼ାନ୍ତ ହେବା ପରେ ଅଖିଳେଶ ଏହି ଯାତ୍ରାରେ ସାମିଲ ହୋଇଛନ୍ତି । ଏହି ସମୟରେ ରାହୁଲ କହିଥିଲେ ଯେ ତାଙ୍କର ପ୍ରଥମ ଯାତ୍ରା ବେଳେ ଲୋକେ ସବୁଠି ଅନ୍ୟାୟର ରାଜୁତି ଚାଲିଥିବା ଅଭିଯୋଗ କରିଥିଲେ । ଗରିବ, ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ଯୁବା ଓ ମହିଳାଙ୍କ ପ୍ରତି ଘୋର ଅନ୍ୟାୟ ହେଉଥିବା ଜଣାଇଥିଲେ । ତେଣୁ ଏଥର ଭାରତ ଯୋଡ଼ୋ ଯାତ୍ରାରେ ସେ 'ନ୍ୟାୟ' ଶବ୍ଦ ଯୋଡ଼ିଛନ୍ତି ।

**ଟଳିଲା ମହାବିପତ୍ତି**

# ବିନା ଡ୍ରାଇଭରରେ ୭୦ କିମି ପଳାଇଲା ଟ୍ରେନ୍

ନୂଆଦିଲ୍ଲୀ,୨୫।୨(ଏଜେନ୍ସି): ପଞ୍ଜାବର ପଠାନକୋଟରୁ ଜଳନ୍ଧର ରେଳ ରୁଟ୍‌ରେ ରବିବାର ଏକ ଅଦ୍ଭୁତ ଘଟଣା ସାମ୍ନାକୁ ଆସିଛି । ବିନା ଡ୍ରାଇଭରରେ ଏକ ମାଲଗାଡି ୮୦ ରୁ ୧୦୦ କିମି ବେଗରେ ୬ଟି ଷ୍ଟେସନ ଦେଇ ପ୍ରାୟ ୭୦ କିମି ଅତିକ୍ରମ କରିଥିବା ଜଣାପଡ଼ିଛି। ହେଲେ ଏହି ସମୟରେ କୌଣସି ସ୍ଥାନରେ କିଛି ଅଘଟଣ ଘଟି ନଥିବାରୁ ନିଶ୍ଚିତ ଭାବେ ମହାବିପତ୍ତିରୁ ରକ୍ଷା ମିଳିଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ରବିବାର ସକାଳ ପ୍ରାୟ ସାଢେ ଆଠଟା ବେଳେ ପଞ୍ଜାବର ପଠାନକୋଟ୍ ରେଳ ଷ୍ଟେସନରେ ଏକ ମାଲଗାଡିରେ ଡିଜେଲ ଭର୍ତ୍ତି କରିବା ପରେ ଡ୍ରାଇଭର ଜଣକ ଷ୍ଟାର୍ଟ ଅବସ୍ଥାରେ ଟ୍ରେନକୁ ଛାଡି ପାଖକୁ ଯାଇଥିଲେ। ହେଲେ ସେ ଟ୍ରେନର



ହ୍ୟାଣ୍ଡବ୍ରେକ୍ ଲଗାଇବାକୁ ଭୁଲି ଯାଇଥିଲେ। କିନ୍ତୁ କିଛି ମୁହୂର୍ତ୍ତ ପରେ ଟ୍ରେନ ଗଡିବା ଆରମ୍ଭ କରିବା ସହ ଦ୍ରୁତ ବେଗରେ ଗତି କରିବା ଆରମ୍ଭ କରିଥିଲା। ପରେ ପରେ ଏହାର ବେଗ ବଢି ଚାଲିଥିଲା ଏବଂ ଏହା ଘଣ୍ଟା ପ୍ରତି ୮୦ ରୁ ୧୦୦ କିମି ବେଗରେ ଗତି କରିଥିଲା । ଏହାମଧ୍ୟରେ ଏହି ଟ୍ରେନ ୬ ଟି ଷ୍ଟେସନ ଅତିକ୍ରମ କରିସାରିଥିଲା । ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ରେଳବାଇ କର୍ତ୍ତୃପକ୍ଷ ଲୋକଙ୍କୁ ସତର୍କ କରିବା ସହିତ ବିଭିନ୍ନ ଷ୍ଟେସନରେ ଟ୍ରାକ ଖାଲି କରାଇଥିଲେ । ଯାଇଥିଲା। ତେବେ ଜଳନ୍ଧର ନିକଟସ୍ଥ ଉଚିବାସୀ ଗାଁ ନିକଟରେ ରେଳ ଧାରଣା ଉଚ୍ଚ ସ୍ଥାନ ଦେଇଯାଇଥିବାରୁ ଟ୍ରେନ ଆପେ ଆପେ ଅଟକି ଯାଇଥିଲା । ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦିଆଯିବା ସହିତ ସଂପୃକ୍ତ ଟ୍ରେନ ଡ୍ରାଇଭରଙ୍କୁ ପଚରାଉଚରା ଚାଲିଥିବା ଜଣାପଡ଼ିଛି ।

# ୨ ହଜାର କୋଟିର ଡ୍ରଗ୍ସ ନେଟୱର୍କର ପର୍ଦ୍ଦାଫାସ୍

ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି)

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଏବଂ ଦିଲ୍ଲୀ ପୁଲିସର ମିଳିତ ଟିମ୍ ଶନିବାର ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ନେଟୱର୍କର ପର୍ଦ୍ଦାଫାସ କରିଛି। ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ଡ୍ରଗ୍ସ ପ୍ରସ୍ତୁତରେ ବ୍ୟବହୃତ ୫୦ କେଜି ସ୍ୟୁଡୋଇଫେଡ୍ରାଇନ କେମିକାଲ ଜବତ କରାଯାଇଛି। ଜଣେ ତାମିଲ ଚଳଚ୍ଚିତ୍ର ନିର୍ମାତା ଏହି ନେଟୱର୍କର ମାଷ୍ଟରମାଇଣ୍ଡ ଥିଲେ । ସେ ଏବେ ଫେରାର ଅଛନ୍ତି । ନିର୍ମାତା ଏବଂ ତାଙ୍କ ଗ୍ୟାଙ୍ଗ କେବଳ ୩ ବର୍ଷରେ ୨ ହଜାର କୋଟି ଟଙ୍କାର ଡ୍ରଗ୍ସ ଚୋରାଚାଲଣ କରିଛି। ଏହି କେମିକାଲ (ରସାୟନିକ)କୁ 'ମିକ୍ସ ଫୁଡ୍ ପାଉଡର' ଏବଂ ଶୁଖିଲା ନଡ଼ିଆ ଗୁଣ୍ଡରେ ଲୁଚାଇ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ପଠା ଯାଉଥିଲା । ଗିରଫ ବ୍ୟକ୍ତି ଗତ ତିନି ବର୍ଷରେ ୪୫ ସ୍ୟୁଡୋଇଫେଡ୍ରାଇନ ସିପମେଣ୍ଟ ପଠାଇ ଥିଲେ। ଏଥିରେ ପ୍ରାୟ ୩,୫୦୦ କେଜି ସ୍ୟୁଡୋଇଫେଡ୍ରାଇନ ଥିଲା। ଏହାର ମୂଲ୍ୟ ୨ ହଜାର କୋଟି ଟଙ୍କାରୁ ଅଧିକ ହେବ। ଏହି ଡ୍ରଗ୍ସ ନେଟୱର୍କ ବିଷୟରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରୁ ସୂଚନା ମିଳିଥିଲା।

**ତାମିଲ ଚଳଚ୍ଚିତ୍ର ନିର୍ମାତା ମାଷ୍ଟରମାଇଣ୍ଡ**

## ବିହାରରେ ସଡ଼କ ଦୁର୍ଘଟଣା; ୯ ମୃତ

ପାଟନା, ୨୫।୨ (ଏଜେନ୍ସି): ବିହାର କାଇମୁର ଜିଲ୍ଲା ଦେବକଲି ନିକଟସ୍ଥ ଏନ୍‌ଏଚ୍-୨ରେ ରବିବାର ରାତିରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ସାସାରାମର ବାରାଣସୀ ଅଭିମୁଖେ ଯାଉଥିବା ଏକ ସ୍କର୍ପିଓ ବାଇକକୁ ଧକ୍କା ଦେଇ ଡିଭାଇଡର ପାର କରି ସାମ୍ନାରୁ ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଛି । ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ସ୍କର୍ପିଓରେ ଯାଉଥିବା ଡ୍ରାଇଭରଙ୍କ ସମେତ ୮ ଜଣ ଏବଂ ବାଇକ ଚାଳକ ସାମିଲ ଅଛନ୍ତି । ଏହି ସୂଚନା ମିଳିବା ପରେ ପୁଲିସ ଏବଂ ଏନଏଚଏଆଇ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି । ଏବେ ମାମଲାର ତଦନ୍ତ ଜାରି ରହିଛି ।

■ ଦେଶର ଦୀର୍ଘତମ କେବୁଲ ବ୍ରିଜ୍ ' ସୁଦର୍ଶନ ସେତୁ' ଉଦ୍‌ଘାଟିତ

# ସମୁଦ୍ର ଭିତରେ ଭଗବାନ ଶ୍ରୀକୃଷ୍ଣଙ୍କୁ ମୋଦୀଙ୍କ ପୂଜାର୍ଚ୍ଚନା

ନୂଆଦିଲ୍ଲୀ,୨୫।୨(ଏଜେନ୍ସି)

ଦେଶର ଦୀର୍ଘତମ କେବୁଲ ବ୍ରିଜ୍ ' ସୁଦର୍ଶନ ସେତୁ' ଗୁଜରାଟର ଦ୍ୱାରକାରେ ରବିବାର ଉଦ୍‌ଘାଟିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସେତୁକୁ ଉଦଘାଟନ କରି ବେଟ୍ ଦ୍ୱାରକା ପୀଠରେ ଭଗବାନ ଶ୍ରୀକୃଷ୍ଣଙ୍କୁ ସମୁଦ୍ର ଭିତରେ ପ୍ରାର୍ଥନା କରିଛନ୍ତି । ଗଭୀର ସମୁଦ୍ର ଭିତରେ 'ସ୍କୁବା ଡାଇଭିଂ' କରି ଚଟାଣରେ ବସି ମୋଦୀ ପ୍ରାର୍ଥନା କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ସମୟରେ ସେ ସାଙ୍ଗରେ ନେଇଥିବା ମୟୂର ପୁଚ୍ଛକୁ ମଧ୍ୟ ଭଗବାନ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି । ବେଟ୍ ଦ୍ୱାରକା ପୀଠ ଥିଲା ଭଗବାନ ଶ୍ରୀକୃଷ୍ଣଙ୍କ ନିବାସ ସ୍ଥଳ । ଯାହାକି ପରବର୍ତ୍ତୀ ସମୟରେ



ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲା। ଗୁଜରାଟର ଦ୍ୱାରକା ଜିଲ୍ଲାର ଓଖା ବନ୍ଦର ନିକଟରେ ଏକ ଟାପୁରେ ରହିଥିବା ଏହି ପୀଠ ଦ୍ୱାରକା ଟାଉନ ଠାରୁ ପ୍ରାୟ ୩୦ କିମି ଦୂରରେ ରହିଛି । ହିନ୍ଦୁ ଶ୍ରଦ୍ଧାଳୁମାନେ ଦ୍ୱାରକା ଦର୍ଶନରେ ଯିବା ବେଳେ ଏହି ପୀଠ ଦର୍ଶନ କରିବାକୁ ଡଙ୍ଗାରେ ଯିବାକୁ ପଡୁଥିଲା । କିନ୍ତୁ ଏବେ ଏହି ସମସ୍ୟା ଦୂର ହୋଇଛି । ୨.୩୨ କିମି ଲମ୍ବ ଏହି କେବୁଲ ବ୍ରିଜ୍‌ରେ ଏଣିକି ଶ୍ରଦ୍ଧାଳୁମାନେ ବେଟ୍ ଦ୍ୱାରକା ପୀଠରେ ସହଜରେ ପହଞ୍ଚିପାରିବେ। ୨.୩୨ କିମି ଲମ୍ବ ଏବଂ ୨୭.୨୦ ମିଟର ୪ ଲେନ୍ ବିଶିଷ୍ଟ ଏହି ସେତୁ ନିର୍ମାଣ ପାଇଁ ମୋଟ ୯୭୯ କୋଟି ଟଙ୍କା ବ୍ୟୟ କରାଯାଇଛି। ପୂର୍ବରୁ ଏହି ସେତୁର ନାମ ' ସିଗନେଚର ବ୍ରିଜ୍' ରଖାଯାଇଥିଲା ବେଳେ ଏବେ ଏହାକୁ ' ସୁଦର୍ଶନ ସେତୁ' ନାମରେ ନାମିତ କରାଯାଇଛି ।

ବେଟ୍ ଦ୍ୱାରକା ପୀଠରେ ପୂଜାର୍ଚ୍ଚନା କରିବା ଅବସରରେ ମୋଦୀ କହିଛନ୍ତି ଯେ, 'ଏହି ଅଭିଜ୍ଞତା ମୋତେ ଭାରତର ଆଧ୍ୟାତ୍ମିକତା ଏବଂ ପୌରାଣିକ ପରମ୍ପରାର ମୂଳଦୁଆ ସହିତ ଏକ ବିରଳ ଏବଂ ଗଭୀର ସଂଯୋଗ ପ୍ରଦାନ କରିଛି। ବୁଡ଼ିଯାଇଥିବା ଦ୍ୱାରକା ସହରରେ ପ୍ରାର୍ଥନା କରିବା ଅତ୍ୟନ୍ତ ଈଶ୍ୱରୀୟ ଅନୁଭୂତି ଥିଲା । ଭଗବାନ ଶ୍ରୀକୃଷ୍ଣ ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ସେ ପ୍ରାର୍ଥନା ଜଣାଇଥିବା କହିଛନ୍ତି ।



# ଜଗନ୍ନାଥ ସାଗରରୁ ହେଲା ତୃତୀୟ ପର୍ଯ୍ୟାୟ ଜଳ ନିଷ୍କାସନ

**ଜୟପୁର,୨୫।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ଐତିହାସିକ ଜଗନ୍ନାଥ ସାଗରର ସଫେଇ ଓ ସୌନ୍ଦର୍ଯ୍ୟକରଣ ପାଇଁ ତୃତୀୟ ପର୍ଯ୍ୟାୟ ଜଳ ନିଷ୍କାସନ କାର୍ଯ୍ୟ ପୌରସଂସ୍ଥା ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ଜଗନ୍ନାଥ ସାଗର ଏବଂ ପଞ୍ଚାନନ ମନ୍ଦିର ଛକ ରାସ୍ତା ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାଳୟ ପାର୍ଶ୍ୱରେ ଭୂତଳ ଡ୍ରିଲ ମେସିନ ଦ୍ୱାରା ରାସ୍ତାର ଭିତରେ ୪ ଇଞ୍ଚର ସୁଡ଼ଙ୍ଗ କରାଯାଇ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଏହି ଜଳ ବଡ଼ ଡ୍ରେନ ଦେଇ ସତୀନଦୀକୁ ସଂଯୋଗ କରିବ। ଏହି ସୁଡ଼ଙ୍ଗରେ ତାର ବିଛାଇବା ସହ ୪ ଇଞ୍ଚିଆ ପାଇପ୍ ସଂଯୋଗ କରାଯାଇଛି। ଶିଘ୍ର ଜଳ ନିଷ୍କାସନ ପାଇଁ ଉକ୍ତ ରାସ୍ତାର ଭୂତଳରେ ଆବଶ୍ୟକ ଅନୁଯାୟୀ, ୮ରୁ ୧୦ଟି ସୁଡ଼ଙ୍ଗ କରାଯାଇ ପାଇପ ମାଧ୍ୟମରେ ଜଳ ନିଷ୍କାସନ କରାଯିବ। ଏହି ସୁଡ଼ଙ୍ଗ ପ୍ରାୟ ୬୦ ରୁ ୭୦ ମିଟର ଲମ୍ବ ହୋଇଥିବାବେଳେ ପାଣିଠାରୁ ନିମ୍ନ ଭାଗକୁ ପ୍ରାୟ ସାଢ଼େ ୫ ମିଟର ତଳକୁ ସଂଯୋଗ କରୁଛି ବୋଲି ପୌରସଂସ୍ଥା କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

**■ ସମାନ୍ତରୀକରଣ ଭୂତଳ ସୁଡ଼ଙ୍ଗ ନିର୍ମାଣ**
**■ ୪ ଇଞ୍ଚ ପାଇପ୍‌ରେ ଜଳ ନିଷ୍କାସିତ ଆରମ୍ଭ**



ଗତବର୍ଷ ନଭେମ୍ବର ମାସ ପ୍ରଥମ ସପ୍ତାହରେ ପଙ୍କ ଉଦ୍ଧାର ଓ ସଫେଇ ନିମନ୍ତେ ଜଗନ୍ନାଥ ସାଗର ଜଳାଶୟରୁ ପ୍ରଥମ ପର୍ଯ୍ୟାୟ ଜଳ ନିଷ୍କାସନ ଜୟନଗର ହରିଜନ ସାହି ନିକଟସ୍ଥ ଆଡ଼ିବନ୍ଧକୁ ୬ ଫୁଟ ଓସାରରେ ଭଙ୍ଗା ଯାଇ ଆରମ୍ଭ ହୋଇଥିଲା। ଭଙ୍ଗା ଆଡ଼ିବନ୍ଧ ଦେଇ ଜଳାଶୟର ଜଳ ଜୟନଗର ହରିଜନ ସାହିର ପାର୍ଶ୍ୱ ଡ୍ରେନ ଏବଂ ଜୟପୁର-ଫାମ୍ପୁଣି ରାସ୍ତାର କଲଭର୍ଟ ଦେଇ ସତିନଦୀକୁ ନିଷ୍କାସିତ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ କ୍ଷୁଦ୍ର ଜଳସେଚନ ବିଭାଗର ଜୟନଗର ଛକଠାରେ ରହିଥିବା କେନାଲରୁ ଜଳ ନିଷ୍କାସିତ ଲୁହା ଗେଟ ଦେଇ ଜଳ ନିଷ୍କାସନ ହୋଇଥିଲା। ଜୟପୁର ପୌରସଂସ୍ଥା ପକ୍ଷରୁ ୧୫ ଲକ୍ଷ ବ୍ୟୟ ଅଟକଳରେ ବ୍ରହ୍ମପୁରରୁ ଦଳ ସଫେଇ ମେସିନ ସହାୟତାରେ ସଫେଇ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥ ସାଗର ପୁନରୁଦ୍ଧାର ପାଇଁ ୩୦ କୋଟି ଟଙ୍କା ବ୍ୟୟରେ ୨ ଫୁଟ ପଙ୍କ ଉଦ୍ଧାର ଏବଂ ପାର୍ଶ୍ୱ ହୁଡ଼ାରେ ପଥର ପାଚିଂ, ସୌନ୍ଦର୍ଯ୍ୟକରଣ, ପାର୍କ ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରାଯିବ। ସେହିପରି ସାଗରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାର୍କ ଓ ସୌନ୍ଦର୍ଯ୍ୟକରଣ ପାଇଁ ସୁନାବେଡ଼ା ହିନ୍ଦୁସ୍ତାନ ଏରୋନେଟିକ ଲିମିଟେଡ୍ (ହାଲ) ପକ୍ଷରୁ ୭ କୋଟି ଟଙ୍କାର ଚୁକ୍ତିନାମା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ଉକ୍ତ ଟଙ୍କାରେ ପଞ୍ଚାନନ ମନ୍ଦିର ନିକଟସ୍ଥ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଏକ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଦ୍ୱିତୀୟ ପର୍ଯ୍ୟାୟରେ ୬ କୋଟି ଟଙ୍କା ଦେବା ନେଇ ଗତ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଚୁକ୍ତିନାମା ହାଲ ଏବଂ ଜୟପୁର ପୌରସଂସ୍ଥା ପକ୍ଷରୁ ସୁନାବେଡ଼ାଠାରେ ଅନୁଷ୍ଠିତ ହୋଇଥିଲା।

## ସେମିଳିଗୁଡ଼ାରେ ବିଜୁ ମହିଳା ସମାବେଶ



**ସେମିଳିଗୁଡ଼ା,୨୫।୨(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମଲ୍ଟି ପର୍ପସ ହଲଠାରେ ମହିଳା ବିଜେଡି ପକ୍ଷରୁ ବିଜୁ ମହିଳା ସମାବେଶ ଓ ଘରେ ଘରେ ଶଙ୍ଖ, ବିଜୁ ଜନତା ଦଳ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମହିଳାମାନଙ୍କ ଉନ୍ନତି ପାଇଁ ବହୁତ ପ୍ରୟାସ ଜାରି ରଖିବା ସହ ମହିଳାଙ୍କୁ ସବୁ ପ୍ରକାର ସହଯୋଗ କରିଥିବା ନେଇ ବିଧାୟକ ରଘୁରାମ ମହିଳାମାନଙ୍କ ସଚେତନତା ସୃଷ୍ଟି କରିଥିଲେ। ରାଜ୍ୟ ସରକାରର ଉନ୍ନୟନମୂଳକ କାର୍ଯ୍ୟ ଉପରେ ବୁଝାଇଥିଲେ। କୋରାପୁଟ ଜିଲ୍ଲା ମହିଳା ପର୍ଯ୍ୟବେକ୍ଷିକା ତଥା ମୁକ୍ତା ଯୋଜନା ଉପଦେଷ୍ଟା ମୀରା ପରିଡ଼ା ନିଜ ଅଭିଭାଷଣରେ ମହିଳାମାନଙ୍କ ଓଡ଼ିଶାର ପ୍ରଗତିରେ ସାମିଲ ହୋଇ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମହିଳାଙ୍କୁ ପ୍ରଶଂସା କରିଥିଲେ। ରାଜ୍ୟ ମହିଳା ଅନ୍ୟ ପାଇଁ ଆଦର୍ଶ ଭାବେ ପାଳିତ ଯାଇ ରାଜ୍ୟ ପାଇଁ ଗର୍ବ ଅନୁଭବ କରୁଛନ୍ତି। ମହିଳାମାନଙ୍କ ସବୁ ପ୍ରକାର ସୁବିଧା ରହିଛି। ସେ ସବୁ ଠିକ୍ ଭାବରେ ବ୍ୟବହାର କରିବା ପାଇଁ ନିବେଦନ କରିଛନ୍ତି। ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳରେ ବିଜୟ କରିବା ଦିଗରେ ସାହାଯ୍ୟ କରିବା ପାଇଁ ନିବେଦନ କରିଛନ୍ତି। କୋରାପୁଟ ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମଣ୍ଡି ଓ ପୂର୍ବତନ ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା ମହିଳା ଉନ୍ନତିକରଣ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତୃମଣ୍ଡଳୀ, କାଉନସିଲର ସଦସ୍ୟମାନେ ଯୋଗଦେଇଥିଲେ।

## ମୋବାଇଲ୍ ଦୋକାନରେ ଅଗ୍ନିକାଣ୍ଡ



**ନବରଙ୍ଗପୁର,୨୫।୨(ସମିସ):** ନବରଙ୍ଗପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଘରୋଇ ବସଷ୍ଟାଣ୍ଡ ନିକଟରେ ରହିଥିବା ଜେଇଏଲସି କମ୍ପ୍ଲେକ୍ସ ଉପର ମହଲାରେ ଥିବା କେଦାର ମୋବାଇଲ ଦୋକାନରେ ରବିବାର ଅଗ୍ନିକାଣ୍ଡ ଘଟିଛି। ସର୍ଟସର୍କିଟ୍ ହୋଇ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ମୋବାଇଲ ଓ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡ କାରଣରୁ ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା ପୁଲିସ ଫୋର୍ସ ପଠାଇ ଜାତୀୟ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

## ଆଜି 'ଆମ ହସ୍ପିଟାଲ' ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

**ବୈପାରୀଗୁଡ଼ା,୨୫।୨(ସମିସ):** ବୈପାରୀଗୁଡ଼ା ବ୍ଲକ ସଦର ମହାକୁମାଠାରେ ୧୦ କୋଟି ଟଙ୍କାରେ ନିର୍ମିତ ଆମ ହସ୍ପିଟାଲ ସୋମବାର ଲୋକାର୍ପଣ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଲୋକାର୍ପଣ କରିବେ। ବୈପାରୀଗୁଡ଼ା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଅନେକ ଲୋକ ଦୈନିକ ବୈପାରୀଗୁଡ଼ା ମେଡିକାଲକୁ ଆସିଥାନ୍ତି। କିନ୍ତୁ ଅତ୍ୟାଧୁନିକ ସୁବିଧା ନ ଥିବାରୁ ଜୟପୁର ଓ କୋରାପୁଟ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ଅଞ୍ଚଳବାସୀଙ୍କ ଦାବି ଓ କୋରାପୁଟ ବିଧାୟକ ରଘୁରାମ ପଡାଲଙ୍କ ଅନୁରୋଧ କ୍ରମେ କୋରାପୁଟ ନିର୍ବାଚନମଣ୍ଡଳୀର ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ '୫-ଟି' ଅନ୍ତର୍ଭୁକ୍ତ କରିବା ସହ ଆମ ହସ୍ପିଟାଲ ଯୋଜନାରେ ସାମିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆମ ହସ୍ପିଟାଲରେ ୩୦ ଶଯ୍ୟା ବିଶିଷ୍ଟ ରହିବା ସହ ଶିଶୁ ବିଭାଗ, ମାତୃ




ବିଭାଗ, ଦାନ୍ତ ବିଭାଗ ସହ ଏକ୍ସରେ ମେସିନ, ଅତ୍ୟାଧୁନିକ ଯନ୍ତ୍ର ଦ୍ୱାରା ଉନ୍ନତ ଚିକିତ୍ସାର ସୁବିଧା ପାଇପାରିବେ ଅଞ୍ଚଳବାସୀ। ତିନି ମହଲା ବିଶିଷ୍ଟ ଏହି ହସ୍ପିଟାଲଠାରେ ଅତ୍ୟାଧୁନିକତା ସହ ସ୍ୱଚ୍ଛତାକୁ ଦୃଷ୍ଟି ଦିଆଯାଇଛି। ସୋମବାର ଅପରାହ୍ଣ ୪ଟା ସମୟରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫେରନ୍ସ ଯୋଗେ ଏହାକୁ ଲୋକାର୍ପଣ କରିବେ। ଅଞ୍ଚଳବାସୀ ଆମ ହସ୍ପିଟାଲକୁ ନେଇ ବହୁ ଆଶାବାଦୀ ରହିବା ସହ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

**ଚାନ୍ଦିଲି:** ସୋମବାର କୋଟପାଡ଼ଠାରେ ନୂତନ ରୂପେ ନିର୍ମାଣ ହୋଇଥିବା ଆମ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍ଫରେନ୍ସ ଜରିଆରେ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହା ମୁଖ୍ୟମନ୍ତ୍ରୀଙ୍କ 'ଆମ ହସ୍ପିଟାଲ୍' ଯୋଜନାରେ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି। ଗତ ୨ ବର୍ଷ ହେବ ଏହି ନୂତନ କୋଠାର ନିର୍ମାଣ ଚାଲି ଆସିଥିଲା। ଏହି ଉଦଘାଟନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବିଡିଓଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକୁ ତଦାରଖ କରିଛନ୍ତି। ଏହି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଟପାଡ଼ ସହର ପାଇଁ ଏକ ମାଇଲ ଖୁଣ୍ଟ ସ୍ଥାପିତ ହେବ ବୋଲି ସ୍ଥାନୀୟ ଲୋକ ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ଏବଂ ସ୍ଥାନୀୟ ବହୁ ମାନ୍ୟଗଣ୍ୟ ଓ ବ୍ୟକ୍ତିବିଶେଷ ଯୋଗଦେବାର ସୂଚନା ମିଳିଛି।

## ମଦ ଭାଟିରେ ଚଢ଼ଉ; ପୋଚ ନଷ୍ଟ

**କାଶୀପୁର,୨୫।୨(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକଙ୍କ ନେତୃତ୍ୱରେ କାଶୀପୁର ପୁଲିସ ପକ୍ଷରୁ ରବିବାର କଳାହାଣ୍ଡି ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ପାହାଡ଼ ଉପରେ ବେଆଇନ ଭାବେ ମଦ ପ୍ରସ୍ତୁତି କରାଯାଉଥିବାବେଳେ ଚଢ଼ଉ କରି କାଶୀପୁର ପୁଲିସ ପ୍ରାୟ ୨୫୦୦ କିଲୋଗ୍ରାମ୍ ମହୁଲ ପୋଚକୁ ନଷ୍ଟ କରିବା ସହ ୧୫୦ ଲିଟର ବେଆଇନ ମଦ ନଷ୍ଟ କରିଛି। ପ୍ରକାଶ ଥାଉକି, କିଛିଦିନ ଧରି ଅଞ୍ଚଳରେ ଏକାଧିକ ବେଆଇନ ଭାଟିରୁ ବିପୁଳ ପରିମାଣର ମଦ ପ୍ରସ୍ତୁତ କରି ସୀମାନ୍ତ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି କଳାହାଣ୍ଡିର ବିଭିନ୍ନ ଗ୍ରାମରେ ଅବୈଧ ଭାବେ କାରବାର କରି ଆସୁଥିଲେ। ବିଶେଷ ସୂତ୍ରରୁ କାଶୀପୁର ପୁଲିସ ଖବର ପାଇ ଲଗାତାର ଭାବେ ଚଢ଼ଉ ଜାରି ରଖିଥିବାବେଳେ ଅବକାରୀ ବିଭାଗର ଚୁପ୍ ହୋଇ ରହିଥିବା ସମସ୍ତଙ୍କୁ ଚକିତ କରିଛି। ତେବେ କାହିଁକି ଅବକାରୀ ବିଭାଗ ଚୁପ ହୋଇ ବସିଛି ଏବଂ ଲଗାତାର ଭାବେ କାଶୀପୁର ପୁଲିସ ଚଢ଼ଉ କରି ବିପୁଳ ପରିମାଣରେ ପୋଚ ସହ ଦେଶୀ ମଦ ନଷ୍ଟ କରିବାରେ ସଫଳ ହେଉଛି। ଏ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ କାଶୀପୁର ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଚଢ଼ଉ ସମୟରେ କାଶୀପୁର ଏସଆଇ ପ୍ରଶାନ୍ତ ସ୍ୱାଇଁ, ଏସଆଇ ବିକାଶ ପଟେଲଙ୍କ ସମେତ କାଶୀପୁର ପୁଲିସ ସାମିଲ ହୋଇଥିଲେ। କାଶୀପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ଚୋରା ମଦ କାରବାର ଉପରେ ବ୍ୟାପକ ଚଢ଼ଉ କରାଯାଉଥିବାବେଳେ ଅବକାରୀ ବିଭାଗର ଦେଖା ନ ମିଳିବା ସମସ୍ତ ଅଞ୍ଚଳବାସୀଙ୍କୁ ଚକିତ କରିଛି। ଅବକାରୀ ବିଭାଗ ଏବଂ ଚୋରା ମଦ ବ୍ୟବସାୟୀଙ୍କ ମଧ୍ୟରେ ସଲାସୁତରା ଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିମଳ ଓ ସ୍ୱାସ୍ଥ୍ୟସେବା ପରଖିଲେ କାୟାକଳ୍ପ ଟିମ୍




**ବନ୍ଧୁଗାଁ,୨୫।୨(ସମିସ):** କୋରାପୁଟ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଓ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳକୁ ଲାଗି ରହିଥିବା ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିମଳ ଓ ସ୍ୱାସ୍ଥ୍ୟ ସେବା ପାରଖିଛନ୍ତି କାୟାକଳ୍ପ ଟିମ୍। ବିଗତ କିଛି ବର୍ଷ ତଳେ ସ୍ଥାନୀୟ ଅଞ୍ଚଳର ଲୋକେ ସାମାନ୍ୟ ଜ୍ୱର ହେଲେ ଅଧିକ ଖର୍ଚ୍ଚାନ୍ତ ହୋଇ ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ୍ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଯାଇ ଚିକିତ୍ସା ପାଇ ଆସିଥିଲେ। ଏବେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସ୍ଥାନୀୟ ଡାକ୍ତରଙ୍କ ଉଦ୍ୟମ, ଜିଲ୍ଲା ପ୍ରଶାସନର ସହଯୋଗ ଓ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ସହାୟତାରେ ଲୋକଙ୍କୁ ଚିକିତ୍ସା ଦେବା ନିମନ୍ତେ ଆବଶ୍ୟକ ଚିକିତ୍ସା କେନ୍ଦ୍ର, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ରହି ଆସୁଛନ୍ତି। ଯାହା ଫଳରେ ପ୍ରତିଦିନ ଶତାଧିକ ଲୋକ ୨୪ ଘଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଉତ୍ତମ ପରିବେଶ ମଧ୍ୟରେ ରହି ଚିକିତ୍ସା ପାଇପାରୁଛନ୍ତି। ରବିବାର କାୟାକଳ୍ପ ଟିମର ଷ୍ଟେଟ୍ ଆରଆରଟି ସେଲଡ଼ା ସୁଭ୍ରଜିତ ଗରାବଡୁ, କନ୍ସୁଲଟେଣ୍ଟ ପିଟିସି ସୁଧାଂଶୁ ଶେଖର ସାମନ୍ତ, ୟୁନିସେଫ ଏସବିସି କନ୍ସୁଲଟେଣ୍ଟ ଚକ୍ରଧର ସାହୁ ଓ କୋରାପୁଟରୁ କ୍ୟୁଏ ପୂର୍ଣ୍ଣ ଚନ୍ଦ୍ର ଭୋଇ କେନ୍ଦ୍ରରେ ପାଥୋଲାବ, ବହିଃବିଭାଗ, ନିରାମୟ, ମାଆ ଗୃହ ଓ ପରିମଳ ବ୍ୟବସ୍ଥା ଆଦି ଦେଖିବା ସହିତ ବିଭାଗୀୟ ଡାକ୍ତର ଷ୍ଟାଫଙ୍କ ସହ ସମୀକ୍ଷା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା. ପ୍ରଭାତ ପାଣି, ଡା. ପରିବେଶ ସାହୁ, ବିପିଏମ୍ ନୀଳକଣ୍ଠ ପାଣି, ଫାର୍ମାସିଷ୍ଟ ଜି. କୁମାରସ୍ୱାମୀ, ଅମୂଲ୍ୟ ବିଶୋଇ, ତପନ ନାୟକ ଓ ସମସ୍ତ ଷ୍ଟାଫ ନର୍ସ ଉପସ୍ଥିତ ରହିଥିଲେ। କାୟାକଳ୍ପ ଟିମର ସଦସ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ହେଉଥିବା ସମସ୍ତ ସୁବିଧା ସୁଯୋଗ ରୋଗୀ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ନିରାମୟ କେନ୍ଦ୍ରରେ ଆବଶ୍ୟକ ଔଷଧ ଉପଲବ୍ଧ ଅଛି କି ନାହିଁ, ପାଥୋଲୋଜୀ ଲାବ୍ ପରୀକ୍ଷା ଠିକ୍ ଭାବରେ ଚାଲିଛି କି ନାହିଁ, ସଫେଇ କର୍ମଚାରୀ କିପରି ସଫାସୁତରା କରୁଛନ୍ତି, ମାଆ ଗୃହରେ ଗର୍ଭବତୀ ମହିଳାଙ୍କୁ ସେବା କିପରି ଚାଲିଛି ଓ ଅଳିଆ ଆବର୍ଜନା କିପରି ରହିଛି ଆଦି ଟିକିନିଖି ଯାଞ୍ଚ କରିଥିଲେ।

**● ନାବାଳକର ସନ୍ଦେହଜନକ ମୃତ୍ୟୁ ଘଟଣା**

## ହତ୍ୟାକାରୀ ନାବାଳକ ଗଲା ସୁଧାର ଗୃହ

### ପ୍ରଥମେ ସନ୍ଦେଶ ଦେଇଥିବା ନାବାଳକ ରଚିଥିଲା ହତ୍ୟାକାଣ୍ଡ

**କୋଷାଗୁମୁଡ଼ା,୨୫।୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଥାନା ଅନ୍ତର୍ଗତ କର୍ଚ୍ଚାମାଳଠାରେ ମଙ୍ଗଳବାର ଘଟିଥିବା ନାବାଳକର ସନ୍ଦେହଜନକ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇଛି ପୁଲିସ। ପ୍ରଥମେ ମୃତ୍ୟୁ ଖବର ସମ୍ପର୍କରେ ମୃତ ନାବାଳକର ପରିବାରଙ୍କୁ ସନ୍ଦେଶ ଦେଇଥିବା ନାବାଳକ ହିଁ ହତ୍ୟା କରିଥିବା କୋଡିଙ୍ଗା ପୁଲିସ ସ୍ପଷ୍ଟ କରିବା ସହ ହତ୍ୟାକାରୀ ନାବାଳକକୁ ଗିରଫ କରିଛି। ହତ୍ୟାକାରୀ ନାବାଳକକୁ ପୁଲିସ ଗିରଫ କରି ଭବାନୀପାଟଣା ସ୍ଥିତ ସୁଧାର ଗୃହକୁ ପଠାଇଛି। ସୂଚନାପ୍ରକାରେ, କୋଡ଼ିଙ୍ଗା ଥାନା ଅନ୍ତର୍ଗତ କର୍ଚ୍ଚାମାଳ ଗାଁ ନିକଟରେ ଥିବା ବାବାଜୀ ଆଶ୍ରମ ନିକଟରେ ୫ ବର୍ଷୀୟ ନାବାଳକ ପ୍ରକାଶ ଖେଳୁଥିବାବେଳେ ତଳେ ପଡ଼ିଯାଇଥିଲେ। ପ୍ରକାଶ ପଡ଼ିଯାଇଥିବା ନେଇ ତାଙ୍କ ସାଥିରେ ଥିବା ଅଭିଯୁକ୍ତ ନାବାଳକ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ପରିବାର ଲୋକେ ପହଞ୍ଚି ପୁଅକୁ ଉଦ୍ଧାର କରିବା ସମୟରେ ପ୍ରକାଶର ମୃତ୍ୟୁ ଘଟିସାରିଥିଲା। ପରେ ଏନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ମୃତ ନାବାଳକ ହରିଜନ ସାହିର ରାଜୁ ହରିଜନଙ୍କ ପୁଅ ପ୍ରକାଶ (୫)। ଏନେଇ କୋଡ଼ିଙ୍ଗା ଥାନାରେ ୩୮/୨୪ରେ ଥାନାଧିକାରୀ ଯୁଗଳ ଶବର ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମୃତ ପ୍ରକାଶଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଛାନଭିନ୍ ଆରମ୍ଭ କରିଥିଲେ। ରବିବାର ସମସ୍ତ ଘଟଣାର ଅନ୍ତ ଘଟିଛି। ପ୍ରଥମେ ମୃତ ନାବାଳକଙ୍କ ପରିବାରକୁ ସୂଚନା ଦେଇଥିବା ନାବାଳକ ହିଁ ପ୍ରକାଶକୁ ହତ୍ୟା କରିଥିବା ରବିବାର କୋଡ଼ିଙ୍ଗା ପୁଲିସ ସ୍ପଷ୍ଟ କରିଛି। ଏନେଇ ଏକ ହତ୍ୟା ମାମଲା(୩୮/୨୪) ରୁଜୁ କରି ହତ୍ୟାକାରୀ ନାବାଳକକୁ ଭବାନୀପାଟଣା ସୁଧାର ଗୃହକୁ ପଠାଯାଇଥିବା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।

## ଯୁବତୀଙ୍କୁ ଦୁଷ୍କର୍ମ ଓ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଜୟପୁର,୨୫।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପୁଲିସ ପକ୍ଷରୁ ଜଣେ ଯୁବତୀଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ ଏବଂ ପ୍ରତାରଣା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଯୁବକ ଜଣକ ନନ୍ଦପୁର ଥାନା ପାଲିବା ଗ୍ରାମର ଲକ୍ଷ୍ମଣ ପାଙ୍ଗୀ (୩୦) ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ଲକ୍ଷ୍ମଣ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲେ। ବିବାହ କରିବାକୁ ଯୁବତୀ ଜଣକ ଜିଦ୍ କରିବାରୁ ତାଙ୍କୁ ପ୍ରତାରଣା କରିଥିଲେ। ଏନେଇ ଯୁବତୀ ଜଣକ ୨୦୨୩ ମେ' ମାସରେ ଜୟପୁର ମହିଳା ଥାନାରେ ଅଭିଯୁକ୍ତ ବିରୋଧ ମାମଲା ରୁଜୁ ହୋଇଥିଲା। ଏନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରିଥିଲେ। କିନ୍ତୁ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ଶେଷରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅନିତା କୁଜୁର ପ୍ରକାଶ କରିଛନ୍ତି।

## ଭଲିବଲ୍ ନାଇଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କୋରାପୁଟ,୨୫।୨(ସମିସ):** ରେଳବାଇ ଯୁଥ କ୍ଲବ ଦ୍ୱାରା ଆୟୋଜିତ ନାଇଟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ରେଳବାଇ ଇନଷ୍ଟିଚ୍ୟୁଟ୍ ପରିସରରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ବିଜୁ ଜନତା ଦଳର କୋରାପୁଟ ମ୍ୟୁନିସିପାଲିଟି ଯୁବ ସଭାପତି ବାପୁଜୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁଥ କ୍ଲବର ଅରୁଣ ଖରା, ମନୋଜ ନାୟକ, ଜଗା ବେହେରାଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।



## ତେନ୍ତୁଳିଖୁଣ୍ଟି ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ତେନ୍ତୁଳିଖୁଣ୍ଟି,୨୫।୨(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ନବରଙ୍ଗପୁର ସ୍ଥିତ ଆରସିଡି ହାଇସ୍କୁଲ ପଡ଼ିଆରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ସାଂସଦ ରମେଶ ମାଝୀ, ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ଉଠା ଜଳସେଚନ ଅଧ୍ୟକ୍ଷ ପ୍ରମୋଦ ପାଢ଼ୀ, ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ପ୍ରମୁଖ ଉପସ୍ଥିତ ରହି ତେନ୍ତୁଳିଖୁଣ୍ଟି ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିଥିଲେ। ତେନ୍ତୁଳିଖୁଣ୍ଟି ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ରୁଦ୍ର ଷଡ଼ଙ୍ଗୀ ଏବଂ ସରପଞ୍ଚ ଟଭା ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସମୟରେ ତେନ୍ତୁଳିଖୁଣ୍ଟି ଏବିଇଓ ମୋହନ ମଧୁସୂଦନ ବାଘ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ପଞ୍ଚାୟତର ଏଭଳି ଉଲ୍ଲେଖନୀୟ ସଫଳତା ପାଇଁ ସମଗ୍ର ବ୍ଲକ ପାଇଁ ଗୌରବର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

**ରାଜ୍ୟପାଳଙ୍କ ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତ**

# ବାଲ୍ୟବିବାହ ବନ୍ଦ ଓ ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

**ନବରଙ୍ଗପୁର/ପାପଡ଼ାହାଣ୍ଡି,୨୫।୨(ସମିସ):**

ରବିବାର ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ପ୍ରଥମେ ପାପଡ଼ାହାଣ୍ଡି ବ୍ଲକର ୬ଟି ସ୍ଥାନ ଗସ୍ତ କରିଥିଲେ। ସେ ପାପଡ଼ାହାଣ୍ଡି ବ୍ଲକର ସିରିଶି ପଞ୍ଚାୟତ ଗସ୍ତ କରି ଏଫପିଓର ୨୫୦ ଜଣ ଚାଷୀ ଓ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ। ଏହାପରେ ରାଜ୍ୟପାଳ ତଣ୍ଡାଗୁଡ଼ା ଯାଇ ଟେରାକୋଟା ହସ୍ତଶିଳ୍ପ କାରିଗରମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଟେରାକୋଟା କେମିତି କାମ ଚାଲିଛି ଏବଂ ଏହି ସବୁ ସାମଗ୍ରୀ ତିଆରି କରି କେଉଁ କେଉଁ ବଜାରରେ ବିକ୍ରି କରୁଛନ୍ତି ସେ ବିଷୟରେ ବୁଝିଥିଲେ। ମହିଳାମାନେ ତିଆରି କରିଥିବା ବିଭିନ୍ନ ପ୍ରକାରର ଟେରାକୋଟା ସାମଗ୍ରୀ ଦେଖିଥିଲେ। ଏହାପରେ ଦଳେଇଗୁଡ଼ାର ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପୋଷଣ ଯୋଜନା ସଂକ୍ରାନ୍ତରେ ଅଭିଭାବକ ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରଧାନୀଗୁଡ଼ା ଗାଁରେ ପହଞ୍ଚି ଛତୁ ୟୁନିଟ ପରିଦର୍ଶନ କରିଥିଲେ। ସେମଲା ଗ୍ରାମକୁ ଯାଇ ମାତୃଶକ୍ତି ଉତ୍ପାଦକ ଉଦ୍ୟୋଗର ଶିଆଳି ପତ୍ରରେ ଖଲି ତିଆରି କରୁଥିବା ମହିଳାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଏସ୍‌ଏଚଜି ମହିଳାମାନେ ଖଲି ତିଆରି କରି ବହୁତ୍ ଲାଭବାନ ହେବା ସହିତ ଏହି ଖଲି ବ୍ୟବସାୟ କରି ପରିବାର ସହ ବହୁ ଖୁସିରେ ଜୀବନଯାପନ କରୁଥିବା ପ୍ରକାଶ କରିଥିଲେ। ଏହି ଅବସରରେ ମୈଦଲପୁର ଅଞ୍ଚଳ ନିମନ୍ତେ ମୈଦଲପୁରକୁ ବ୍ଲକର ମାନ୍ୟତା ଦେବାକୁ ଉକ୍ତ ଅଞ୍ଚଳବାସୀ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ଗ୍ରାମଗୁଡ଼ିକର ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଏହି ଗସ୍ତ ସମୟରେ ସେ ସମସ୍ତ ସ୍ଥାନରେ ବାଲ୍ୟ ବିବାହ ବନ୍ଦ କରିବାକୁ କହିବା ସହ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ।




ଅପରାହ୍ଣରେ ନବରଙ୍ଗପୁର ସର୍କିଟ ହାଉସରୁ ପ୍ରଥମେ ନବରଙ୍ଗପୁର ଟିର୍ଲି ଆମ୍ବଗୁଡ଼ା ନିକଟ ଅନ୍ୱେଷା ହଷ୍ଟେଲ ଗସ୍ତ କରିଥିଲେ। ପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉପରେ ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ଏହି ଅବସରରେ ରାଜ୍ୟପାଳ ଅନ୍ୱେଷା ହଷ୍ଟେଲ ପିଲାଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି। ଏହାପରେ ଅନ୍ୱେଷା ହଷ୍ଟେଲରୁ ବାହାରି ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରକୁ ଆସି ମା'ଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଗସ୍ତ ସମସ୍ତରେ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଆଇଟିଡିଏ ପିଏ ରାଜୀବ ସାହୁ, ନବରଙ୍ଗପୁର ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ହଳଧର ନିଆଲ୍, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ରାଜେଶ ପଟ୍ଟନାୟକ, କାଳୀକିଙ୍କର ପଟ୍ଟନାୟକଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ବହୁ ପୁଲିସ ଅଧିକାରୀ, କର୍ମଚାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ତୁମେ ଯଦି ସୁଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ବସିରହିବ,
ତେବେ ସେତେବେଳକୁ ତୁମେ ଭିଡ଼ ଭିତରେ କେବଳ ଜଣେ ହୋଇ ରହିଯିବ'!
-ପ୍ରୋ. ଏଡୱାର୍ଡ ଡି ବୋନୋ

ସକାଳ
THE SAKALA

## ଚିଡ଼ିଆଖାନାରେ ସିଂହଙ୍କ ନାମକରଣ ପ୍ରସଙ୍ଗ

# ନାମର ଅର୍ଥରୁ ଅନର୍ଥ

ତର୍କଶାସ୍ତ୍ରରେ ଗୋଟିଏ ସାଧାରଣ ସମସ୍ୟାର ଉଲ୍ଲେଖ ଅଛି, ଯାହାର ଶୀର୍ଷକ ହେଲା- କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ପ୍ରାଣୀର ନାମର କିଛି ବିଶେଷ ଅର୍ଥ ବା ତାତ୍ପର୍ଯ୍ୟ ନଥାଏ! ଏହା କେବଳ ସେହି ବ୍ୟକ୍ତି ବା ପ୍ରାଣୀର ଚିହ୍ନଟ ପାଇଁ ବ୍ୟବହାର ହୁଏ। ଏହି ବକ୍ତବ୍ୟର ସପକ୍ଷରେ ବା ବିପକ୍ଷରେ ବିଭିନ୍ନ ତର୍କ ଦିଆଯାଏ। ବ୍ୟକ୍ତିର ନାମ ତାହାର ପରିଚୟର ଏକ ବିଶେଷ ଉପାଦାନ। ଯେମିତି ବାପାମା'ମାନେ ପୁଅଝିଅଙ୍କୁ ଛୋଟବେଳରୁ ବିଭିନ୍ନ ପ୍ରକାର ଗେହ୍ଲା ନାମରେ ଡାକିଥା'ନ୍ତି। ଯଥା ଟୁଟୁ, ଟୁକୁ, କୁନି, ବେବି ଇତ୍ୟାଦି। ଏଥିରେ ସେହି ନିର୍ଦ୍ଦିଷ୍ଟ ପିଲାଟିର ଚିହ୍ନଟ ହେବା ସାଙ୍ଗକୁ ବାତ୍ସଲ୍ୟ ସ୍ନେହର ଆବେଗ ମଧ୍ୟ ଜଣାପଡ଼େ। ପିଲାଟି ମଧ୍ୟ ସେହି ନାମ ସହିତ ପରିଚିତ ହୋଇଯାଏ ଏବଂ ବାପାମା'ଙ୍କ ମୁହଁରୁ ନାଁରେ ଡାକ ଶୁଣିଲେ ଆନନ୍ଦିତ ହୋଇ ତାଙ୍କ ପାଖକୁ ଆସେ। ଆମେ ସମସ୍ତେ ଏଭଳି ମଧ୍ୟ ଅନୁଭବ କରିଥିବା ଯେ ଆମର ପିତାମାତା ବା ସମ୍ପର୍କୀୟ ଲୋକେ ଆମକୁ ସେହି ସ୍ନେହବୋଳା ନାଁଟିର ବିଭିନ୍ନ ଆବେଗିକ ଉଚ୍ଚାରଣର ପ୍ରୟୋଗ କରିଥା'ନ୍ତି। ଏହିଭଳି ବାତ୍ସଲ୍ୟ ସ୍ନେହ ସମ୍ବୋଧନ ପର୍ଯ୍ୟାୟରେ ପିଲାଙ୍କ ନାଁଗୁଡ଼ିକର ଆଗରେ ପଛରେ ବିଶେଷଣ ବା ଆନୁଷଙ୍ଗିକ ସ୍ନେହ ସମ୍ବୋଧନ ଯୋଡ଼ି ହୁଏ। ଯଥା - ଧନମାଳି, ଗେଲୁ, ବେବିନା ଇତ୍ୟାଦି। ଏ ସବୁ କହିବାର ଉଦ୍ଦେଶ୍ୟ ହେଲା ଯେ ପିଲାଟିର ନାଁ ପଛରେ କୌଣସି ବିଶେଷ ଅର୍ଥ ନଥାଇ କେବଳ ସ୍ନେହବୋଳା ଶବ୍ଦର ସମ୍ବୋଧନ ରହିଥାଏ। ସେହି ପର୍ଯ୍ୟାୟରେ ଆମେ ଆମ ଓଡ଼ିଶାର ପ୍ରାଣବିନ୍ଦୁ ଜଗନ୍ନାଥଙ୍କୁ ମଧ୍ୟ ତାଙ୍କ ନାମର ଶାସ୍ତ୍ରୀୟ ଓ ଉତ୍କୃଷ୍ଟ ସ୍ୱରୂପ ବ୍ୟତୀତ ଅନେକ ସ୍ନେହ, ଆଦର ଓ ସମ୍ମାନ ଦ୍ୱାରା ମଣ୍ଡିତ ନାମରେ ପ୍ରାର୍ଥନା କରିଥାଉ। କିଏ 'କାଳିଆ ବଳିଆ' କହିଲାଣି ତ ଆଉ କିଏ 'ଚକାଆଖିଆ' ବା 'ନୀଳାଚଳିଆ' ଏହିଭଳି ନାମରେ ଶ୍ରଦ୍ଧାରେ ଭକ୍ତିରେ ଡାକିଥା'ନ୍ତି। ପଶ୍ଚିମ ତର୍କଶାସ୍ତ୍ରର ମତ ହେଲା ଏଭଳି ନାମକରଣ କେବଳ ଡାକିଲାବାଲାର ମାନସିକ ସ୍ଥିତିର ସୂଚକ। ଏଥିରେ ନାଁର ଶବ୍ଦାର୍ଥ ଅପେକ୍ଷା ଭାବାର୍ଥ ଅଧିକ ପ୍ରଭାବଶାଳୀ।

ଉପରୋକ୍ତ ତର୍କଶାସ୍ତ୍ରର ଉପସ୍ଥାପନା କେତେକାଂଶରେ ଠିକ୍ ହେଲେ ମଧ୍ୟ ନାମର କୌଣସି ବ୍ୟକ୍ତି, ସ୍ଥାନ ବା ପ୍ରାଣୀ ଇତ୍ୟାଦିର ନାମସୂଚକ ଶବ୍ଦ କେବଳ ମାତ୍ର ଚିହ୍ନଟ ଅର୍ଥରେ ବ୍ୟବହାର ହୁଏ ତା' ନୁହେଁ। ନାମର ଗୋଟିଏ ବିଶେଷତ୍ୱ ବା ବିଶେଷ ଅର୍ଥ ଥାଏ। ବିଶେଷକରି ପରିବାର ସୀମାରୁ ବାହାରି ଗଲା ପରେ ଗୋଟିଏ ଶିଶୁର ଏକ ନିର୍ଦ୍ଦିଷ୍ଟ ନାମକରଣ ପ୍ରକ୍ରିୟା କରାଯାଏ ଓ ସେହିନାମରେ ପିଲାଟି ସାରାଜୀବନ ସର୍ବସାଧାରଣରେ ଚିହ୍ନିତ ହୁଏ। ଭାରତୀୟ ହିନ୍ଦୁ ପରମ୍ପରାରେ ଏମିତି ତ ନାମର ବହୁତ ମାହାତ୍ମ୍ୟ ବହୁପ୍ରାଚୀନ କାଳରୁ ରହିଆସିଛି। ଏବେ କଳିଯୁଗରେ ମଧ୍ୟ କୁହାଯାଉଛି 'ହରିର୍ନାମ କେବଳମ୍'। ଆମ ପରମ୍ପରାରେ ପିଲାମାନଙ୍କର ନାମ ବିଭିନ୍ନ ଦେବାଦେବୀ ବା ସାଧୁସନ୍ଥଙ୍କ ନାମ ଅନୁସାରେ କରାଯିବାର ବହୁଳ ଉଦାହରଣ ଦେଖିବାକୁ ମିଳେ। ଆଜିକାଲି ଅବଶ୍ୟ ନାମକରଣରେ ଅନେକ ବ୍ୟତିକ୍ରମ ଦେଖାଗଲାଣି ଏବଂ ଧର୍ମ ବା ଦେବଦେବୀଙ୍କ ସହ ସଂଶ୍ଳିଷ୍ଟ ନଥିବା ନାମଗୁଡ଼ିକର ପ୍ରୟୋଗ ବଢ଼ିବାରେ ଲାଗିଛି। ତେବେ ଆମର ତର୍କ ବିଷୟଟିକୁ ଏହି ପୃଷ୍ଠଭୂମିରେ ଦେଖିଲେ ଗୋଟିଏ ବ୍ୟକ୍ତିର ନାଁ 'ରାମଚନ୍ଦ୍ର' ବା 'ସରସ୍ୱତୀ' ଦିଆଗଲେ ସେହି ବ୍ୟକ୍ତିର ଜୀବନରେ ସେହି ନିର୍ଦ୍ଦିଷ୍ଟ ନାମର କିଛି ଯଥାର୍ଥତା ଦେଖିବାକୁ ମିଳେ କି? ଯଦିବା ନାମଟିର ବିଶେଷ ପାରମ୍ପରିକ, ସାଂସ୍କୃତିକ ବା ଧାର୍ମିକ ଅର୍ଥ ଅଛି ତେବେ ସେହି ବ୍ୟକ୍ତିଟିର ଜୀବନରେ ତାହା ଅର୍ଥହୀନ। କେତେକ ବ୍ୟତିକ୍ରମ କ୍ଷେତ୍ରରେ ହୁଏତ 'ପଦ୍ମଲୋଚନ' ନାମଧାରୀ ବ୍ୟକ୍ତିଟିର ଆଖି ସୁନ୍ଦର ହୋଇପାରେ। ସେହିଭଳି 'ତ୍ରିଲୋଚନ' ନାମଧାରୀ ବ୍ୟକ୍ତିଟିର ଗୋଟିଏ ଆଖି କଣା ମଧ୍ୟ ହୋଇପାରେ। ଏ ସବୁ କହିବାର ଅର୍ଥ ହେଲା ସାମାଜିକ ବା ସାମୂହିକ ଜୀବନରେ ବ୍ୟକ୍ତି, ସ୍ଥାନ ବା ପ୍ରାଣୀର ନାମର ଅର୍ଥକୁ ବିଶେଷ ଦ୍ୟୋତକ ବିଶିଷ୍ଟ ଭାବିବା ଠିକ୍ ନୁହେଁ।

ନିକଟରେ ଆମ ଦେଶରେ ଜାତୀୟ ସ୍ତରରେ ଗୋଟିଏ ଚର୍ଚ୍ଚା ଆରମ୍ଭ ହେଲା ଯେ ଆମ ଦେଶର ନାଁ ଇଂରେଜମାନେ ଦେଇଥିବା 'ଇଣ୍ଡିଆ' ଠିକ୍ ନା ଆମର ପାରମ୍ପରିକ ରାଷ୍ଟ୍ରନାମ 'ଭାରତ' ଠିକ୍? କେତେକ ରାଜନୈତିକ ଦଳ ପକ୍ଷରୁ ଏ ସମ୍ପର୍କରେ ତର୍କ ଦିଆଗଲା ଯେ 'ଇଣ୍ଡିଆ' ନାମର କିଛି ଯଥାର୍ଥତା ନାହିଁ ଏବଂ 'ଭାରତ' ହିଁ ଆମ ଦେଶର ପ୍ରକୃତ ପରିଚୟ ବହନ କରେ। ସେମିତି ଆମ ଦେଶରେ ବିଭିନ୍ନ ପ୍ରଦେଶ ଓ ସହରର ପୂର୍ବ ଇଂରାଜୀ ନାମ ଇତିମଧ୍ୟରେ ପରିବର୍ତ୍ତିତ ହୋଇଛି। ସେପରି କ୍ଷେତ୍ରରେ କେବଳ ଚିହ୍ନଟ ପାଇଁ ଯଦି ନାଁଟି ଥିଲା, ତେବେ 'କ୍ୟାଲ୍‌କାଟା'କୁ 'କୋଲକାତା' କାହିଁକି କରାଗଲା? ସେମିତି ଆମ ପ୍ରଦେଶର ନାଁ ଇଂରାଜୀରେ 'ଓରିଶା'କୁ ଏବେ 'ଓଡ଼ିଶା' କରାଗଲା। ଏଭଳି ପରିବର୍ତ୍ତନ ପଛରେ ମୁଖ୍ୟ ତର୍କ ହେଲା ରାଜନୈତିକ ତଥା ଐତିହାସିକ ଓ କିଛିଟା ସାଂସ୍କୃତିକ। ତେଣୁ ନାଁର ଅର୍ଥ କିଛି ନଥାଏ ବୋଲି କହିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ।

ଏବେ ଆଉ ଗୋଟିଏ ଘଟଣାରେ ଚିଡ଼ିଆଖାନାର ପ୍ରାଣୀଙ୍କ ନାମକରଣକୁ ନେଇ ତର୍କ-ବିତର୍କ, ଆନ୍ଦୋଳନ ତଥା ମାଲିମୋକଦ୍ଦମା ପର୍ଯ୍ୟନ୍ତ କଥା ଯାଇଛି। ପୋଷାଜନ୍ତୁ, ସର୍କସ ଜନ୍ତୁ ବା ଚିଡ଼ିଆଖାନାର ଜନ୍ତୁମାନଙ୍କୁ ନାଁ ଦେବାର ଏକ ପରମ୍ପରା ରହି ଆସିଛି। କିନ୍ତୁ ଏହି ନାମକରଣ ଯଦି ସାମାଜିକ ବା ରାଜନୈତିକ ବିଶୃଙ୍ଖଳାର କାରଣ ହୁଏ ତେବେ ଏହାପଛରେ କିଛି ଦୁରଭିସନ୍ଧି ରହିଥିବାର ଗନ୍ଧ ଆସେ। ଯଦି କୌଣସି ବ୍ୟକ୍ତି ତା'ର ପୋଷା କୁକୁରଟିକୁ ବ୍ୟକ୍ତିଗତ ଶତ୍ରୁର ନାଁ ଦିଏ ତେବେ ଏହା ଅଧିକ ଶତ୍ରୁତାର କାରଣ ହେବ ନାହିଁ କି? ସେହିଭଳି ଚିଡ଼ିଆଖାନାରେ ଥିବା ବାଘ ଭାଲୁଙ୍କ ନାଁ ବିଭିନ୍ନ ଧର୍ମର ଦେବତା ବା ବିଶେଷବ୍ୟକ୍ତିଙ୍କ ନାମରେ ରଖିଲେ ତାହା ସେହି ସମ୍ପ୍ରଦାୟର ମାନସିକ ବେଦନାର କାରଣ ହେବ ନାହିଁ କି? ସଦ୍ୟତମ ଘଟଣାଟି ସେହିପରି ହୋଇଛି। କଲିକତାର ଚିଡ଼ିଆଖାନାକୁ ଏବେ ତ୍ରିପୁରାରୁ ଗୋଟିଏ ସିଂହ ଓ ସିଂହୀ ପ୍ରାଣୀ ବିନିମୟ ପ୍ରକ୍ରିୟାରେ ଅଣାଯାଇଛି। ସଂଯୋଗବଶତଃ ସିଂହଟିର ନାଁ ରଖାଯାଇଛି 'ଆକବର' ଓ ସିଂହୀର ନାଁ 'ସୀତା'। ଏଭଳି ନାମକରଣ ବିରୁଦ୍ଧରେ କେତେକ ଗୋଷ୍ଠୀ ବିରୋଧ ପ୍ରଦର୍ଶନ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି।

ପଶ୍ଚିମ ତର୍କ ଶାସ୍ତ୍ର ଅନୁସାରେ ନାମର ବିଶେଷ ଅର୍ଥ ନଥିଲେ ମଧ୍ୟ ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ପରିସ୍ଥିତିରେ ଏହି ପ୍ରାଣୀ ନାମକରଣ ଓ ଉଭୟ ପ୍ରାଣୀଙ୍କୁ ଗୋଟିଏ ଖୁଆଡ଼ରେ ରଖାଯିବା ନିଶ୍ଚିତ ବୁଦ୍ଧିମାନର କାମ ନୁହେଁ। କାରଣ ଏହାର କଦର୍ଥ କରାଯାଇପାରେ ଏବଂ ଏହା କରାଗଲା। ବିଚାରାଳୟ ମଧ୍ୟ ସମ୍ବେଦନଶୀଳ ଭାବେ ବିଚାର କରି ଏଭଳି ନାମକରଣ ଉପରେ ପ୍ରଶ୍ନବାଚୀ ଉଠାଇଛନ୍ତି ଓ ତୁରନ୍ତ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛନ୍ତି। ଯଦିବା ସମ୍ପୃକ୍ତ ପ୍ରଶାସନ ପକ୍ଷରୁ କୁହାଯାଉଛି ଯେ ସିଂହଦୁଇଙ୍କର ଏହି ନାମକରଣ କଲିକତା ଚିଡ଼ିଆଖାନାରେ ପହଞ୍ଚିବା ପୂର୍ବରୁ ତ୍ରିପୁରା ପ୍ରଶାସନ ପକ୍ଷରୁ କରାଯାଇଥିଲା। ତେବେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ଦୃଷ୍ଟିରେ ରଖି ସାମାଜିକ ଐକ୍ୟ ଉଦ୍ଦେଶ୍ୟରେ ଏହିଭଳି ଅଯଥା ବିବାଦ ସୃଷ୍ଟି କରିବା ଆଦୌ ଶୋଭନୀୟ ନୁହେଁ।

# ଅମାନିଆ ଡିଜିଟାଲ୍ ବ୍ୟାଙ୍କକୁ ରିଜର୍ଭ ବ୍ୟାଙ୍କ ଲଗାମ



ଅରବିନ୍ଦ ରାଉତରାୟ
କଟକ, ମୋ: ୯୪୧୦୯୧୪୪୦୦

ବ୍ୟାଙ୍କ୍ ସେବାକୁ ସ୍ୱଚ୍ଛ, ସହଜ, ସରଳ ଓ ହାତପାଆନ୍ତା କରିବା ଲକ୍ଷ୍ୟ ନେଇ ଦେଶରେ ପ୍ରଚଳିତ ଡିଜିଟାଲ କାରବାର ବା ବ୍ୟବସ୍ଥା ଏବେ ଆଉ ସ୍ୱଦେଶୀ ହୋଇ ରହିନାହିଁ। ଦେଶବାସୀ ଏହି ସେବାକୁ ଏମିତି ଗଭୀର ଭାବରେ ଆପଣେଇ ନେଇଛନ୍ତି ଯେ ତାହା ଏକ ସ୍ୱଦେଶୀ କିମ୍ବା ବିଦେଶୀ ବ୍ୟବସ୍ଥା ସେ କଥା ଚିନ୍ତା କରିବାର ସମୟ ମଧ୍ୟ ସେମାନଙ୍କଠାରୁ ବହୁଦୂରରେ। ସରକାରୀ ପ୍ରୋତ୍ସାହନରେ ପରିଚାଳିତ ଏହି ବିଦେଶୀ ଡିଜିଟାଲ ସେବା ଏତେ ଲୋକପ୍ରିୟ ହୋଇଗଲାଣି ଯେ, ପରିସ୍ଥିତି ବେଲଗାମ ହେଲେ ମଧ୍ୟ ଗ୍ରାହକଙ୍କ ମନରେ ସନ୍ଦେହ ସୃଷ୍ଟି ନ ହେବା ସ୍ୱାଭାବିକ।

ଆମଦେଶର କେନ୍ଦ୍ରୀୟ ବ୍ୟାଙ୍କ୍ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ନିକଟରେ ଅନ୍ୟତମ ଡିଜିଟାଲ ବ୍ୟାଙ୍କ୍ ସେବା ଯୋଗାଇ ଆସୁଥିବା ପେଟିଏମ୍ ଉପରେ କଡ଼ା କଟକଣା ଜାରି କରିଛନ୍ତି। ମାର୍ଚ୍ଚ ୧୫ ତାରିଖ ପରେ ପେଟିଏମ୍ ଏହି କଡ଼ା ପ୍ରତିବନ୍ଧ ଯୋଗୁଁ ଏକପ୍ରକାର ବେସାହାରା ଓ ଅଚଳ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ବିଳମ୍ବରେ ହେଲେ ମଧ୍ୟ ରିଜର୍ଭ ବ୍ୟାଙ୍କର ଏହି ବିତ୍ତୀୟ ପ୍ରତିବନ୍ଧ ପେଟିଏମର ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶ କରିଥିବା ନିବେଶକାରୀଙ୍କ ମନରେ ଅତ୍ୟନ୍ତ ଭୟ ଓ ଅସ୍ଥିରତା ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ପେଟିଏମ୍ ପ୍ରତିଭୂତି ବଜାରରେ ବେଶ୍ କ୍ଷତି ସହିବ ବୋଲି ଆଶଙ୍କା କରାଯାଉଛି। ପେଟଏମ୍ ବ୍ୟାଙ୍କର ପ୍ରତିଷ୍ଠାତା ତଥା ୱାନ୍ ନାଇନ୍‌ଟି ସେଭେନ୍ କମ୍ପାନୀର ଅଧ୍ୟକ୍ଷ ବିଜୟ ଶେଖର ଶର୍ମା ପେଟିଏମ୍‌ର ଏଭଳି ନିମ୍ନଗାମୀ ଅବସ୍ଥାକୁ ଗ୍ରହଣ ନ କଲେ ମଧ୍ୟ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ପରବର୍ତ୍ତୀ ବିକଳ୍ପ ଉପରେ ଆଲୋଚନା କରିଛନ୍ତି। ଏହି ଆଲୋଚନାର ଫଳାଫଳ ନକାରାତ୍ମକ ହେବା କିଛି ନୂଆ କଥା ନୁହେଁ। କିଛି ନ ହେଲେ ମଧ୍ୟ ଫୋନ୍‌ପେ ଭଳି ପେଟିଏମ୍ ପେ ବ୍ୟବସ୍ଥାର ପ୍ରଚଳନ କରି ଡିଜିଟାଲ ବିତ୍ତୀୟ ବ୍ୟବସ୍ଥାରେ ନିଜର ସ୍ଥିତିକୁ ଅତୁଟ ରଖିବା ପାଇଁ ବିଜୟ ଶେଖର ପ୍ରୟାସ କରିଛନ୍ତି।

ମୋବାଇଲ ମାଧ୍ୟମରେ ବ୍ୟାଙ୍କ୍ କାରବାର ସୃଷ୍ଟି ବା ପେଟିଏମ୍ ଅଗାମୀ ମାର୍ଚ୍ଚ ୧୬ରୁ ନୂଆ ଜମା ଗ୍ରହଣ କରିପାରିବ ନାହିଁ କି ନୂତନ ଗ୍ରାହକ ସୃଷ୍ଟି ମାଧ୍ୟମରେ କାରବାର ସୁଯୋଗ ଦେଇପାରିବ ନାହିଁ। ସେହିପରି ୱାଲଟ୍ ସେବା, ଗ୍ରାହକଙ୍କ ଖାତାରେ ଅତିରିକ୍ତ ପୁଞ୍ଜି ପ୍ରେରଣ, ପ୍ରିପେଡ୍ ସେବା, ମୋଟର ଯାନରେ ଯାଞ୍ଚ ଫାଟକରେ ଶୁଳ୍କ ପ୍ରଦାନ ପାଇଁ ବ୍ୟବହୃତ ଫାସ୍‌ଟ୍ୟାଗ୍ ଓ ଏନ୍‌ସିଏମ୍‌ଏସ୍ କାର୍ଡର ନୂତନ ପ୍ରଚଳନ ଆଦି ଡିଜିଟାଲ ସେବା ଉପରେ ରିଜର୍ଭ ବ୍ୟାଙ୍କ ପ୍ରତିବନ୍ଧ ଜାରି କରିଛି। ଏହି ପ୍ରତିବନ୍ଧ ଯେ ତତକ୍ଷଣାତ୍ ଲାଗୁ ହୋଇଛି ତାହା ନୁହେଁ। ୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ ଚାରି ଥର ଚେତାବନୀ ଓ ଆର୍ଥିକ ଜୋରିମାନା ଲାଗୁ କରି କେନ୍ଦ୍ରୀୟ ବ୍ୟାଙ୍କ ଏକପ୍ରକାର ନିରୂପାୟ ହୋଇଯିବା ପରେ ଦେଶର ବିତ୍ତୀୟ ସୁରକ୍ଷା ଓ ମହା ଆର୍ଥିକ ବିପଦ (ଦୁର୍ନୀତି)ରୁ ଦେଶକୁ ସୁରକ୍ଷା ଦେବାକୁ ଯାଇ ଏହି କଠୋର ପଦକ୍ଷେପ ଗ୍ରହଣ କରିଛି। ଏହାବ୍ୟତୀତ ଆରବିଆଇ ପାଖରେ ଅନ୍ୟ ବିକଳ୍ପ ମଧ୍ୟ ନଥିଲା। ମାତ୍ର ଯେଉଁଠି ଡିଜିଟାଲ ବିତ୍ତୀୟ ବ୍ୟବସ୍ଥା ବେକାବୁ ହୋଇ ମହାବିପଦ ସୃଷ୍ଟିର ଆଶଙ୍କା ଉପୁଜିଛି ସେ କ୍ଷେତ୍ରରେ ଚାରି ଥର ସତର୍କ ପଦକ୍ଷେପ ନିଆଯିବାର କାରଣ ଜଣାପଡୁନାହିଁ। ଏହି ପଦକ୍ଷେପ ବିପଦର ଆଶଙ୍କାକୁ ଘନୀଭୂତ କରିବାରେ ଏକପ୍ରକାର ପରୋକ୍ଷ ସହାୟତା ଯେ କରିବ ତାହା କହିଲେ ଅତ୍ୟୁକ୍ତି ହେବ ନାହିଁ।

୨୦୧୦ରେ ଫୋନ୍ ରିଚାର୍ଜ ପାଇଁ ପେଟିଏମ୍ ୱାଲେଟ୍ ବ୍ୟବସାୟ ଆରମ୍ଭ କରି ୨୦୧୪ ଜୁଲାଇ ମାସରେ ଅନ୍‌ଲାଇନ୍ କାରିବାର ଆରମ୍ଭ କରିଥିଲା। ସେତେବେଳେ ଏହି କାରବାର ଏତେ ଲୋକପ୍ରିୟ ହୋଇଯାଇଥିଲା ଯେ, ବ୍ୟବସାୟରେ ୧୯ ପ୍ରତିଶତ ଅଭିବୃଦ୍ଧି ସହିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ୧୭ ପ୍ରତିଶତ ଅନଲାଇନ୍ ସେବା ଯୋଗାଇ ଦେଉଥିଲା। ଅନ୍ୟପକ୍ଷରେ ଏୟାରଟେଲ୍ ମାତ୍ର ୫ ପ୍ରତିଶତ ବ୍ୟବସାୟ କରି ତୃତୀୟ ସ୍ଥାନରେ ରହିଥିଲା। ୨୦୧୬ ନଭେମ୍ବର ୮ ତାରିଖରେ ଦେଶରେ ବିମୁଦ୍ରାକରଣ ଭଳି ଆର୍ଥିକ ପ୍ରତିବନ୍ଧ ଲାଗୁ ହେବା ବେଳେ ପେଟିଏମ୍ ୱାଲଟ୍ ସେହି ସୁଯୋଗରେ ଏଟିଏମ୍ ପାଇଁ ହନ୍ତସନ୍ତ ଦେଶବାସୀଙ୍କୁ କାରବାରର ସୁଯୋଗ ଦେଇ ଲୋକପ୍ରିୟ ସ୍ଲୋଗାନ୍, 'ପେଟିଏମ୍ କରୋ' କୁ ଘରେ ଘରେ ପହଞ୍ଚାଇ ଦେଇଥିଲା। ଏହି ସୁଯୋଗଭିତ୍ତିକ ସଫଳତା ଓ ଅହେତୁକ ସରକାରୀ ପ୍ରୋତ୍ସାହନ ପେଟିଏମ୍ ବ୍ୟାଙ୍କ୍ ସୃଷ୍ଟି କରିବାରେ ସହାୟକ ହେଲା। ବ୍ୟାଙ୍କ୍ ପ୍ରତିଷ୍ଠା ହେବାର ବର୍ଷକ ପରେ ଅନ୍ୟତମ ନିୟାମକ ସଂସ୍ଥା-ସେବି ଦୃଷ୍ଟିକୁ କେତେକ ଅନିୟମିତତା ଆସିଥିଲା। ମାତ୍ର ୨୦୧୮ ରେ ରିଜର୍ଭ ବ୍ୟାଙ୍କର ନୀତି ନିୟମକୁ ବେଖାତିର କରି ଗୋଟିଏ ଆଧାର ମାଧ୍ୟମରେ ହଜାର ଆକାଉଣ୍ଟ ଖୋଲିବା, ଗ୍ରାହକଙ୍କ ପରିଚୟ ପାଇଁ ପ୍ରଚଳିତ କେୱାଇସି ପ୍ରକ୍ରିୟାକୁ ବେଖାତିର କରିବା, ଭାରତୀୟ ଗ୍ରାହକ ଓ ସେମାନଙ୍କ ଆର୍ଥିକ କାରବାର ସମ୍ପର୍କିତ ଡିଜିଟାଲ ସୂଚନା ଚୀନ୍‌ର ଏକ ପୁଞ୍ଜି ନିବେଶକାରୀ କମ୍ପାନୀକୁ ଯୋଗାଇଦେବା ଆଦି ବହୁ ଜାତୀୟ ସ୍ୱାର୍ଥବିରୋଧୀ କାର୍ଯ୍ୟକଳାପ ଅଡିଟ ବେଳେ ନିୟାମକ ସଂସ୍ଥାର ଦୃଷ୍ଟିଗୋଚର ହୋଇଥିଲା। ଏ ସବୁ ଜାତୀୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟରୁ ତୁରନ୍ତ ନିବୃତ ରହିବା ପାଇଁ ରିଜର୍ଭ ବ୍ୟାଙ୍କ୍ ପେଟିଏମ୍‌କୁ ସତର୍କ ସୂଚନା ଦେବା ସହିତ ୧ କୋଟି ଟଙ୍କା ଜୋରିମାନା ଲଗାଇଥିଲା। ମିଥ୍ୟା ରିପୋର୍ଟ ପ୍ରସ୍ତୁତି ଭଳି ସଂଗୀନ୍ କାର୍ଯ୍ୟରୁ ନିବୃତ ନ ରହିବାରୁ କେନ୍ଦ୍ରୀୟ ବ୍ୟାଙ୍କ୍ ୨୦୨୨ ମାର୍ଚ୍ଚରେ ପେଟିଏମ୍‌କୁ ସତର୍କ କରାଇ ଦେବା ସହ ୨୦୨୩ ମାର୍ଚ୍ଚରେ ପୁନର୍ବାର ୫ କୋଟି ୩୯ ଲକ୍ଷ ଟଙ୍କାର ଜରିମାନା ଲଗାଇଲା। ସେତେବେଳେ ୩୫ କୋଟି ଗ୍ରାହକ ସୃଷ୍ଟି କରିଥିବା ପେଟିଏମ୍ ବ୍ୟାଙ୍କରେ ପ୍ରାୟ ୩୧ କୋଟି ଆକାଉଣ୍ଟ ଅଚଳ ଅବସ୍ଥାରେ ପହଞ୍ଚିଥିଲା।



ସର୍ବୋଚ୍ଚ ନିୟାମକ ସଂସ୍ଥା ରିଜର୍ଭ ବ୍ୟାଙ୍କ୍ ୨୦୧୮ ରେ ପେଟିଏମ୍ ବ୍ୟାଙ୍କର ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଅନ୍ୟତମ ନିୟାମକ ସଂସ୍ଥା ସେବି ତାହାକୁ ପ୍ରତିଭୂତି ବଜାରରେ ପ୍ରବେଶ ପାଇଁ ଅନୁମତି ଦେଇଦେଲା। ଏପରିକି ବ୍ୟାଙ୍କର ପ୍ରତି ସେୟାର ବହୁମୂଲ୍ୟରେ ବିକ୍ରି ହୋଇଥିଲେ ମଧ୍ୟ ସେବି ସେଥିପ୍ରତି ଟିକେ ହେଲେ ଧ୍ୟାନ ଦେଇ ନଥିଲା। ଅନ୍ୟପକ୍ଷରେ ଅନଲାଇନ୍ କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଅନ୍ୟତମ ନିୟାମକ ସଂସ୍ଥା ଏନ୍‌ସିପିଆଇ ମଧ୍ୟ ପେଟିଏମ୍ ବ୍ୟାଙ୍କ ପ୍ରତି ଅତ୍ୟନ୍ତ କୋହଳ ହୋଇଯାଇଥିଲା। ପେଟିଏମକୁ ଡିଜିଟାଲ୍ କାରବାର ପାଇଁ ଅନ୍ୟୁନ ତିନୋଟି ବ୍ୟାଙ୍କ ସହ ଅନୁବନ୍ଧିତ ହେବା ପାଇଁ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ସବୁ ନିୟମକୁ ଏଡ଼ାଇ ନିଜ ଅଧୀନସ୍ଥ କେବଳ ପେଟିଏମ୍ ବ୍ୟାଙ୍କ ସହ ଅନୁବନ୍ଧିତ ହୋଇଥିଲା। ଏଭଳି ବେନିୟମ କାରବାରକୁ ଏନ୍‌ସିପିଆଇ ଦେଖି ନ ଦେଖିଲା ଭଳି ଗ୍ରହଣ କରିନେବା କେତେଦୂର ସମୀଚୀନ ତାହା ସେମାନଙ୍କୁ ଜଣା।

ଆଉ ଏକ ଗୁରୁତର ଦିଗ ଉପରେ ପର୍ଯ୍ୟାଲୋଚନା କରାଯାଇପାରେ। ସରକାରୀ ପଞ୍ଜିକୃତ ଡିଜିଟାଲ ବିତ୍ତାନୁଷ୍ଠାନକୁ ମିଳିଥିବା ଅଧିକା ଲାଭାଂଶ ବିଜୟ ଶେଖରଙ୍କ ମାଲିକାନାରେ ଚାଲିଥିବା ଅଣ ପଞ୍ଜିକୃତ କମ୍ପାନୀକୁ ହସ୍ତାନ୍ତର ଭଳି ଗୁରୁତର ହେରଫେର୍ କେନ୍ଦ୍ରୀୟ ବ୍ୟାଙ୍କ୍ ନଜରକୁ ଆସିଥିଲା। ଏହି ବ୍ୟବସ୍ଥାରେ ପଞ୍ଜିକୃତ ବିତ୍ତାନୁଷ୍ଠାନରେ ପୁଞ୍ଜି ନିବେଶ କରିଥିବା ଦେଶୀ ଓ ବିଦେଶୀ ନିର୍ଦ୍ଦେଶକାରୀ ସଠିକ୍ ଲାଭାଂଶ ପାଇବାରୁ ବଞ୍ଚିତ ହେଉଥିବା ବେଳେ ମାଲିକ ବେଶ୍ ଲାଭବାନ୍ ହୋଇ ଚାଲିଥିଲେ। ଏତେପ୍ରକାର ସତର୍କତା ଓ ଜରିମାନା ସତ୍ତ୍ୱେ ପେଟିଏମ୍ ବ୍ୟାଙ୍କ ନିୟମାନୁବର୍ତ୍ତୀ ସୁଧାର ଆଣିବାରେ ପଛାଇବାର କାରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି ଓ ରାଜନୈତିକ ପ୍ରୋତ୍ସାହନ ଥିବା ଅଭିଯୋଗ ହେଉଛି। ବୋଧହୁଏ ଭାରତ ଭଳି ବିକାଶୀଳ ରାଷ୍ଟ୍ରରେ ସବୁ ଅନିୟମିତତା ସମ୍ଭବ - ଏଭଳି ଧାରଣା ସୃଷ୍ଟି ଜାତୀୟ ସ୍ୱାର୍ଥର ପରିପନ୍ଥୀ ନୁହେଁ କି? ବିଳମ୍ବରେ ହେଲେ ମଧ୍ୟ ବେକାବୁ ହୋଇ ପଡ଼ିଥିବା ଡିଜିଟାଲ ବ୍ୟବସ୍ଥାକୁ ନିୟନ୍ତ୍ରାଣାଧୀନ କରିବା ପାଇଁ ନିୟାମକ ସଂସ୍ଥାର ପଦକ୍ଷେପ ଏକ ସୁସ୍ଥ ଅର୍ଥନୀତିର ସୂଚକ।

# ବୋଉର ସ୍ନେହ-ସଞ୍ଜୀବନୀ



ରଶ୍ମିରଞ୍ଜନ ରାଉତ
ଭଦ୍ରକ, ମୋ:୭୮୦୯୦୩୭୬୦୮

ଦିନକୁ ଦିନ ବିଜ୍ଞାନର ବିନା ଉପସ୍ଥିତିରେ ମନୁଷ୍ୟର ଭୌତିକ ପ୍ରଗତି ଅସମ୍ଭବ ହୋଇପଡ଼ିଛି। ଆମର ଦୈନନ୍ଦିନ ଚାଲିଚଳଣି ଓ ଜୀବନଚର୍ଯ୍ୟା ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ କହିଲେ ଚଳେ। ସେହିପରି ଆଜିକାଲି କେହି ବନ୍ଧୁବାନ୍ଧବ ବା ପରିଚିତ ଲୋକ ଦେଖାହେଲେ ଆଗ ପଚାରୁଛନ୍ତି, ଦେହପା' କେମିତି ଅଛି? ଡାଇବେଟିସ୍, ଗ୍ୟାଷ୍ଟ୍ରିକ୍, ବିପି, ଜଏଣ୍ଟ ପେନ୍ ଆଦିରୁ କିଛି ବି ଗୋଟେ ରୋଗ ବିଷୟରେ ପଚାରୁଛନ୍ତି। ଏହାର ଅର୍ଥ ଆଜିକାଲି ଏଭଳି ରୋଗ ହେବା ସ୍ୱାଭାବିକ ବୋଲି ଧରି ନିଆଗଲାଣି। ଏଥିପାଇଁ ଆମର ପରିବର୍ତ୍ତିତ ଜୀବନଶୈଳୀ ଓ ଖାଦ୍ୟପେୟର ଅସନ୍ତୁଳନକୁ ଦାୟୀ କରାଯାଇପାରେ।

ସମୟ ଥିଲା, ସକାଳ ଜଳଖିଆରେ ବୋଉ ହାତର ଚକୁଳି, ଚୁଡ଼ା, ମୁଢ଼ି, ମଣ୍ଡା, ଗଇଁଠାରେ ଆମର ପେଟ ପୁରୁଥିଲା। ପୂର୍ବାହ୍ନରେ ବୋଉର ପଖାଳ କଂସାର ବାସ୍ନା ଏବେ ବି ଅନେକଙ୍କ ସ୍ମୃତିରେ ଜୀବନ୍ତ। ମଧ୍ୟାହ୍ନରେ ଉଷୁନା ଭାତରେ ଦେଶୀ ଗୁଆଘିଅ ସାଙ୍ଗକୁ ବଗଡ଼ା ଡାଲି, ଶାଗ ଖରଡ଼ା, ଚୁନା ମାଛ, ବାଡ଼ି ବାଇଗଣ, କଲରା, ଭେଣ୍ଡି ଭଜାରେ ବୋଉ ପ୍ରସ୍ତୁତ କରୁଥିଲା ଦି'ପହର ବ୍ୟଞ୍ଜନ। ସେହିପରି ସନ୍ଧ୍ୟା ଓ ରାତ୍ରିଭୋଜନରେ ବି ବୋଉ ହାତରନ୍ଧାରେ ପରିବାରର ସ୍ୱାସ୍ଥ୍ୟ ନିହିତ ରହୁଥିଲା। ଦୁଇଶହରୁ ଅଢ଼େଇଶହ ଗ୍ରାମ୍‌ର ତେଲରେ ବୋଉ କେମିତି ପନ୍ଦରଦିନ ଚଳାଇ ନେଉଥିଲା ତାହା ଏବେ ବି ରହସ୍ୟ। ଆଜି ଗୋଟିଏ ସାଧାରଣ ପରିବାର ଚଳିବାକୁ ମାସକୁ ପାଞ୍ଚରୁ ଛଅ ଲିଟର ତେଲ ବି କମ୍ ପଡୁଛି। ଆଜିଭଳି ମସଲାଗୁଣ୍ଡର ବ୍ୟବହାର ବୋଉ ଜାଣି ନ ଥିଲା। ବୋଉର ରୋଷେଇରେ ମସଲା କହିଲେ ଜିରା, ପଞ୍ଚଫୁଟଣ ଓ ଦେଶୀ ପିଆଜରୁ ଦି'କୋଳା। ନିଜେ ହାତରେ କାଟି, ବାଟି ରାନ୍ଧୁଥିଲା। ତା' ବାଦ୍ ସୁବିଧା ଅସୁବିଧାରେ ତିଅଣ ଭାବେ ଚଳେଇଲା ଭଳି ବର୍ଷକ ପାଇଁ ଆମ୍ବ, ଲେମ୍ବୁ, ଓଉ, କରମଙ୍ଗା ଆଦି ଋତୁକାଳୀନ ଫଳକୁ କାଟି ଶୁଖାଇ ଆଚାର ପ୍ରସ୍ତୁତ କରୁଥିଲା। ବିରି ବାଟି ବଡ଼ି ପାରୁଥିଲା। ସେସବୁ ଖାଦ୍ୟର ସ୍ୱାଦ ଥିଲା ନିଆରା ଓ ବର୍ଷବର୍ଷ ଧରି ଖାଉଥିଲେ ବି ରୋଗର ଭୟ ନଥିଲା।



ଏବେ କିନ୍ତୁ କେକ୍, ନୁଡୁଲ୍ସ, ପାସ୍ତା ଅଥବା ସେମିତି କିଛି ଫାଷ୍ଟଫୁଡରୁ ଆରମ୍ଭ ହେଉଛି ଆମ ସକାଳର ଜଳଖିଆ। ଏହାପରେ ଚିକେନ୍, ମଟନ ଆଦିର ବିଭିନ୍ନ ମସଲାଯୁକ୍ତ ଡିସ୍ ବିଭିନ୍ନ ସମୟରେ ଖାଦ୍ୟରେ ସାମିଲ ହେଉଛି। ତା' ସହ ବୟସାନୁସାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଧରାବନ୍ଧା ହୋଇ ରହୁଛି। ପୁଷ୍ଟିସାଧନ ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଉଛି। କିଏ କିଏ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ମଲ୍ଟି ଭିଟାମିନ୍ ଟାବଲେଟ୍ ଖାଇଲେଣି ତ କିଏ ସିରପ୍ ପିଇଲାଣି। ସୁସ୍ଥ ରହିବାକୁ ଯାବତୀୟ ଦିନଚର୍ଯ୍ୟା। ସୌଖୀନରେ କେତେବେଳେ ମର୍ଣ୍ଣିଂୱାକ୍ ତ କେତେବେଳେ ଯୋଗ ପୁଣି ଏରୋଟିକ। ତଥାପି, ଅବେଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛି ମଣିଷ। ସବୁବେଳେ ଡାକ୍ତରଙ୍କ ପାଖରେ ଲାଗୁଛି ଲମ୍ବା ଲାଇନ୍। ବିଜ୍ଞାନ ଆମକୁ ଏତେ ସମୃଦ୍ଧ କରିଥିବା ସତ୍ତ୍ୱେ ରୋଗମୁକ୍ତ ହୋଇପାରୁନାହାନ୍ତି ଆମେ। ବୋଧହୁଏ, ବୋଉର ରୋଷେଇକୁ ଭୁଲିଯିବା ହେଉଛି ଆଜିକାଲି ଦେଖାଯାଉଥିବା ଅନେକ ଭୟାନକ ରୋଗର କାରଣ।

ତଥାପି ଆମେ କଥା କଥାକେ କହିଥାଉ ବୋଉ ତୁ କିଛି ଜାଣିନୁ। କୋଉ ଯୁଗରେ ଅଛୁ? ଇଏ ବିଜ୍ଞାନର ଯୁଗ। ତୁ ସେ ଆଇମା' ଅମଳର ନୀତିନିୟମ ଛାଡ଼୍। ଯୁଗ ଯାଇଁ କୁଆଡ଼େ ପହଞ୍ଚିଲାଣି। କିନ୍ତୁ ବୋଉର ଅଳ୍ପ ପାଠପଢ଼ାରେ ବି ଉଚ୍ଚ ବୁଦ୍ଧିମତ୍ତା ସଂସାରରେ ବୋଧହୁଏ ଆଉ କେଉଁଠି ବି ମିଳିବ ନାହିଁ। ଆଗରୁ ବୋଉ ବାଢ଼ି ଦେଉଥିବା ପିଠା, ମୁଢ଼ି, ଚୁଡ଼ା ଓ ପଖାଳକୁ ଦେଖି ଅନେକ ନାକ ଟେକୁଥିଲେ। ହେଲେ, ଆଜି ବିଶେଷଜ୍ଞମାନେ ଗବେଷଣା କରି ମତ ଦେଲେଣି ଯେ ଏସବୁ ପାରମ୍ପରିକ ଖାଦ୍ୟରେ ପ୍ରଚୁର ମାତ୍ରାରେ ରହିଛି ଆଇରନ୍ ଓ ମାଗ୍ନେସିୟମ୍। ଏହା ସ୍ୱାସ୍ଥ୍ୟପକ୍ଷରେ ଅତ୍ୟନ୍ତ ହିତକର। ସେଥିଲାଗି ପଞ୍ଚତାରକା ହୋଟେଲରେ ବି ଏସବୁ ଖାଦ୍ୟକୁ ବିଭିନ୍ନ ଢଙ୍ଗରେ ପରସା ଗଲାଣି। ଯାହା ରାଜ୍ୟ ତଥା ଦେଶ ବାହାରର ଲୋକଙ୍କ ଦ୍ୱାରା ବେଶ୍ ଆଦୃତ ବି ହୋଇଛି।

ଘରର ସଦସ୍ୟଙ୍କ ଥଣ୍ଡା, ଜ୍ୱର, ଝାଡ଼ା କଥା ଶୁଣିଲେ ବୋଉ ତା' ବୁଦ୍ଧିମତ୍ତାରେ କହେ ଅମୁକ ପତ୍ର, ସମୁକ ଡାଳ, ଅମକ ଫୁଟେଇ, ସମୁକ ଗୋଳେଇ ପିଇଦେ ଏକା ପାନେକେ ଭଲ ହେଇଯିବ। ହେଲେ, ଆମେ କୋଉ ବୋଉର କଥାକୁ କାନ ଦେଉ ଯେ? ସଙ୍ଗେସଙ୍ଗେ ଔଷଧ ଦୋକାନକୁ ଦୌଡ଼ି ଯାଉଛୁ। ବୋଉର କିନ୍ତୁ କେବେ କାହାପାଖରେ କହିନାହିଁ ତା' ଦେହ ପା' ଖରାପ ହେବାର କଥା। ଯଦି କେବେ ଥଣ୍ଡା, ଜ୍ୱର କି ଝାଡ଼ା ହୁଏ, ଔଷଧ ଆଣିବାକୁ ଯାଏ ତ ବୋଉ ବାରଣ କରେ। କହେ, କ'ଣ ଟିକେ ହେଇଛି, ଔଷଧ କ'ଣ ହେବ? ମୁଁ ଅମୁକ ପିଇଛି କାଲି ସକାଳକୁ ଭଲ ହୋଇଯିବ। ସତକୁ ସତ ଭଲ ହୋଇଯାଏ ବୋଉ। ଝାଡ଼ିଝୁଡ଼ି ହୋଇ ବସେ। ପୂର୍ବପରି ଘର କାମରେ ଲାଗିପଡ଼େ। ବୋହୂ ହାତରୁ କାମ ଛଡ଼େଇ ନେଇ କରେ। ନାତିନାତୁଣୀଙ୍କ ଦେହରେ ଧୂଳିମଳି ଟିକେ ପକାଇ ଦିଏନି।

ଆଜିକାଲିର ବୋହୂମାନେ କିନ୍ତୁ ପୁରା ଓଲଟା। କାମ ଟିକେ ଅଧିକ ହେଇଗଲେ ପେଟ, ମୁଣ୍ଡର ବାହାନାରେ ଦିନଟା ସାରା ବିଛଣାରେ। ବୋଉ ସେମିତି ଘରଟା ଯାକର କାମ ଏକୁଟିଆ କରିନିଏ। ତଥାପି ବୋଉ ବହୁତ ଖୁସି ହୁଏ। କେହି କେବେ କହିପାରିବେନି ବୋଉ ଥକି ପଡ଼ିଛି କି ଥକ୍କା ମାରୁଛି। ବୋଉ ଯୋଗ କ'ଣ ଜାଣିନି କି ସ୍ୱାସ୍ଥ୍ୟରକ୍ଷାର ବହି କେବେ ପଢ଼ିନି। ହେଲେ ତା'ର କାମ କରିବାର ଢଙ୍ଗ, ଘରକାମର ନିପୁଣତା ଭିତରେ ସ୍ୱାସ୍ଥ୍ୟରକ୍ଷା ଆପଣାଛାଏଁ ହେଇଯାଏ। ଯୋଗଗୁରୁମାନେ ଏବେ କାଟିବା, ବାଟିବା, ଘର ଓଳାଇବାର କୃତ୍ରିମ ଅଙ୍ଗଭଙ୍ଗୀ କରି ପାର୍କରେ ମହିଳାମାନଙ୍କୁ ବ୍ୟାୟାମ କରିବା ଶିଖାଉଛନ୍ତି। ହେଲେ ବୋଉ ଏସବୁ ସତସତିକା କରେ ଓ ନିଜର ସ୍ୱାସ୍ଥ୍ୟରକ୍ଷା ସହିତ ପରିବାରର ସମସ୍ତ ସଦସ୍ୟଙ୍କ ଯତ୍ନନେବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦିଏ।

ବୋଉ କେବଳ ଘରକାମରେ ସୀମାବଦ୍ଧ ରୁହେନି। ଆଜିର ଆଧୁନିକା ଗୃହିଣୀ ଭଳି ସେ ବି ପରିବାରର ସଙ୍କଟ ସମୟରେ ଆଗକୁ ବାହାରି ଆସେ। ନିଜର ଆବଶ୍ୟକତା ସ୍ୱଳ୍ପ ଥିବାରୁ ସେ ସବୁସମୟରେ ସବୁପରିସ୍ଥିତିକୁ ସାମ୍ନା କରିପାରେ। ପରିବାର ଲାଗି ସବୁବେଳେ ଢାଲ ପାଲଟିଯାଏ। ସତରେ, ବୋଉ କେବଳ ଏକ ଡାକ ନୁହେଁ କି ଜଣେ ବ୍ୟକ୍ତି ନୁହେଁ। ବୋଉ ଏବେର ବିଜ୍ଞାନ ବି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

■ ନିର୍ବାଚନ ପୂର୍ବରୁ ମାମଲା ଶେଷ କରିବାକୁ ନିର୍ଦ୍ଦେଶ

# ସଜା ହାର ବୃଦ୍ଧି ଉପରେ ପୁଲିସ ଡିଜିଙ୍କ ଫୋକସ୍

**ଭୁବନେଶ୍ୱର,୨୫ ।୨(ସମିସ):** ଆଗକୁ ନିର୍ବାଚନ ଆସୁଥିବାରୁ ପୁଲିସ ଉପରେ କାର୍ଯ୍ୟ ଚାପ ପଡ଼ିବ । ତେଣୁ ଏହା ପୂର୍ବରୁ ମାମଲାର ତଦନ୍ତ ଶେଷ କରିବାକୁ ପୁଲିସ ଡିଜି ଅରୁଣ ଷଡଙ୍ଗୀ ସମସ୍ତ ଜିଲ୍ଲା ଏସ୍‌ପି, ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସମସ୍ତ ଥାନା ଅଧିକାରୀଙ୍କୁ ଡାକି ଏନେଇ ଆଲୋଚନା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି । ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧୀମାନଙ୍କୁ ସାବାଡ଼ କରିବାକୁ ମଧ୍ୟ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନେକ ସମୟରେ ପୁଲିସ କୋର୍ଟରେ ସଠିକ୍ ସମୟରେ ସିଡି, ଚାର୍ଜସିଟ୍ ଦାଖଲ କରୁ ନ ଥିବାରୁ ମଧ୍ୟ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି । ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ ଦାଖଲ କରିବାକୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି ।

● ସଠିକ୍ ସମୟରେ ସିଡି, ଚାର୍ଜସିଟ୍ ଦାଖଲ ପରାମର୍ଶ
● ୨୦୨୧ରେ ସଜା ପାଇଛନ୍ତି ୬୮୫ଜଣ ଅଭିଯୁକ୍ତ

ଏନ୍‌ସିଆରବି ଅନୁସାରେ, ବିଭିନ୍ନ ମାମଲାରେ ୨୦୨୧ରେ ୫୯୨୨୯ ଜଣ ଗିରଫ ହୋଇଥିଲେ । ସେଥିରେ ୫୫୭୭୦ ଜଣ ପୁରୁଷ ରହିଥିବା ବେଳେ ସେଥିରେ ୩୪୫୯ ଜଣ ମହିଳା ରହିଥିଲେ । ସେହିପରି ୧୪୩୨୦୩ଜଣଙ୍କ ବିରୋଧରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା । ୬୮୫ଜଣ ଅଭିଯୁକ୍ତ କୋର୍ଟରେ ଦଣ୍ଡିତ ହୋଇଥିଲେ । ସେଥିରେ ୬୭୯ଜଣ ପୁରୁଷ ରହିଥିବା ବେଳେ ୬ଜଣ ମହିଳା ରହିଛନ୍ତି । ମିଳିଥିବା ତଥ୍ୟ ଅନୁସାରେ, ୨୦୦୭ରୁ ୨୦୨୦ ମଧ୍ୟରେ ରାଜଧାନୀରୁ ୧୮୦୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ୨୦୧୪ରେ ସର୍ବାଧିକ ୨୩୧ଜଣ ଏବଂ ୨୦୨୦ରେ ସର୍ବନିମ୍ନ୨୦ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଚୋରି ଘଟଣାରେ ୧୦୯, ହତ୍ୟାକାଣ୍ଡରେ ୨୮, ଡକାୟତିରେ ୧୦, ସିନ୍ଧିଚୋରିରେ ୭୦, ଲୁଟ୍ ମାମଲାରେ ୧୫୦, ଠକେଇରେ ୬୦, ଦଙ୍ଗା କରିବା ଘଟଣାରେ ୧୧, ଦୁଷ୍କର୍ମ ମାମଲାରେ ୬୦, ମୋଟରଯାନ ଅପରାଧରେ ୯୦ ଓ ମିସ୍‌ଲାନ୍ସ ମାମଲାରେ ସର୍ବାଧିକ ୧୨୦୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ।

ରାଜ୍ୟରେ ଦଣ୍ଡହାର କମିବାର କାରଣ ସମ୍ପର୍କରେ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ଅଭିଯୁକ୍ତ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବାର ଅନେକ କାରଣ ରହିଛି । ଅନେକ ସମୟରେ ସିଆରପିସି ଧାରା ୧୬୧ ଅନୁଯାୟୀ ପୁଲିସ ବୟାନ ରେକର୍ଡ କରିବା ସମୟରେ ପୀଡିତା ଯାହା କରିଥାନ୍ତି, କୋର୍ଟରେ ତାହାକୁ ବଦଳାଇ ଦେଉଛନ୍ତି । ଯେଉଁଥି ପାଇଁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି । ସେହିପରି ଅନେକ ପୁଲିସ ଅଫିସରଙ୍କ ତଦନ୍ତ କରିବାରେ ତ୍ରୁଟି ରହିଯାଉଛି । ସେମାନେ କୋର୍ଟରେ ଦାଖଲ କରୁଥିବା ଚାର୍ଜସିଟ୍‌ରେ ଭୁଲ୍ କରୁଛନ୍ତି । ଯେଉଁଥି ପାଇଁ ଅଭିଯୁକ୍ତ ସହଜରେ ଜେଲ୍‌ରୁ ବାହାରି ଯାଉଛି ।

# ଜେଲ୍ ବିଭାଗରେ ସାମିଲ ହେଉଛି ଅତ୍ୟାଧୁନିକ ଟେକ୍ନୋଲୋଜି

**ଭୁବନେଶ୍ୱର, ୨୫ ।୨(ସମିସ):** ଜେଲ୍ ବିଭାଗରେ ୫ଟି'ଲାଗୁ ହେବା ପରେ ଜେଲ୍ ବିଭାଗ ଅତ୍ୟାଧୁନି ଟେକ୍ନୋଲୋଜିକୁ ଆପଣାଇଛି । ଏବେ ୮୬ଟି ଜେଲ୍‌ରେ ଭିସି(ଭିଡିଓ କନ୍‌ଫରେନ୍ସି) ବ୍ୟବସ୍ଥା ଥିବା ବେଳେ ୮୬ଟି ଜେଲ୍‌ରେ ସିସିଟିଭି କ୍ୟାମେରା ଲାଗିଛି । ଭିଜି ବ୍ୟବସ୍ଥା ମାଧ୍ୟମରେ କଏଦୀମାନେ ଆଉ ଜେଲ୍‌କୁ ଯିବାକୁ ପଡୁନି । ସେମାନେ ଭିସି ମାଧ୍ୟମରେ କୋର୍ଟରେ ହାଜର ହୋଇପାରୁଛନ୍ତି । ସେହିପରି ୮୭ଟି ଜେଲ୍‌ରେ ୱାକିଟକି ବ୍ୟବସ୍ଥା ରହିଥିବା ବେଳେ ୩୦ଟି ଜେଲ୍‌ରେ ମେଟାଲ ଡିଟେକ୍ଟର ମେସିନ୍ ବ୍ୟବସ୍ଥା । ବ୍ୟାଗ୍ ସ୍କାନର ୨୯ଟି ଜେଲ୍‌ରେ ଥିବା ବେଳେ ହାତରେ ଧରି ଯାଞ୍ଚ କରାଯାଉଥିବା ମେଟାଲ ଡିଟେକ୍ଟର ୮୭ଟି ଜେଲ୍‌ରେ ରହିଛି । ସେହିପରି ୫୧ଟି ଜେଲ୍‌ରେ ଗେଟ୍ ଦ୍ୱାରରେ ଥିବା ମେଟାଲ ଡିଟେକ୍ଟର ବ୍ୟବସ୍ଥା ରହିଛି । ମେଟାଲ ଡିଟେକ୍ଟର ବ୍ୟବସ୍ଥା ରହିବା ଦ୍ୱାରା ଜେଲ୍ ଭିତରକୁ ନିଶା ଦ୍ରବ୍ୟ, ମାଦକ ଦ୍ରବ୍ୟ ଏବଂ ମୋବାଇଲ୍ ଯାଇପାରିବ ନାହିଁ । ଯେଉଁଥି ପାଇଁ ଜେଲ୍ ଭିତରେ ସୈଖିକ ବାତାବରଣ ବଜାଇ ରହୁଛି । ସେହିପରି ୨୦ଟି ଜେଲ୍‌ରେ ବଡି କ୍ୟାମେରା ରହିଛି । ଆହୁରି ମଧ୍ୟ ୨୦ଟି ଜେଲ୍‌ରେ କମ୍ପୋଷ୍ଟ ମେସିନ୍ ରହିଥିବା ବେଳେ ୮୭ଟି ଜେଲ୍‌ରେ ଭାକ୍ୟୁମ୍ କ୍ଲିନ୍‌ର ରହିଛି । ସେହିପରି ୨୦ଟି ଜେଲ୍‌ରେ ଚଟାଣ ସଫା କରିବା ମେସିନ୍, ୨୦ଟି ଜେଲ୍ କପଡ଼ା ସଫା କରିବା ମେସିନ୍ ବ୍ୟବସ୍ଥା ରହିଛି । ୮୬ଟି ଜେଲ୍‌ରେ ଇ-ମୁଲାକାତ୍ ବ୍ୟବସ୍ଥା ଥିବା ବେଳେ ୮୬ଟି ଜେଲ୍‌ରେ ୧୮୧ଟି ବାୟୋମେଟ୍ରିକ୍ ଫିଙ୍ଗରପ୍ରିଣ୍ଟ ସ୍କାନର ରହିଛି । ୪୦ଟି ୫୬ଟି ଜେଲ୍‌ରେ କିଓସ୍କୋ ମେସିନ୍ ଥିବା ବେଳେ ୮୭ଟି ଜେଲ୍‌ରେ ଲାପ୍‌ଟପ୍ ବ୍ୟବସ୍ଥା ରହିଛି । ୮୭ଟି ଜେଲ୍‌ରେ କମ୍ପ୍ୟୁଟର ଥିବା ବେଳେ ୨ଟି ଜେଲ୍‌ରେ ପ୍ରିଜନ୍ କଲିଂ ସିଷ୍ଟମ ବ୍ୟବସ୍ଥା କରାଯାଇଥିବା ବେଳେ ୪୨ଟି ଜେଲ୍‌ରେ ୫୦ଟି ଇ-ରିସ୍କା ବ୍ୟବସ୍ଥା ଥିବା ବେଳେ ୨୨ଟି ଜେଲ୍‌ରେ ଜେଲ୍ ଘଣା ମେସିନ୍ କରାଯାଇଛି । ଜେଲ୍ ବିଭାଗ ଆହୁରି ଅନେକ ଅତ୍ୟାଧୁନିକ ବ୍ୟବସ୍ଥା କରାଯିବାର ଯୋଜନା କରାଯାଇଛି । ଏହି ସବୁ ବ୍ୟବସ୍ଥା କରାଯିବା ପରେ କଏଦୀମାନେ ଉପକୃତ ହେଉଛନ୍ତି ।

■ ୮୬ ଜେଲ୍‌ରେ ଭିସି, ସିସିଟିଭି ବ୍ୟବସ୍ଥା
■ ୩୦ଜେଲ୍‌ରେ ମେଟାଲ ଡିଟେକ୍ଟର ମେସିନ୍
■ ୮୭ଜେଲ୍‌ରେ ବାୟୋମେଟ୍ରିକ୍ ଫ୍ରିଙ୍ଗରପ୍ରିଣ୍ଟ ସ୍କାନର

ମହଙ୍ଗା ପଡ଼ିଲା ଅନୈତିକ ଉପାୟରେ କପିକୁ ସହଯୋଗ

# ପରୀକ୍ଷା କାର୍ଯ୍ୟରୁ ବହିଷ୍କୃତ ହେଲେ ୩ ଶିକ୍ଷକ

**ବାଲେଶ୍ୱର, ୨୫।୨ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଅନୈତିକ ଉପାୟରେ କପିକୁ ସହଯୋଗ କରିବା ମହଙ୍ଗା ପଡ଼ିଛି । ରବିବାର 'ସକାଳ'ରେ ଖବର ପ୍ରକାଶ ପରେ ବୋର୍ଡ ନିର୍ଦ୍ଦେଶରେ ରାତାରାତି ତଦନ୍ତ କରାଯାଇ ପରୀକ୍ଷା କେନ୍ଦ୍ର ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହୁଥିବା ସେହି ସ୍କୁଲର ଜନୈକ ଶିକ୍ଷକ ତଥା ପରୀକ୍ଷା ନିରୀକ୍ଷକ ମନୋଜ କୁମାର ସାହୁଙ୍କ ସମେତ ଅନ୍ୟ ଦୁଇ ଜଣ ଭୋକେସନାଲ ଶିକ୍ଷକଙ୍କୁ ତୁରନ୍ତ ଛାତ୍ରାବାସ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହିତ ସେମାନଙ୍କୁ ଅବଶିଷ୍ଟ ପରୀକ୍ଷା କାର୍ଯ୍ୟରୁ ବହିଷ୍କୃତ କରାଯାଇଛି ।

ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କେତେକ ଶିକ୍ଷକ କପିକୁ ସହଯୋଗ କରୁଥିବା ନେଇ ଅଭିଯୋଗ ହୋଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ରାତ୍ରି ଜଗୁଆଳ ପ୍ରଦୀପ କୁମାର ରାଉଳଙ୍କ ସହଯୋଗରେ ନିଜ ସ୍କୁଲର ପରୀକ୍ଷାର୍ଥୀଙ୍କୁ କପି ଯୋଗାଇ ଦେବାରେ ସହଯୋଗ କରିବା ପାଇଁ କୁଳିଦା ଉଚ୍ଚ ବିଦ୍ୟାଳୟର ତିନି ଜଣ ଶିକ୍ଷକ ବେଆଇନ ଭାବେ ଏହି କେନ୍ଦ୍ରକୁ ପ୍ରବେଶ କରି ପରୀକ୍ଷା କେନ୍ଦ୍ର ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହୁଥିବା ସେହି ସ୍କୁଲର ଜନୈକ ଶିକ୍ଷକ ତଥା ପରୀକ୍ଷା ନିରୀକ୍ଷକ ମନୋଜ କୁମାର ସାହୁଙ୍କୁ ନିଶା ଦ୍ରବ୍ୟ ଓ ଖାଦ୍ୟ ଯୋଗାଇ ଦେଇ ପ୍ରଭାବିତ କରିଥିବା ଅଭିଯୋଗ ହୋଇଥିଲା । ସ୍ଥାନୀୟ ୱାର୍ଡସଭ୍ୟ ସପନ କୁମାର ଦାସଙ୍କ ସମେତ କିଛି ଯୁବକ ମୋବାଇଲରେ ଏହାର ଭିଡିଓ ଉତ୍ତୋଳନ କରିବା ସହିତ ଜାଣିପାରି ଘେରଉ କରିଥିଲେ । ଫଳରେ ବେଆଇନ ଭାବେ ପ୍ରବେଶ କରିଥିବା ଶିକ୍ଷକ ମାନଙ୍କୁ ସମ୍ପୃକ୍ତ ପରୀକ୍ଷା ନୀରିକ୍ଷକ ଶ୍ରୀ ସାହୁ ସ୍କୁଲ ପଛପଟେ ଥିବା କଣ୍ଟା ବାଡ ଭାଙ୍ଗି ବାହାରକୁ ପଠାଇ ଦେଇଥିଲେ । ଏନେଇ ଗ୍ରାମବାସୀ ମାନେ ଶୁକ୍ରବାର ରାତିରୁ ସ୍କୁଲ ଫାଟକରେ ତାଲା ବନ୍ଦ କରି ରଖିଥିଲେ । ଫଳରେ ଶନିବାର ସକାଳେ ସ୍କୁଲକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୀର୍ଘ ୩ ଘଣ୍ଟା ଧରି ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇ ରହିଥିଲେ । ଏ ନେଇ ରବିବାର 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ବୋର୍ଡ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବୋର୍ଡ ନିର୍ଦ୍ଦେଶରେ ରବିବାର ରାତିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ ଏବଂ ଭୋଗରାଇ ବିଇଓ କମଳଲୋଚନ ବିଶ୍ୱାଳ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସୁପରିଣ୍ଟେଣ୍ଡେଣ୍ଟ ତଥା ସ୍କୁଲର ପ୍ରଧାନ ଶିକ୍ଷକ ଦେବାଶିଷ ପଟ୍ଟନାୟକଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରିଥିଲେ । ଶ୍ରୀ ପଟ୍ଟନାୟକ ଘଟଣା ସମ୍ପର୍କରେ ଲିଖିତ ରିପୋର୍ଟ ପ୍ରଦାନ କରିଛନ୍ତି । ଏହାକୁ ନେଇ ବିଇଓ ଶ୍ରୀ ବିଶ୍ୱାଳ ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭାମଞ୍ଜରୀ ଦାସଙ୍କୁ ପ୍ରଦାନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ପରୀକ୍ଷା କେନ୍ଦ୍ର ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହୁଥିବା ସମ୍ପୃକ୍ତ ଶିକ୍ଷକ ତଥା ପରୀକ୍ଷା ନିରୀକ୍ଷକ ମନୋଜ କୁମାର ସାହୁ ଏବଂ ଅନ୍ୟ ଦୁଇ ଜଣ ଭୋକେସନାଲ ଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ଓ ସତ୍ୟରଞ୍ଜନ ପ୍ରଧାନଙ୍କୁ ତୁରନ୍ତ ଏହି ଛାତ୍ରାବାସ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହିତ ସେମାନଙ୍କୁ ପରୀକ୍ଷା କାର୍ଯ୍ୟରୁ ବହିଷ୍କୃତ କରାଯାଇଛି । ସୋମବାର ବୋର୍ଡ ପକ୍ଷରୁ ଏହି ପରୀକ୍ଷା କେନ୍ଦ୍ର ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

# ଦିବ୍ୟାଙ୍ଗ କଳାକାରଙ୍କୁ ନେଇ ଗଠନ ହେବ ମ୍ୟୁଜିକାଲ ବ୍ୟାଣ୍ଡ

**ଭୁବନେଶ୍ୱର, ୨୫।୨(ସମିସ):** ଦିବ୍ୟାଙ୍ଗ କଳାକାର ମାନଙ୍କୁ ନେଇ ଗଠନ ହେବ ମ୍ୟୁଜିକାଲ ବ୍ୟାଣ୍ଡ । ମୁକ୍ତ ବିଜ୍ଞାପନ ମାଧ୍ୟମରେ ସାରା ରାଜ୍ୟରୁ ପ୍ରତିଭାବାନ୍ ଦିବ୍ୟାଙ୍ଗ କଳାକାର ମାନଙ୍କୁ ଚୟନ କରାଯିବ । କ୍ୟାପିଟାଲ ହସ୍ପିଟାଲ ସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାବିଲିଟି ରିହାବିଲଟେସନ୍ (ଏସ୍‌ଆଇଡିଆର) ଏବଂ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଏହି ମ୍ୟୁଜିକାଲ ବ୍ୟାଣ୍ଡ ଗଠନ କରାଯିବ । ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍‌ଏସ୍‌ଇପିଡି) ପକ୍ଷରୁ ଏସ୍‌ଆଇଡିଆର ମୁଖ୍ୟ ପରିଚାଳକଙ୍କୁ ପତ୍ର ଲେଖି ପଦକ୍ଷେପ ନେବା ପାଇଁ କୁହାଯାଇଛି । ସୂଚନା ଅନୁସାରେ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସାଧାରଣତଃ ବହୁ ପ୍ରତିଭାର ଅଧିକାରୀ । ବିଶେଷକରି ସଙ୍ଗୀତ କ୍ଷେତ୍ରରେ ସେମାନଙ୍କ ନିପୁଣତା ବେଶ୍ ଉଚ୍ଚକୋଟିର । ସାଧାରଣ ମ୍ୟୁଜିକାଲ ବ୍ୟାଣ୍ଡର କଳାକାରଙ୍କ ଭଳି ସେମାନେ ମଧ୍ୟ ହଜାର ହଜାର ଦର୍ଶକ/ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିବାର କ୍ଷମତା ରଖନ୍ତି । ଏସବୁ କଥା ବିଚାର କରି ଦିବ୍ୟାଙ୍ଗ ମାନଙ୍କୁ ନେଇ ଏକ ମ୍ୟୁଜିକାଲ ବ୍ୟାଣ୍ଡ ଗଠନ ପାଇଁ ନିଷ୍ପତ୍ତି ହୋଇଛି । ଏସ୍‌ଏସ୍‌ଇପିଡି ବିଭାଗର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିନରେ ଏହି ବ୍ୟାଣ୍ଡ ଗଠନ କରାଯିବ । ମ୍ୟୁଜିକାଲ ବ୍ୟାଣ୍ଡର ପରିଚାଳନା ଲାଗି ସଙ୍ଗୀତ ନାଟକ ଏକାଡେମୀ ବଜେଟ ପ୍ରସ୍ତୁତ କରି ବିଭାଗ ନିକଟରେ ଦାଖଲ କରିବ । ଏକାଡେମୀର ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିଭାସମ୍ପନ୍ନ ଦିବ୍ୟାଙ୍ଗ କଳାକାରମାନଙ୍କୁ ଚୟନ କରିବେ । ବ୍ୟାଣ୍ଡ ଗଠନ ହେବା ପରେ ସେମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ ନିମନ୍ତେ ଏକାଡେମୀ ପଦକ୍ଷେପ ନେବ । ଭଲ ପ୍ରଦର୍ଶନ କଲେ ଏହି ବ୍ୟାଣ୍ଡ ରାଜ୍ୟ ତଥା ଦେଶ ବାହାରେ ବି ପ୍ରଦର୍ଶନ କରିବାର ସୁଯୋଗ ପାଇବେ ।

ବିଜ୍ଞାପନ ମାଧ୍ୟରେ ସମଗ୍ର ରାଜ୍ୟରୁ ଚୟନ କରାଯିବ

# 'ସମାଜ' ର ନୂତନ ମୁଦ୍ରାକର ଓ ପ୍ରକାଶକ ଭାବେ ଡ ପ୍ରଭାସ ଆଚାର୍ଯ୍ୟଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର, ୨୫ ।୨(ସମିସ):** ଓଡ଼ିଶାର ସର୍ବ ପୁରାତନ ତଥା ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର 'ସମାଜ 'ର ନୂତନ ମୁଦ୍ରାକର ଓ ପ୍ରକାଶକ ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ ପ୍ରଭାସ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଲୋକ ସେବକ ମଣ୍ଡଳ ର ରାଷ୍ଟ୍ରୀୟ ସଭାପତି ରାଜ କୁମାର ଚୋପ୍ରାଙ୍କ ସମେତ ସମାଜ ର ସଂପାଦକ ଓ ମୁଖ୍ୟ ପରିଚାଳକ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ପୁରାତନ ସମ୍ବାଦପତ୍ର ର ପାଠକୀୟ ବିଶ୍ୱସନୀୟତା ବଜାୟ ରଖିବା ତଥା ଉତ୍କଳମଣି ଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ ସମ୍ପାଦନ କରିବେ ବୋଲି ଡ ଆଚାର୍ଯ୍ୟ ମ ତ ପୋଷଣ କରିଛନ୍ତି ।

# ବିଭୂତି ଭୂଷଣ ପୁହାଣ ରାଉରକେଲା ଯୁବ ବିଜେଡି ସଭାପତି

**ଭୁବନେଶ୍ୱର,୨୫।୨(ସମିସ):** ବିଭୂତି ଭୂଷଣ ପୁହାଣଙ୍କୁ ବିଜୁ ଯୁବ ଜନତା ଦଳର ରାଉରକେଲା ସାଂଗଠନିକ ଜିଲ୍ଲାର ସଭାପତି ନିଯୁକ୍ତ କରାଯାଇଛି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରୀ ପୁହାଣଙ୍କୁ ଏହି ଦାୟିତ୍ୱ ମିଳିଛି । ସେହିପରି ଦୁଇ ନେତାଙ୍କୁ ଢେଙ୍କାନାଳରେ ବିଧାନସଭା କ୍ଷେତ୍ରର ସହ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି । ସଞ୍ଜୟ ସେଠୀ ହିନ୍ଦୋଳ ବିଧାନସଭା କ୍ଷେତ୍ର ଏବଂ ଅମରଜିତ ସେନାପତି ଢେଙ୍କାନାଳ ବିଧାନସଭା କ୍ଷେତ୍ରରେ ସହ ସଂଯୋଜକ ଭାବେ କାର୍ଯ୍ୟ କରିବେ । ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଦଳୀୟ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି ।

ସଞ୍ଜୟ ଓ ଅମରଜିତଙ୍କୁ ବିଧାନସଭା କ୍ଷେତ୍ର ଦାୟିତ୍ୱ

# ଦୁର୍ଘଟଣାରେ ୭ ଆହତ

**ସାନଖେମୁଣ୍ଡି, ୨୫ ।୨(ସମିସ):** ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ଚୁଡ଼ଙ୍ଗପୁର ଗ୍ରାମ ଅଲେଖ ମହିମା ମଠ ନିକଟରେ ଗୋଟିଏ ଅଟୋକୁ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ୭ ଜଣ ଆହତ ହେଇଛନ୍ତି । ସୂଚନା ମୁତାବକ ଗାଡ଼ିନଂ (ଓଡ଼ି୦୭ଟି-୭୪୨୭) ରେ କିଛି ଲୋକ ବସି ଦିଗପହଣ୍ଡି ପଦ୍ମନାଭପୁରରୁ ଶେରଗଡ଼ ଅଭିମୁଖେ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ପିକଅପ୍ ଭ୍ୟାନନଂ (ଓଆର୦୭କେ-୩୬୨୩) ଅଟୋକୁ ଧକ୍କା ଦେଇଥିଲା ।। ଫଳରେ ଅଟୋଟି ବିଲ ଭିତରକୁ ଚାଲିଯାଇଥିଲା । ଏଥିରେ ୭ ଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଆହତ ମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।

## ଅବଶିଷ୍ଟାଂଶ...

### ପ୍ରମୋଦଙ୍କୁ ରେକର୍ଡ...

ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏଥିସହ ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ପ୍ରମୋଦଙ୍କ ପଦକ ସଂଖ୍ୟା ୧୪ରେ ପହଞ୍ଚିଛି । ଯେଉଁଥିରେ ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ପଦକ ରହିଛି ।

ରବିବାର ଖେଳାଯାଇଥିବା ଏହି ପ୍ରତିଯୋଗିତାର ଫାଇନାଲରେ ପ୍ରମୋଦଙ୍କ ମୁକାବିଲା ଚିରପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡର ବେଥେଲଙ୍କ ସହ ହୋଇଥିଲା । ସଂଘର୍ଷପୂର୍ଣ୍ଣ ଏହି ଫାଇନାଲଟି ରେକର୍ଡ ଏକ ଘଣ୍ଟା ୪୦ ମିନିଟ୍ ଧରି ଖେଳାଯାଇଥିଲା । ଯେଉଁଥିରେ ପ୍ରମୋଦ ୧୪-୨୧, ୨୧-୧୫, ୨୧-୧୪ରେ ଜିତି ଟ୍ରଫି ଜିତିଥିଲେ । ପାରା ବ୍ୟାଡ୍‌ମିଣ୍ଟନ ଫାଇନାଲରେ ଏହା ସର୍ବାଧିକ ସମୟ ଅବଧି ବିଶିଷ୍ଟ ଫାଇନାଲ ମ୍ୟାଚ୍ ହେବାର ରେକର୍ଡ ହୋଇଛି । ସେହିଭଳି ୩୫ ବର୍ଷୀୟ ପ୍ରମୋଦ ପ୍ରଥମ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଏସ୍‌ଏଲ୍-୩ ବର୍ଗରେ କ୍ରମାଗତ ୩ଟି ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି । ପୂର୍ବରୁ ପ୍ରମୋଦ ଏହି ପ୍ରତିଯୋଗିତାର ଚଳିତ ସଂସ୍କରଣରେ ୨ଟି କାଂସ୍ୟ ପଦକ ଜିତିଥିଲେ ।

### କର୍କଟରୁ ମୁକ୍ତି ଦେବ...

ବୋଲି ଅନେକ ଅଧ୍ୟୟନରେ ଦାବି କରାଯାଇଛି । କିନ୍ତୁ ଚିକିତ୍ସା ପାଇଁ କେତେ ଡୋଜ୍ ଆବଶ୍ୟକ ତାହା ଟ୍ରାଏଲରୁ ଜଣାପଡ଼ିବ । ଏବେକାର କର୍କଟ ଚିକିତ୍ସାରେ ଅନେକ ପାର୍ଶ୍ୱପ୍ରତିକ୍ରିୟା ରହିଛି । ତେଣୁ ଶସ୍ତା ଏବଂ ପାର୍ଶ୍ୱପ୍ରତିକ୍ରିୟା ନ ଥିବା ଚିକିତ୍ସା ପାଇଁ ଲକ୍ଷ୍ୟ ରଖାଯାଇଛି । ଭାରତରେ ସର୍ବାଧିକ ମସଲା ପ୍ରସ୍ତୁତ କରାଯାଉଛି । ଏହି ଔଷଧକୁ ଇଞ୍ଜେକ୍ସନ ମାଧ୍ୟମରେ ନ ଦେବା ପାଇଁ ପ୍ରୟାସ କରାଯାଉଛି । ଏଥିପାଇଁ ପରୀକ୍ଷାଗାରରେ ସ୍ଥିର ଉତ୍ପାଦ ପ୍ରସ୍ତୁତ କରାଯାଇଛି । ଜାନୁଆରୀରେ ହୋଇଥିବା ଅଧ୍ୟୟନରେ ସକରାତ୍ମକ ଫଳାଫଳ ଆସିଛି । ତେଣୁ ଏବେ କ୍ଲିନିକାଲ ଟ୍ରାଏଲ ଆରମ୍ଭ ହେବ ।

### ବୟନଶିଳ୍ପରେ ବିପ୍ଳବ...

ନିବେଶକଙ୍କ ପସନ୍ଦ ପାଲଟିଛି । ବୟନଶିଳ୍ପ ବିଶେଷଜ୍ଞ ଡ. ଅନୀତା ସାବତଙ୍କ ମତାନୁସାରେ ରାଜ୍ୟ ବାହାରେ ଯେଉଁ ଲକ୍ଷାଧିକ ଓଡ଼ିଆ କାରିଗର ଭାବେ କାମ କରନ୍ତି, ସେମାନେ ସେଠାରେ ବିଶେଷ ଦରମା ପାଆନ୍ତି ନାହିଁ । ଆମ ରାଜ୍ୟରେ ସେମାନଙ୍କ ପାଇଁ ରୋଜଗାରର ମାଧ୍ୟମ ନଥିବା ବେଳେ ସେମାନେ ବାଧ୍ୟହୋଇ ବାହାରକୁ ଯାଇଛନ୍ତି । ତେବେ ନିକଟରେ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାର ଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ଏହାସହ ଯଦି ଉକ୍ତ କାରିଗରଙ୍କ ପାଇଁ ରାଜ୍ୟ ସରକାର ଆଉ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବେ, ତାହେଲେ ସେମାନେ ଘରକୁ ବାହୁଡ଼ିବେ ନିଶ୍ଚୟ । ୱେଲସ୍ପନର ନିବେଶ ରାଜ୍ୟରେ ଏନେଇ ଏକ ଅନୁକୂଳ ମାହୋଲ ସୃଷ୍ଟି କରିଛି । ଆଗାମୀ ଦିନରେ ରାଜ୍ୟରେ ବୟନଶିଳ୍ପର ଭାଗ୍ୟ ଉଜ୍ଜ୍ୱଳ । ତେବେ ସମପରିମାଣରେ ରାଜ୍ୟ ସରକାର ହସ୍ତତନ୍ତକୁ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ ବୋଲି ଡ. ସାବତ ମତବ୍ୟକ୍ତ କରିଛନ୍ତି ।

### ୨୦୨୪ରେ ଐତିହାସିକ...

ଦୃଢ଼ ବିଶ୍ୱାସ ଏହି ନିର୍ବାଚନରେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ବଳରେ ବିଜୁ ଜନତା ଦଳ ଏକ ଐତିହାସିକ ବିଜୟ ଆଡକୁ ଗତି କରୁଛି ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ବିପୁଳ ଆବେଦନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣିତ କରିଛି ଏବଂ ନବୀନ ବାବୁଙ୍କୁ ଲାଗାତାର ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଓଡ଼ିଶାବାସୀ ମନ ସ୍ଥିର କରିସାରିଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି ।

ସୂଚନାଯୋଗ୍ୟ ଯେ ଜାତୀୟ ସ୍ତରର ବିଭିନ୍ନ ସଂସ୍ଥା ଆଗାମୀ ସାଧାରଣ ନିର୍ବାଚନ ପ୍ରରିପେକ୍ଷୀରେ ଯେଉଁ ପ୍ରାକ୍ ନିର୍ବାଚନୀ ସର୍ଭେ କରୁଛନ୍ତି, ସେଥିରେ ବିଜୁ ଜନତା ଦଳକୁ ବିପୁଳ ଜନମତ ମିଳିବା ନେଇ କୁହାଯାଉଛି । ଲୋକସଭାରେ ଦଳକୁ ୨୧ରୁ ୧୮ଟି ଆସନ ମିଳିବାର ଯଥେଷ୍ଟ ସମ୍ଭାବନା ଥିବାବେଳେ ବିଧାନସଭା ନିର୍ବାଚନରେ ଦଳ ଐତିହାସିକ ବିଜୟ ହାସଲ କରିବ ବୋଲି କୁହାଯାଉଛି । ଦଳକୁ ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରାୟ ୧୨୮ଟି ଆସନ ମିଳିବ ବୋଲି ଏକ ସଂସ୍ଥା ଆକଳନ କରିଥିବା ବେଳେ ଏହା ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପୂର୍ବ ୧୨୩ ଆସନ ରେକର୍ଡକୁ ଭଙ୍ଗ କରିବ ବୋଲି ଉକ୍ତ ସର୍ଭେ ସଂସ୍ଥା ଦୃଢ଼ୋକ୍ତି ପ୍ରକାଶ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ୫-ଟି ଉପକ୍ରମ ଅଧିନରେ ଶାସନ ବ୍ୟବସ୍ଥା ପରିଚାଳନା, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିସ୍ୱାର୍ଥ ସେବା ଏବଂ ଓଡ଼ିଶାକୁ ଅଗ୍ରଣୀ କରିବାର ଲକ୍ଷ୍ୟ ସର୍ବୋପରି ଲୋକଙ୍କ ପାଇଁ ସମର୍ପିତ ଭାବ ନେଇ ଶାସନ ପରିଚାଳନା ବିଜେଡିକୁ ନିର୍ବାଚନରେ ଐତିହାସିକ ବିଜୟ ଦେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

### ଟ୍ରକ୍‌କୁ ପିଟିଲା...

ଅଭିମୁଖେ ଯାଉଥିବା ଏକ ଟ୍ରକ ସହ ସମ୍ମୁଖରୁ ଉକ୍ତ କାର୍ ଧକ୍କା ହୋଇଥିଲା । ଧକ୍କା ଏତେ ଜୋର ହୋଇଥିଲା ଯେ କାରଟିର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି । ଟ୍ରକର ସମ୍ମୁଖ ଭାଗ ମଧ୍ୟ ନଷ୍ଟ ହୋଇଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ କାରରେ ଥିବା ଦୁଇ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ହେଲେ ଘଟଣା ସ୍ଥଳରୁ ହିଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ଦୁର୍ଘଟଣା ପରେ ଉକ୍ତ ଓଭର ବ୍ରିଜ ଉପରେ ଟ୍ରାଫିକ ଜାମ ହୋଇଯାଇଥିଲା । ଖବର ପାଇ ସଦର ପୁଲିସ ଘଟଣାସ୍ଥଳରେ ପହଁଚି ଟ୍ରକ ଓ କାରକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଗନ୍ଧମାର୍ଦ୍ଦନରେ ବଲାଙ୍ଗିର-ବରଗଡ଼-ମହାସମୁଦ୍ର ଡିଭିଜନ ସକ୍ରିୟ

# ମିଳିତ କମ୍ବିଂ ଅପରେସନ ଜୋର୍‌ଦାର





**ବରଗଡ଼/ବଲାଙ୍ଗିର, ୨୫।୨(ସମିସ):** ଦୀର୍ଘ ଦିନର ନିରବତା ପରେ ଗନ୍ଧମାର୍ଦ୍ଦନରେ ବଲାଙ୍ଗିର-ବରଗଡ଼-ମହାସମୁଦ୍ର ଡିଭିଜନ ସକ୍ରିୟ ହୋଇଛନ୍ତି । କିଛି ଦିନ ତଳେ ହୋଇଥିବା ଗୁଳି ବିନିମୟ ଏବଂ ମାଓ କ୍ୟାମ୍ପ ଠାବ ପରେ ଜବତ ହୋଇଥିବା ସାମଗ୍ରୀରୁ ଟପ କ୍ୟାଡର ସହ ମହିଳା କ୍ୟାଡେଟମାନେ ମଧ୍ୟ ରହିଥିବା ସ୍ପଷ୍ଟ ହୋଇଛି । ଏନେଇ ବରଗଡ଼ ଏସପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବର୍ତ୍ତମାନ ମଧ୍ୟ ଗନ୍ଧମାର୍ଦ୍ଦନର ଉଭୟ ବଲାଙ୍ଗିର ଏବଂ ବରଗଡ଼ ପଟୁରୁ କମ୍ବିଂକୁ ଜୋରଦାର କରାଯାଇଥିବା ଏସପି କହିଛନ୍ତି ।

ଗନ୍ଧମାର୍ଦ୍ଦନରେ ବଲାଙ୍ଗିର-ବରଗଡ଼-ମହାସମୁଦ୍ର ଡିଭିଜନର ୧୨ରୁ ୧୫ ଜଣ ଛତ୍ରଭଙ୍ଗ ଦେଇଥିବା ବେଳେ ଟପ କ୍ୟାଡର ସୁଦର୍ଶନ ଓ ବସନ୍ତ ଓରଫ ବିକାଶ ଏହି କ୍ୟାମ୍ପରେ ରହିଥିଲେ । ସେମାନଙ୍କ ମଧ୍ୟରେ କିଛି ମହିଳା କ୍ୟାଡେଟ ରହିଥିବା ବରଗଡ଼ ଏସପି ମୀନା ସୂଚନା ଦେଇଛନ୍ତି । ପୁଲିସ ସର୍ଚ୍ଚ ଅପରେସନ ସମୟରେ ସେଠାରେ ରକ୍ତର ଛିଟା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ଗୁଳି ବିନିମୟରେ କିଛି ମାଓବାଦୀ ଆହତ ହୋଇଥିବା ସନ୍ଦେହ କରାଯାଉଛି ।

ପ୍ରାୟ ଦେଢ ବର୍ଷ ତଳେ ଖପ୍ରାଖୋଲ ବ୍ଲକ ଯୁନାନୀ ବାହାଲ ଗାଁ ନିକଟରେ ପୁଲିସ ଜଣେ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରିଥିଲା । ଏହି ଘଟଣା ପରେ କିନ୍ତୁ ବଲାଙ୍ଗିର-ବରଗଡ଼-ମହାସମୁଦ୍ର ଡିଭିଜନ ଓ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୂଆପଡ଼ା ଡିଭିଜନ ପକ୍ଷରୁ ନିଜ ଶକ୍ତି ବୃଦ୍ଧି କରିବା ପାଇଁ ଯୋଜନା ଚାଲିଥିଲା । ଗନ୍ଧମାର୍ଦ୍ଦନ ଜଙ୍ଗଲରେ ମାଓ ଗତିବିଧି ବୃଦ୍ଧି ପାଉଥିବା ସୁରାକ୍ ପାଇ ଗତ ୨୧ ତାରିଖରୁ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ବରଗଡ଼ ଓ ବଲାଙ୍ଗିରର ଏସଓଜି, ସିଆରପିଏଫ ଏବଂ ଡିଭିଏଫ ତରଫରୁ ମିଳିତ ଭାବେ କମ୍ବିଂ ଜାରି ରହିଥିଲା । ଗତ ଶୁକ୍ରବାର ସକାଳେ ଖଣ୍ଡିଝରେନ ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ଉଭୟ ପକ୍ଷରୁ ପ୍ରାୟ୨୦ ରାଉଣ୍ଡ ଗୁଳି ଚାଳନା ହୋଇଥିବା ବେଳେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ଏହି ଘଟଣା ପରେ ଗତ ଶୁକ୍ରବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବରଗଡ଼ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ ।

ଏହାମଧ୍ୟରେ ବଲାଙ୍ଗିର ପୁଲିସ ମଧ୍ୟ ସିଆରପିଏଫ୍ ସହ ମିଶି ଗନ୍ଧମାର୍ଦ୍ଦନ ଅଞ୍ଚଳରେ କମ୍ବିଂ ଅପରେସନ ଆରମ୍ଭ କରିଥିଲା । ନିବାର ଜଣେ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଥିବାବେଳେ ପୁଲିସ ଅଧିକାରୀମାନେ ଏନେଇ କୌଣସି ସୂଚନା ପ୍ରଦାନ କରିବାକୁ ମନା କରିଛନ୍ତି । ଏନେଇ ଖପ୍ରାଖୋଲ ଥାନାଧିକାରୀଙ୍କ କହିବା ଅନୁସାରେ, ସେହିଭଳି କାହାକୁ ଅଟକ ରଖାଯାଇ ନାହିଁ । ଯଦି କିଛି ସଫଳତା ମିଳେ ତେବେ ନିହାତି ଭାବେ ସୂଚନା ପ୍ରଦାନ କରାଯିବ । ଅନ୍ୟପକ୍ଷରେ ଶନିବାର ଏସ୍‌ପି ରିଷିକେଶ ଖିଲାରୀଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ସାଦା ପୋଷାକରେ ଦେଖିବାକୁ ମିଳିଥିଲା । ସେ ଆଇସିୟୁ ଭିତରକୁ ଯାଇ ଜଣେ ଯୁବକଙ୍କ ହାଲ୍‌ଚାଲ୍ ବୁଝିଥିଲେ । ଏହି ସମୟରେ ଭିତରକୁ କାହାକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା । ତେବେ ସମ୍ପୃକ୍ତ ଯୁବକଙ୍କୁ ନେଇ ବର୍ତ୍ତମାନ କଳ୍ପନା ଜଳ୍ପନା ଲାଗି ରହିଛି । ଶନିବାର ସନ୍ଧ୍ୟାରେ ହିଁ ସମ୍ପୃକ୍ତ ଯୁବକକୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି । ଏହାମଧ୍ୟରେ ପୁଲିସ ଅଧିକାରୀସ୍ତରରେ ମଧ୍ୟ ବଲାଙ୍ଗିରରେ ହଲ୍‌ଚଲ୍ ଦେଖିବାକୁ ମିଳିଛି । ଆଗକୁ ନିର୍ବାଚନ ଥିବାବେଳେ ଏହି ସମୟରେ ମାଓଉପଦ୍ରବ ସାମ୍ନାକୁ ଆସିବା ନିହାତି ଭାବେ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

■ ଟପ କ୍ୟାଡର ସୁଦର୍ଶନ, ବସନ୍ତ ସହ ମହିଳା ଟାର୍ଗେଟ୍‌ରେ
■ ଆହତ ଜଣେ ସନ୍ଦିଗ୍ଧ ଯୁବକ ବଲାଙ୍ଗିରରୁ ବୁର୍ଲା ସ୍ଥାନାନ୍ତର
■ ଚଢ଼ଉ ବେଳେ ବିପୁଳ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, **Rajani Bhatia,** daughter of Late. Subhash Chandra Bhatia, residing at Block 24/14 A, Moti nagar, New Delhi-110015, do hereby affirm and state that after my marriage to Shri. Madhusudan Munjal as per Hindu Act, my name has been changed from Rajani Bhatia to Rajni Munjal. Henceforth, I shall be known as **Rajni Munjal** for all official and non- official purposes.

**AFFIDAVIT**
By virtue of an affidavit sworn before the Executive Magistrate, Cuttack, I Krishna Das, D/o Baikunthanath Mallick, residing at D/301, 3rd Floor, NCC Nagarjuna Mapple Height Qrter Ring Road, B-Narayanpura, Banglore North, Karnataka-560048 declare that I have changed by name from Sabita Mallick to Krishna Das. By this affidavit no: 1130, Dated 23.02.2024, both the name Sabita Mallick & Krishna Das is same & one person i.e; me. Henceforth I shall be known as **KRISHNA DAS** for all purposes.

## ଜଳିଗଲା ତିନି ବଖରା

**ଗୁଡାରୀ,୨୫।୨(ସମିସ):** ଗୁଡାରୀ ବ୍ଲକର ସୁକୁଡୁବାଜୁ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଖାଦ୍ୟ ଶସ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ରବିବାର ଦିନ ଦିପହରେ ସୁକୁଡୁବାଜୁ ଗ୍ରାମର ରମେଶ ନାମଙ୍କ ଘରେ ଅଗ୍ନିକାଣ୍ଡ ଘଟି ତିନି ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଘର ମୁରବିଙ୍କ କହିବା ଅନୁସାରେ, ସେମାନେ କାଜୁବାଡ଼ରେ କାମ କରୁଥିବା ସମୟରେ ଘରେ ଅଗ୍ନିକାଣ୍ଡ ଘଟିଯାଇଥିଲା। ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ ମଧ୍ୟ ଗାଡ଼ି ପହଞ୍ଚିଲା ବେଳକୁ ଘରେ ଗଚ୍ଛିତ ଥିବା ଖାଦ୍ୟଶସ୍ୟ ତଥା ଆସବାବପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଆବାସ ନିର୍ମାଣ କରିବା ପାଇଁ ଥିବା ଲକ୍ଷାଧିକ ଟଙ୍କା ପୋଡ଼ିଯିବା ଫଳରେ ପରିବାର ବର୍ଗ ହତାସ ହୋଇପଡ଼ିଛନ୍ତି। ସରକାରୀ ସହାୟତା ପାଇଁ ରମେଶ ଦାବି କରିଛନ୍ତି। ଏହି ଖବର ଗୁଡାରୀ ତହସିଲଦାର ଏମ୍.ସ୍ନେହଲତା ଶୁଣିବା ପରେ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିବା ସହ ପ୍ଲାଷ୍ଟିକ ପାଲ ଯୋଗାଇଥିଲେ। ଶିରିଗୁଡ଼ା ସରପଞ୍ଚ ବଂଶୀ ଶବର ପହଞ୍ଚି ସମସ୍ତ ପ୍ରକାର ସରକାର ସୁବିଧା ଯୋଗାଇ ଦିଆଯିବ କହିବା ସହ ପରିବାର ବର୍ଗଙ୍କୁ ଆଶ୍ୱାସନା ଦେବା ଦେଖିବାକୁ ମିଳିଛି ।

## ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରୁ ପଦ୍ମପୁରକୁ ବାଦ୍ ; ତୀବ୍ର ପ୍ରତିକ୍ରିୟା

**ପଦ୍ମପୁର,୨୫।୨(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୨୦୧୭ ଅକ୍ଟୋବର ମାସରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ପାଇଁ ସ୍ଥାନୀୟ ଉନ୍ନୟନ ପରିଷଦ ପକ୍ଷରୁ ପଦ୍ମପୁର ଅଞ୍ଚଳ ବାସିନ୍ଦା, ବୁଦ୍ଧିଜୀବୀମାନଙ୍କୁ ନେଇ ପଦ୍ମପୁର ବନ୍ଦ ସହ ଧର୍ମଘଟ କରାଯାଇଥିଲା। ଶନିବାର ରାଜ୍ୟ ସରକାର ୩୪ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବାବେଳେ ପଦ୍ମପୁର ଏଥିରୁ ବାଦ୍ ପଡ଼ିବା ଯୋଗୁଁ ପଦ୍ମପୁର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମଗ୍ର ରାୟଗଡ଼ା ଜିଲ୍ଲାରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ହକଦାର ଥିଲେ ମଧ୍ୟ ବାଦ୍ ପଡ଼ିବା ଯାହାର ପ୍ରଭାବ ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ପଦ୍ମପୁର ବିକାଶ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, କିଶୋର ପଣ୍ଡା, ପୂର୍ଣ୍ଣ ଦାସ, ରଘୁନନ୍ଦନ ପାଢ଼ୀ, ପୂର୍ଣ୍ଣ ଚନ୍ଦ୍ର ସାହୁ, ରାଜୀବ ଲୋଚନ ସାହୁ, ସତ୍ୟଜିତ୍ ଗମାଙ୍ଗ, ଆଇନଜୀବୀ ସରୋଜ ପାଣିଗ୍ରାହୀଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଭିନ୍ନ ସ୍ଥାନରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍‌ଘାଟନ

# ମା’ ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ସାଇନ୍ସ ଲ୍ୟାବ୍‌ର ଭିତ୍ତିପ୍ରସ୍ତର ସ୍ଥାପନ



**ବିଷମକଟକ,୨୫।୨(ସମିସ)**

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ ମା’ ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟର ସାଇନ୍ସ ଲ୍ୟାବର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ସାଇନ୍ସ ଲ୍ୟାବର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ତରଫରୁ ୩୫ଲକ୍ଷ ଓ ମା’ ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟର ୮ ଲକ୍ଷ ୭୫ ହଜାର ଟଙ୍କା ଅନୁଦାନରେ ଏହି ଲ୍ୟାବ ନିର୍ମାଣ ହେବ। ଲ୍ୟାବର ନିର୍ମାଣ ନିମନ୍ତେ ଗୁଣୁପୁର ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗକୁ ଏହି କର୍ଯ୍ୟ ପାଇଁ ହସ୍ତାନ୍ତର କରାଯାଇଛି। ଏହି ଅନୁଦାନକୁ ବିଭାଗ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ଜାରି କରିଛି। ସୂଚନା ଅନୁଯାୟୀ, ୨୦୧୯ରେ ମା’ ମାର୍କମା ମହାବିଦ୍ୟାଳୟରେ ବିଜ୍ଞାନ କଲେଜ ଆରମ୍ଭ ହୋଇଥିଲା। ଦୀର୍ଘ ୫ ବର୍ଷ ହେଲା ଲ୍ୟାବ୍ ନ ଥିବାରୁ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଉଚ୍ଚ ଜ୍ଞାନ କୌଶଳର ଶିକ୍ଷାରୁ ବଞ୍ଚିତ ହୋଇଆସୁଥିଲେ। ରବିବାର ବିଜ୍ଞାନ ବିଭାଗରେ ଖୁବଶୀଘ୍ର ଲ୍ୟାବ୍ ନିର୍ମାଣ ହେବା ନେଇ ଛାତ୍ରଛାତ୍ରୀଙ୍କ ମହଲରେ ଉତ୍ସାହିତ ଦେଖାଦେଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ, ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ ଶାନ୍ତି କୁମ୍ବ୍ରୁକା ଯୋଗ ଦେଇଥିବାବେଳେ ମା’ ମାର୍କମା ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ଜି.ମନ୍ମଥ ରାଓ, ପୂର୍ବତନ ଅଧ୍ୟକ୍ଷ ଶୁଦର୍ଶନ ରଥ, ଯୁକ୍ତ ତିନି ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ସମେତ ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟର ସମ୍ପାଦନା କରିଥିଲେ।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଯୋଡ଼ିହେଲା ବାଲିପଦର-ପଣସପଦର



**ବିଷମକଟକ,୨୫।୨(ସମିସ)**

ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ କରିଛନ୍ତି ରାଜ୍ୟ ସରକାର। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକରେ ଝିଗିଡ଼ି ପଞ୍ଚାୟତର ପଣସ ପଦର ଓ ଥୁଆପାଢ଼ୀ ପଞ୍ଚାୟତର ବାଲିପଦର ଗ୍ରାମକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୩ କୋଟି ୫୦ ଲକ୍ଷ ଟଙ୍କାରେ ୪ କିଲୋମିଟର ରାସ୍ତା ନିର୍ମାଣ ହେବାକୁ ଯାଉଛି। ରବିବାର ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣସ ପଦର-ବାଲିପଦର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ, ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ ଶାନ୍ତି କୁମ୍ବ୍ରୁକା, ସୁଜାତା କାଡ୍ରାକା, ଝିଗିଡ଼ି ସରପଞ୍ଚ ଅଜିତ ସାରକା, ଡି. ଶିବା ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଯଦୁନାଥ ରଇତି ସମେତ ଠିକାଦାର ଉପସ୍ଥିତ ଥିଲେ। ଏହି ରାସ୍ତା କାର୍ଯ୍ୟକୁ ବର୍ଷା ଋତୁ ଆସିବା ପୂର୍ବରୁ ଦ୍ରୁତ ଗତିରେ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ଶ୍ରୀ ସାରକା। ଅନ୍ୟ ପଟେ ଦୁଇଟି ଗ୍ରାମକୁ ଖୁବଶୀଘ୍ର ପକ୍କା ରାସ୍ତା ନିର୍ମାଣ ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମନ୍ତ୍ରୀ ଶ୍ରୀ ସାରକାଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

# ଶିକ୍ଷକ ଭବନ ଉଦ୍‌ଘାଟିତ

**ବିଷମକଟକ,୨୫।୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିୟମ ପାର୍ଶ୍ୱରେ ଥିବା ନୂତନ ଶିକ୍ଷକ ଭବନ ରବିବାର ଉଦଘାଟିତ ହୋଇଯାଇଛି। ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଶିକ୍ଷକ ଭବନର ଉଦଘାଟନ କରିଛନ୍ତି। ଏହା ପରେ ଶିକ୍ଷକ ଭବନ ସମ୍ମୁଖରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ସାରକା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାଶ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ ଶାନ୍ତି କୁମ୍ବ୍ରୁକା, ସୁଜାତା କାଡ୍ରାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଡମ୍ବରୁ ଚୌଧୁରୀ, ପୂର୍ବତନ ବ୍ଲକ୍ ଶିକ୍ଷା ଅଧିକାରୀ ବଟକୃଷ୍ଣ ପଣ୍ଡା ଓ ବ୍ଲକ ଶିକ୍ଷକ ସଂଘର ସଭାପତି ଶରତ କୁମାର ଆଚାର୍ଯ୍ୟ ଯୋଗ ଦେଇଥିବାବେଳେ ବିଶ୍ୱନାଥ ନିମାଲପୁରୀ ମଞ୍ଚ ପରିଚାଳନା କାରିଥିଲେ। ଏହି ସାଧାରଣ ସଭାରେ ଶ୍ରୀ ସାରକା ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଏହି ବ୍ଲକର ସହରଠାରୁ ଆରମ୍ଭ କରି ଦୁର୍ଗମ ଅଞ୍ଚଳରେ ପହଞ୍ଚି ଶିକ୍ଷାଦାନ ଦେଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବେଶ୍ ପ୍ରଶଂସା କରିବା ସହ ଠିକ୍ ଭାବେ ଦାୟିତ୍ୱ ତୁଲାଇ ଶିକ୍ଷା କ୍ଷେତ୍ରରେ ବିକାଶ କରିବା ପାଇଁ ନିବେଦନ କରିଥିଲେ।




## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଦେବତା ପ୍ରତିଷ୍ଠା ଓ ନିଦ୍ରା କଳସ ସ୍ଥାପନ



**ମୁନିଗୁଡ଼ା,୨୫।୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ସୀମାନ୍ତ ଲାଞ୍ଜିଗଡ଼ଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ସୂର୍ଯ୍ୟ ପୂଜା, ମଣ୍ଡଳାଦି ପୂଜା, ମହାସ୍ନାନ, ହୋମ, ଦେବତା ପ୍ରତିଷ୍ଠା ସହ ନିଦ୍ରା କଳସ ସ୍ଥାପନ ହୋଇଯାଇଛି। ମୁଖ୍ୟ ପୂଜକ ଅନନ୍ତ ରଥ ଓ ଅନ୍ୟ ପୁରୋହିତଙ୍କ ଦ୍ୱାରା ଉକ୍ତ ପୂଜାର୍ଚ୍ଚନାରେ କର୍ତ୍ତା ଭାବରେ ବେଦାନ୍ତ ଲିମିଟେଡ୍ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ୍ ଓ ଧର୍ମ ପତ୍ନୀ ଶୁଭେସ୍ମା ପାଲ, ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂହଦେଓ ଏବଂ ଧର୍ମ ପତ୍ନୀ ଗୌରୀସ୍ୱପ୍ନା ସିଂଦେଓ, ଚନ୍ଦ୍ରଧ୍ୱଜ ପେଶନିଆ ଓ ଧର୍ମ ପତ୍ନୀ ଶାନ୍ତିଲତା ପେଶନିଆ, ସରତ ସିଂହ ଓ ଧର୍ମ ପତ୍ନୀ ସବିତା ସିଂ, ସୁବାସ ଅଗ୍ରୱାଲ ଓ ଧର୍ମ ପତ୍ନୀ ପିଙ୍କିବାଇ ଆଗୱାଲ, ଶ୍ରୀକାନ୍ତ ବୋହିଦାର ଓ ଧର୍ମ ପତ୍ନୀ ସୁସ୍ମିତା ବୋହିଦାର ପ୍ରମୁଖ ଯୋଗଦେଇଥିଲେ। ୪ ଦିନ ଧରି ଚାଲିଥିବା ଏହି ଉତ୍ସବରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବେଦାନ୍ତ କର୍ତ୍ତୃପକ୍ଷ ବିଭୁଦେନ୍ଦୁ ପଣ୍ଡା, ଭଗବାନ ହୋତା, ଶ୍ରୀକାନ୍ତ ବୋହିଦାର, ଓଁକାର ଆଚାର୍ଯ୍ୟ, କିରନ୍ କିଶୋର ପଟ୍ଟନାୟକ, ଶାନ୍ତନୁ ବିଶି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବାବେଳେ ହରିହର ସଂସ୍କୃତି ସେବା ସମିତି ସଦସ୍ୟ ଚନ୍ଦ୍ରଧ୍ୱଜ ପେଶନିଆ, ଦଳବେହେରା, ରାଜେନ୍ଦ୍ର ପ୍ରତାପ ସିଂହଦେଓ, କୃଷ୍ଣଚନ୍ଦ୍ର ମହାରଣା, ଶ୍ରୀଧର ପେଶନିଆ, ଶରତ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ‘ମିଡିଆ କ୍ଲବ୍ ଗୁଣୁପୁର’ର ବନ୍ଧୁମିଳନ

**ଗୁଣୁପୁର,୨୫।୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ‘ମିଡିଆ କ୍ଲବ୍ ଗୁଣୁପୁର’ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ସଂଘର ଆବାହକ ଜିତେନ୍ଦ୍ର କୁମାର ଶତପଥୀଙ୍କ ଆହ୍ୱାନ କ୍ରମେ ସଂଘର ସଭାପତି ଅନିଲ୍ କୁମାର ସାହୁକାରଙ୍କ ସଭାପତିତ୍ୱରେ ହୋଇଥିଲା। ଏହି ଅବସରରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଗୁଣୁପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ସମାଜସେବୀ ସଞ୍ଜୟ ସାହୁ, ଗୁଣୁପୁର ଉପଖଣ୍ଡ ଅରକ୍ଷୀ ଅଧୀକ୍ଷକ ବାବୁଲି ନାୟକ, ଗୁଣୁପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ଏସ୍ଆଇ ଅଶୋକ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ମିଡିଆ କ୍ଲବ୍ ଗୁଣୁପୁର ସଭ୍ୟ ଦିଲ୍ଲୀପ ରାଜଗୁରୁ ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆବାହକ ଜିତେନ୍ଦ୍ର କୁମାର ଶତପଥୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଜଣାଇଥିଲେ।




ସାମ୍ବାଦିକ ବିଭୁପ୍ରସାଦ ଶତପଥୀଙ୍କ ପରିଚାଳନା କ୍ରମେ ସଭାପତି ଅନିଲ୍ ସାହୁକାରଙ୍କ ଦ୍ୱାରା ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ସମ୍ମାନିତ କରାଯାଇଥିବାବେଳେ, ଆବାହକ ଜିତେନ୍ଦ୍ର କୁମାର ଶତପଥୀଙ୍କ ଦ୍ୱାରା ଗୁଣୁପୁର ପୌରପାଳ ଅଧ୍ୟକ୍ଷା ମମତା ଗୌଡ଼ଙ୍କୁ ସମ୍ମାନିତ କରାଯାଇଥିଲା। ଗୁଣୁପୁର ଅଞ୍ଚଳର ସୁନାମଧନ୍ୟ ସମାଜସେବୀ ସଞ୍ଜୟ ସାହୁଙ୍କୁ ସଂଘର ସମ୍ପାଦକ ଜଗନ୍ନାଥ ମହାନ୍ତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍ ଗୁଣୁପୁରର ସମସ୍ତ ସଦସ୍ୟ, ପ୍ରେସ୍ କ୍ଲବ୍ ଗୁଣୁପୁରର ସଦସ୍ୟ ତଥା ଗୁଣୁପୁରରେ କାର୍ଯ୍ୟରତ ବହୁ ବରିଷ୍ଠ ସାମ୍ବାଦିକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ରାଜଗୁରୁ ସଂଘର କାର୍ଯ୍ୟକାରୀ ସଭାପତି, ବିଭୁ ପ୍ରସାଦ ଶତପଥୀ ସହସମ୍ପାଦକ, ମିଡିଆ କ୍ଲବର ଆଇନ୍ ପରାମର୍ଶଦାତା ତଥା ବରିଷ୍ଠ ଓକିଲ ରମେଶ ଲିମା, ଲକ୍ଷ୍ମୀ ମହାଙ୍କୁଡ଼ ସଂଘର କୋଷାଧ୍ୟକ୍ଷ ତଥା ଉପଦେଷ୍ଟା, ସାମ୍ବାଦିକ ରାକେଶ ପାଢ଼ୀ, ଦିଲ୍ଲୀପ ରାଜଗୁରୁ, ମହେଶ ପାଟଖଣ୍ଡାଳ, ଜଗଦୀଶ ପ୍ରସାଦ ଶତପଥୀ, ଅନିଲ ଚୌଧୁରୀ, ସୁନୀଲ ସାବତ, ଶୀଲା ଶବର, ଉମା ମହାଙ୍କୁଡ଼ ଓ ବିଷ୍ଣୁ ପ୍ରସାଦ ଶତପଥୀ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମିଡିଆ କ୍ଲବ୍ ଗୁଣୁପୁର ନିମନ୍ତେ ଏକ ଅଫିସ ପାଇଁ ନିଶ୍ଚିତ ରୂପେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସଂଘର ସମ୍ପାଦକ ଜଗନ୍ନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିୟମଗିରି ପର୍ବ ପାଳିଲେ ଦୁଇ ଜିଲ୍ଲାର ଡଙ୍ଗରିଆ



**କଲ୍ୟାଣସିଂହପୁର,୨୫।୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଓ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ସୀମାନ୍ତରେ ଥିବା ନିୟମ ରାଜା ପର୍ବ ପାଳନ ହୋଇଯାଇଛି। ରାଜ୍ୟର ବହୁ ଚର୍ଚ୍ଚିତ ନିୟମ ରାଜାଙ୍କ ନିୟମଗିରି ପାହାଡ଼ରେ ଦୀର୍ଘ ବର୍ଷ ଧରି ପୂଜା ପାଇ ଆସୁଛନ୍ତି। ଜଳ, ଜମି, ଜଙ୍ଗଲ ସଂସ୍କୃତି ଭାଷା ଜୀବନ ଜୀବିକା ପରିବେଶ ସୁରକ୍ଷା ନିମନ୍ତେ ନିୟମ ରାଜାଙ୍କୁ ଆରାଧନା କରି ଆସୁଛନ୍ତି। ଏହି ଦୁଇ ଜିଲ୍ଲାର ଲୋକଙ୍କ ସହ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସଂଗଠନ ସମାଜସେବୀ ଏହି ପର୍ବ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥାନ୍ତି। ଏହି ପର୍ବ ପ୍ରତିବର୍ଷ ମାଘ ମାସରେ ହୋଇଥାଏ। ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆମାନଙ୍କ ବିଭିନ୍ନ ପର୍ବ ମଧ୍ୟରୁ ଏହା ମୁଖ୍ୟ ପର୍ବ ବୋଲି ସମସ୍ତଙ୍କୁ ନିମନ୍ତ୍ରଣ କରିଥାନ୍ତି। ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ନିୟମଗିରି ସୁରକ୍ଷା ସମିତିର ସଭାପତିମାନେ ଏହି ପର୍ବ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଡ଼ମ୍ବରରେ ପାଳନ କରିଥାନ୍ତି। ନିୟମଗିରିବାସୀ ଶନିବାର ନିୟମ ରାଜାଙ୍କୁ ଆହ୍ୱାନ କରାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଡଙ୍ଗରିଆମାନେ ନିୟମଗିରି ପର୍ବକୁ ଟକି ପର୍ବ ବୋଲି ଡଙ୍ଗରିଆ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନାଚ ଗୀତରେ ଆସର ଜମାଇ ପୂଜା ଆରମ୍ଭ କରିଥାନ୍ତି। ଏଥିରେ ରାୟଗଡ଼ା ଜିଲ୍ଲାର ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ସିକକା, ଯୁବ ସଭାପତି ଶାମ୍ବ ହୁଇକା, ଡ୍ରିଞ୍ଜୁ ପୁସିକା, ଦଦୀ ସିକକା, କୃଷ୍ଣ ସିକକା, ଦଦୀ ପୁସିକାଙ୍କ ସହ ବହୁ ଡଙ୍ଗରିଆ ଯୁବକଯୁବତୀ ଏବଂ କଳାହାଣ୍ଡି ଜିଲ୍ଲାର ସୁରକ୍ଷା ସମିତିର ସଦସ୍ୟ, କର୍ମୀ, ସାଧାରଣ ଲୋକ ଉପସ୍ଥିତ ଥିଲେ।

### ରାୟଗଡ଼ାରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ

# ‘ଶିକ୍ଷା ହେଉଛି ମାନବ ସମ୍ବଳ ସମାଜର ମେରୁଦଣ୍ଡ’

**ରାୟଗଡ଼ା,୨୫।୨(ସମିସ):**

‘ମିଳିବ ସମ୍ମାନ, ବଢ଼ିବ ଉତ୍ସାହ, ଆଣିବ ଆଗ୍ରହର ବାର୍ତ୍ତା’ ନେଇ ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଗୋବିନ୍ଦ ଚନ୍ଦ୍ର ଦେବ (ଜିସିଡି) ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ରବିବାର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ‘୫-ଟି’ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟକ୍ରମର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ‘୫-ଟି’ ରୂପାନ୍ତରିତ ସ୍କୁଲ ଓ ଅନ୍ୟ ସ୍କୁଲମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶିକ୍ଷାର ଉତ୍କର୍ଷ ପାଇଁ ବର୍ଷକୁ ୧୦୦ କୋଟି ଟଙ୍କାର ଘୋଷଣା କରାଯାଇଛି। ଏଥିରେ ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ଏହି ପୁରସ୍କାର ପ୍ରଦାନ କରାଯିବ। ୫୦ ହଜାର ଛାତ୍ରଛାତ୍ରୀ, ୧୫ଶହ ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି, ସରପଞ୍ଚ, ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାର ସୁବ୍ୟବସ୍ଥା କରିଛନ୍ତି ମୁଖ୍ୟମନ୍ତ୍ରୀ ବୋଲି ଆଇନମନ୍ତ୍ରୀ ଶ୍ରୀ ସାରକା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ପି.ଗୌରୀ ଶଙ୍କର ରାଓ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବରିହା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ସମ୍ପର୍କରେ ଆଲୋକପାତ କରିଥିବାବେଳେ ଶିକ୍ଷା ହେଉଛି ମାନବ ସମ୍ବଳ ସମାଜର ମେରୁଦଣ୍ଡ। ବିନା ଶିକ୍ଷାରେ ଆମ ସମାଜ ଆଗକୁ ବଢ଼ିପାରିବ ନାହିଁ। ମୁଖ୍ୟମନ୍ତ୍ରୀ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ କରି ଶିକ୍ଷାକୁ ଚରମ ସୀମାରେ ପହଞ୍ଚାଇ ପାରିଛନ୍ତି ବୋଲି ବିଧାୟକ ଶ୍ରୀ ମୁଦୁଲି ପ୍ରକାଶ କରିଥିଲେ।



ସେହିପରି ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମରେ ୧୬୫୦ଟି ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଜିଲ୍ଲାସ୍ତରରେ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ମାର୍କ ରଖିଥିବା ୭୭ ଜଣ ଉତମ ଛାତ୍ରଙ୍କୁ ଛାତ୍ର ନେତୃତ୍ୱ ଭାବେ ପୁରସ୍କୃତ କରାଯାଇଥିବାବେଳେ ବ୍ଲକସ୍ତରରେ ୧୧୧୨ ଜଣଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଶ୍ରେଷ୍ଠ ଛାତ୍ର ନେତୃତ୍ୱ ଆୱାର୍ଡରେ ୩୫୨ ଜଣଙ୍କୁ, ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ଭାବେ ୨୯ଟି, ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ଭାବେ ୩୨ଟି ଏବଂ ୪ଟି ଶ୍ରେଷ୍ଠ ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। ସେହିପରି ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ଆୱାର୍ଡରେ ୧୧ଜଣ ପ୍ରଧାନଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିବାବେଳେ ବ୍ଲକସ୍ତରରେ ଶ୍ରେଷ୍ଠ ୧୧ ଜଣ ପୁରାତନ ଛାତ୍ର, ୧୧ ଜଣ ଶ୍ରେଷ୍ଠ ଶିକ୍ଷକ ଏବଂ ୧୧ଟି ସ୍କୁଲ ପରିଚାଳନା କମିଟିକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବରିହା ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମରେ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ/ ସଦସ୍ୟାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ରାମନାଗୁଡ଼ା,୨୫।୨(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ମିନି ଷ୍ଟାଡିୟମଠାରେ ରବିବାର ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପାରୀକ୍ଷିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବ୍ରିକା, ଜଗଦୀଶ ନାୟକ ବେହେରା, ସୁଣ୍ଡି ଧାମୁଣି ସମିତିସଭ୍ୟ କମଳ ଲୋଚନ ମୁଟିକା, ଅମିତ କୁମାର ମହାରଣା, ରଞ୍ଜନ ନାୟକ ବେହେରା, ମକରଧ୍ୱଜ ଧୋବା, ମୁକୁନ୍ଦ ପାଣି ପ୍ରମୁଖ ଯୋଗଦେଇଥିଲେ।



ଏଥିରେ ଦିନକୁ ଦୁଇଟି ମ୍ୟାଚ୍ ଖେଳାଯିବା ନେଇ ସ୍ଥିର କରାଯାଇଛି। ସେହିପରି ଏହି ପ୍ରତିଯୋଗିତାରେ ଯେଉଁ ଦଳ ବିଜୟ ହାସଲ କରିବ ସେ ଦଳକୁ ୩୦ ହଜାର ଟଙ୍କା ଓ ପରାଜିତ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବା ନେଇ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏହି କ୍ରୀଡ଼ାକୁ ଆଶିଷ ଚୌଧୁରୀ, ଅଶ୍ୱିନୀ କୁମ୍ବାର, କୁନାଲ ବେହେରା, ଶ୍ରୀତିକ ମିଶାଲ, ସୁବ୍ରତ ପୁରୁଷୋତ୍ତମ, ବୁବୁନ ନାଏକ, ମହେଶ୍ୱର, ରଞ୍ଜିତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ





**ଜୟପୁର,୨୫।୨(ସମିସ):** ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଗ୍ରାମ ପଞ୍ଚାୟତଠାରେ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଓ ବିଜେପି ଦଳପ କର୍ମୀ ଭାବେ ଯୁବକ ଓ ବରିଷ୍ଠ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ବିକାଶ ଓ ଉନ୍ନତ ଶାସନ, ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଧନପୁର ଗ୍ରାମଠାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ବିଜେଡିର ନୂତନ ଭାବେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କର୍ମୀ ଓ ସଦସ୍ୟ ଯୋଗଦେଇଥିଲେ। ସେଥିରେ ମୁଖ୍ୟତଃ ଲେଲି ହରିଜନ, ବୁଢୁ ହରିଜନ, ତୁଲା ହରିଜନ, ସୁନିଲ୍ ହରିଜନ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ବିଜେଡିର ବରିଷ୍ଠ ନେତ୍ରୀ ଡ. ଇନ୍ଦିରା ନନ୍ଦ, ବିଷ୍ଣୁ ପ୍ରସାଦ ପାତ୍ର, ଜୟପୁର ବ୍ଲକ୍ ଉପାଧ୍ୟକ୍ଷ ଗଣେଶ ପ୍ରସାଦ ପାଢ଼ୀ, ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ବାବୁଲା ପାତ୍ର ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନୂତନ କର୍ମକର୍ତ୍ତାମାନେ ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନରେ ଜୟପୁର ନିର୍ବାଚନମଣ୍ଡଳୀରେ ବିଜେଡିକୁ ବିଜୟୀ କରିବା ପାଇଁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ସଞ୍ଜିବ, ମହିଳା ବିଭାଗ ସଂଯୋଜିକା ଅମିତା କୋଚିମ୍ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ପାପଡ଼ାହାଣ୍ଡି :** ପାପଡ଼ାହାଣ୍ଡି ବ୍ଲକ୍ ତୁମ୍ବାର୍ଲା ପଞ୍ଚାୟତ ସଦର ଗ୍ରାମଠାରେ ଅକ୍ଷୟ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ କଂଗ୍ରେସ ଏବଂ ବିଜେପି ଦଳର ପ୍ରାୟ ୩୦୦ କର୍ମୀଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିବା ସହ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ କରାଇଥିଲେ। ତୁମ୍ବାର୍ଲା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତୁଳାରାମ ନାୟକ ଏବଂ ପାପଡ଼ାହାଣ୍ଡି ବ୍ଲକ ନାଟ୍ୟ କଳାକାର ସଂଘର ସମ୍ପାଦକ ଉଦୟ ନାଥ ସୁନାଙ୍କ ନେତୃତ୍ୱରେ ରବିବାର ତୁମ୍ବାର୍ଲା ପଞ୍ଚାୟତର ରାଜାମାଟ୍ଟୁ, ମହୁଲି, ପଲସାଗୁଡ଼ା, ତୁମ୍ବାର୍ଲା ଏବଂ ଗବର୍ଲା ଗ୍ରାମର କଂଗ୍ରେସ ଓ ବିଜେପି କର୍ମୀ ବିଧାୟକଙ୍କ ଜନପ୍ରିୟତା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ସୁଶାସନରେ ଅନୁପ୍ରାଣିତ ହୋଇ ରବିବାର ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିବା ଶ୍ରୀ ନାୟକ କହିଛନ୍ତି। ବର୍ତ୍ତମାନ କଂଗ୍ରେସ ଦେଶ ତଥା ରାଜ୍ୟରୁ ସମାପ୍ତ ହୋଇଯାଇଛି। ଏଣୁ ଲୋକଙ୍କ ହାତକୁ କାମ ଏବଂ ମୁଠାଏ ଦାନା ଏହି ନବୀନ ସରକାର ଦେଉଛନ୍ତି ବୋଲି ଶ୍ରୀ ସୁନା କହିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ୱାର୍ଡ ସଭ୍ୟ/ସଭ୍ୟା, ପୂର୍ବତନ ସମିତିସଭ୍ୟ ଏବଂ ସଭ୍ୟାଙ୍କ ସହିତ ବହୁ କର୍ମୀ ସାମିଲ ହୋଇଛନ୍ତି। ଏଥିରେ ପାପଡ଼ାହାଣ୍ଡି ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲ୍ଲା ଯୁବ ସଭାପତି ଶିବାନନ୍ଦ ବିଷୋୟୀ, ପାପଡ଼ାହାଣ୍ଡି ବିଜେଡି ବ୍ଲକ ସଭାପତି ବିଦ୍ୟା ମଲ୍ଲିକ, ଜିଲ୍ଲା ଯୁବ ସମ୍ପାଦକ ସରଜ ଜାଲ, ତୁମ୍ବାର୍ଲା ସରପଞ୍ଚ, ସମିତିସଭ୍ୟା, ତ୍ରିନାଥ ବିଷୋୟୀ, ବରିଷ୍ଠ ବିଜେଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବୋରିଗୁମ୍ମା,୨୫।୨(ସମିସ):** ବୋରିଗୁମ୍ମା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥସ୍ଥିତ ଅଞ୍ଚଳା ଗ୍ରାମ ନିକଟରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ଅଞ୍ଚଳା ଗ୍ରାମ ନିକଟରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିଲେ। ବୋରିଗୁମ୍ମା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି। କ୍ଷତବିକ୍ଷତ ମୃତଦେହର ଗୋଟିଏ ଗୋଡ଼ ଏବଂ ଗୋଟିଏ ହାତ ଭାଙ୍ଗିଯାଇଥିବାବେଳେ ତାହା ହତ୍ୟା ନା ଦୁର୍ଘଟଣା ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିଥିବାବେଳେ ଖବର ଲେଖାହେବା ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରୁଛନ୍ତି ଭିନ୍ନକ୍ଷମ ମାଧୁରୀ ମୋହନ



**କୁନ୍ଦୁରା,୨୫।୨(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକଠାରେ ଭିନ୍ନକ୍ଷମ ଲୋକଙ୍କୁ ସରକାରଙ୍କ ସୁବିଧା ସୁଯୋଗ ବିଷୟରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରୁଛନ୍ତି ଭିନ୍ନକ୍ଷମ ମାଧୁରୀ ମୋହନ ହୋତା ଏବଂ ତାଙ୍କ ଦଳ। ନିଜେ ଦୁର୍ଘଟଣାରୁ ବଞ୍ଚି ସରକାରଙ୍କ କେଉଁ କେଉଁ ସୁବିଧା ସୁଯୋଗଗୁଡ଼ିକ ପାଇଛନ୍ତି ନାଟକ ମାଧ୍ୟମରେ ସେଗୁଡ଼ିକୁ ଲୋକଙ୍କ ନିକଟରେ କେମିତି ପହଞ୍ଚି ପାରିବ ସେ ବିଷୟରେ ସୂଚନା ପ୍ରଦାନ କରିଛନ୍ତି।

ସରକାରୀ ନିୟମାନୁଯାୟୀ, ୨୧ ପ୍ରକାରର ବିକଳାଙ୍ଗ ରହିଥିବାବେଳେ ସେହି ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ପ୍ରଶାସନ ଦ୍ୱାରା ଉପକରଣ ଏବଂ ସହାୟତା ଯୋଗାଇ ଦିଆଯାଉଛି। କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଏବଂ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଏହି ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଯେଉଁମାନେ ବିକଳାଙ୍ଗ ସୁବିଧା, ବୃଦ୍ଧବୃଦ୍ଧା ସୁବିଧା, ବିଧବା ସୁବିଧା, ନିଃସହାୟ ସୁବିଧା ସୁଯୋଗ ପାଇ ନ ଥିବେ ସେହି ବ୍ୟକ୍ତିମାନେ ବ୍ଲକଠାରେ ଥିବା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଯାଇ ସମସ୍ତ ପ୍ରକାର କାର୍ଯ୍ୟ ସମ୍ପାଦନ କରିପାରିବେ। ସେହିପରି ଶାରୀରିକ ଓ ମାନସିକ ଭାବରେ ବିକଳାଙ୍ଗ ଥିବା ବ୍ୟକ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବଂ ଜୟପୁର ସଦର ମହକୁମା ଚିକିତ୍ସାଳୟରେ ପ୍ରତି ମାସ ୧୫ ତାରିଖରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିକଳାଙ୍ଗ ଚିହ୍ନଟ କରାଯାଇଥାଏ। ଏହା ଚିହ୍ନଟ ହେବା ପରେ ବିକଳାଙ୍ଗ ଉପକରଣଗୁଡ଼ିକ ଯୋଗାଇ ଦିଆଯାଏ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଘାସି ଭତ୍ରା, ଅଜୟ ସାହୁ, ଧନପତି ସରାବୁ, ଗୀତାଞ୍ଜଳି ମିଶ୍ର, ବସନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

■ ବିଦ୍ୟୁତ୍ ସଂଯୋଗ ପ୍ରକ୍ରିୟା ଶେଷ

## ରାଇପାଡ଼ରେ ଖୁବଶୀଘ୍ର ପହଞ୍ଚିବ ଓଡ଼ିଶା ବିଦ୍ୟୁତ୍



**ନନ୍ଦପୁର,୨୫।୨(ସମିସ):** ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗୋଲୁର ଗ୍ରାମ ପଞ୍ଚାୟତର ରାଇପାଡ଼ ଗ୍ରାମବାସୀଙ୍କ ପାଇଁ ରାଜ୍ୟ ସରକାଙ୍କ ବିଜୁ ପକ୍କା ଘର ପରେ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବାକୁ ଯାଉଛନ୍ତି। ଏଥିପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଥିବାବେଳେ ଖୁବଶୀଘ୍ର ରାଇପାଡ଼ ଦ୍ୱାରମୁହଁରେ ଓଡ଼ିଶାର ବିଦ୍ୟୁତ ପହଞ୍ଚିବ। ଉକ୍ତ ବିଦ୍ୟୁତ ସଂଯୋଗକୁ ଏବେ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।
ସୂଚିତ ଯେ, ଆନ୍ଧ୍ର ଓଡ଼ିଶା ବିବାଦ ଥମିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଇପାଡ଼ ଗ୍ରାମରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ତଥା ୧୩ ପରିବାରଙ୍କୁ ବିଜୁ ପକ୍କା ଘର ପ୍ରଦାନ ନିମନ୍ତେ ପ୍ରକ୍ରିୟା ପଞ୍ଜିକୃତ ଶେଷ ହୋଇଥିବାବେଳେ ରାଇପାଡ଼ ଗ୍ରାମବାସୀଙ୍କ ପାଇଁ ଆଲୋକ ବ୍ୟବସ୍ଥା କରିବାକୁ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ତେବେ ରାଇପାଡ଼ ଦ୍ୱାରମୁହଁରେ ଓଡ଼ିଶା ବିଦ୍ୟୁତ ପହଞ୍ଚିଥିବା ବେଳେ ଆଲୁଅକୁ ଅପେକ୍ଷା କରିଛନ୍ତି ରାଇପାଡ଼ବାସୀ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଗ୍ରାମ ବିଦ୍ୟୁତ୍ ସଂଯୋଗ ନିମନ୍ତେ କାର୍ଯ୍ୟ ଶେଷ କରାଯାଇଥିବା ବେଳେ ଆଲୁଅ ଅପହଞ୍ଚ ହୋଇଛି ଗ୍ରାମକୁ। ସେପଟେ ଗଲୁରୁ ଗ୍ରାମ ପଞ୍ଚାୟତର ଡୁମୁରିଗୁଡ଼ା ଗ୍ରାମଠାରୁ ବିଦ୍ୟୁତ୍ ଖୁଣ୍ଟ ଆସି ରାଇପାଡ଼ ପହଞ୍ଚିଥିବାବେଳେ ଆଲୁଅ ଆସି ପାରିନାହିଁ। ଏନେଇ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ବିକାଶ ଚୌଧୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟୁତ ସଂଯୋଗୀକରଣ ପ୍ରକ୍ରିୟା ଶେଷ ହୋଇଛି। ହେଲେ ଆଗରୁ ଆନ୍ଧ୍ର ବିଦ୍ୟୁତ ଗ୍ରାମରେ ସଂଯୋଗ ହୋଇଥିବାରୁ ଆନ୍ଧ୍ର ବିଦ୍ୟୁତ ବିଚ୍ଛିନ୍ନ ପରେ ଓଡ଼ିଶା ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଛନ୍ତି। ତେବେ ଗ୍ରାମରେ ସଂଯୋଗ ହୋଇଥିବା ଆନ୍ଧ୍ର ବିଦ୍ୟୁତ ବିଚ୍ଛିନ୍ନ କିଏ କରିବ ସେନେଇ ସ୍ପଷ୍ଟ ସୂଚନା ମିଳି ନ ଥିବାବେଳେ ଓଡ଼ିଶା ବିଦ୍ୟୁତ ସଂଯୋଗକୁ ଗ୍ରାମବାସୀ ଅପେକ୍ଷା କରି ରହିଛନ୍ତି।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ପୁରସ୍କାର ବିତରଣ



**କୋରାପୁଟ,୨୫।୨(ସମିସ):** କୋରାପୁଟ ସରକାରୀ ପଲିଟେକନିକ୍ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅସିତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ କୃଷ୍ଣ ସିଂ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପଦ୍ମନାଭ ସେଠୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

## ପଟ୍ଟାଙ୍ଗି ବ୍ଲକର ତିନି ବିଦ୍ୟାଳୟକୁ ସ୍କୁଲ ଆୱାର୍ଡ ସେକେଣ୍ଡାରୀ ପୁରସ୍କାର



**ପଟ୍ଟାଙ୍ଗି,୨୫।୨(ସମିସ):** ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ, ଆଲୁମନି, ବିଦ୍ୟାଳୟ ପରିଚାଳନା କମିଟି ପ୍ରମୁଖମାନଙ୍କୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୟପୁରର ଦଶହରା ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବ୍ଲକର ୟୁଜିଏଚ୍ଏସ୍ ଅମ୍ବାବାଲି, ରାଲେଗଡ଼ା ଓ ଗାଙ୍ଗରାଜପୁର ପ୍ରମୁଖ ତିନି ବିଦ୍ୟାଳୟକୁ ସ୍କୁଲ ଆୱାର୍ଡ ସେକେଣ୍ଡାରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଞ୍ଜେଇପଦର, ବି. ଲାକରାଇ ଓ କେ. ମେଟାବାଲସା ପ୍ରକଳ୍ପ ବିଦ୍ୟାଳୟକୁ ସ୍କୁଲ ଆୱାର୍ଡ଼ ଏଲିମେଣ୍ଟ୍ରି ପୁରସ୍କାର ମିଳିଛି। ସେହିପରି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଆସିଥିବା ନିର୍ଦ୍ଦେଶ ଅନୁସାରେ ପଟ୍ଟାଙ୍ଗି ହାଇସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକ ଏବଂ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱର୍ଗତ ନୃସିଂହନାଥ ବେହେରାଙ୍କ ପ୍ରଚେଷ୍ଟାରେ ଗଠନ ହୋଇଥିବା ଆଲୁମନି କମିଟିକୁ ଶ୍ରେଷ୍ଠ ଆଲୁମନି କମିଟି ଭାବେ ପୁରସ୍କୃତ କରାଯାଇଛି। ତତ୍କାଳୀନ ପ୍ରଧାନଶିକ୍ଷୟିତ୍ରୀ ବାରିକଙ୍କୁ ଆଲୁମନି କମିଟିର ସଦସ୍ୟମାନେ ଧନ୍ୟବାଦ ଜଣାଇଥିଲେ। ବ୍ଲକର ପ୍ରାଥମିକ ବିଦ୍ୟାଳୟର ଏକମାତ୍ର ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଟିଚର ଏଲିମେଣ୍ଟ୍ରି ପୁରସ୍କାର ମିଳିଛି। ପୁରସ୍କାରପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ବୃନ୍ଦ ତଥା ଅମ୍ବାବାଲି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକ, ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖଙ୍କୁ ବ୍ଲକ୍ ପ୍ରଶାସନ ଓ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

● ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିରଳ ଘଟଣା

## ୩ ଶିଶୁପୁତ୍ରଙ୍କୁ ଜନ୍ମଦେଲେ ମହିଳା



**ବୋରିଗୁମ୍ମା,୨୫।୨(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ତିନିଟି ଶିଶୁପୁତ୍ରକୁ ଜଣେ ମହିଳା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ଦେଇଛନ୍ତି। ଏହି ତିନି ଶିଶୁ ପୁତ୍ର ସ୍ୱାଭାବିକ ପ୍ରସବରେ ଜନ୍ମ ନେଇଛନ୍ତି। ତିନି ଶିଶୁଙ୍କର ଓଜନ ଯଥାକ୍ରମେ ୧ କିଲୋ ୪୫୦ ଗ୍ରାମ୍, ୧ କିଲୋ ୩୫୦ ଗ୍ରାମ୍ ଏବଂ ୧ କିଲୋ ୩୮୦ ଗ୍ରାମ୍ ରହିଛି। ଏହି ତିନି ନବଜାତ ଶିଶୁ ପୁତ୍ର ଜନ୍ମ ପରେ ଉନ୍ନତ ଚିକିତ୍ସା ନିମନ୍ତେ ଜୟପୁର ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏସ୍ଏନସିୟୁରେ ରଖାଯାଇଛି। ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନେଇ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୂଚନା ଦେଇଛନ୍ତି। ସୂଚନାପ୍ରକାରେ, ବୋରିଗୁମ୍ମା ବ୍ଲକ୍ ହରଦଳୀ ପଞ୍ଚାୟତ ଡାବୁଗୁଡ଼ା ଗ୍ରାମର ଚୈତନ୍ୟ ସାନ୍ତାଙ୍କ ପତ୍ନୀ ଫୁଲମତି ସାଆନ୍ତା ଦ୍ୱିତୀୟ ଥର ପ୍ରସବକାଳୀନ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଏକ ବେସରକାରୀ ଗାଡ଼ି ସହାୟତାରେ ସ୍ଥାନୀୟ ଆଶାକର୍ମୀ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାବେଳେ ଗାଡ଼ିରେ ହିଁ ଫୁଲମତି ତିନି ଶିଶୁ ପୁତ୍ରଙ୍କୁ ଜନ୍ମ ଦେଇଥିଲେ। ପରେ ତିନି ଶିଶୁ ପୁତ୍ର ଏବଂ ମା'ଙ୍କୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହାପରେ ଉନ୍ନତ ଚିକିତ୍ସା ପାଇଁ ଶିଶୁ ଓ ମା'ଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କୁନ୍ଦୁଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ପାଣ୍ଡ୍ରିଗୁଡ଼ା ଦଳ ବିଜେତା

**ପଟ୍ଟାଙ୍ଗି,୨୫।୨(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁଲି ଖେଳ ପଡ଼ିଆଠାରେ କୁନ୍ଦୁଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ପାଣ୍ଡ୍ରିଗୁଡ଼ା ଦଳ ବିଜେତା ହୋଇଛି। ମୁଖ୍ୟଅତିଥି ଭାବେ ପଟ୍ଟାଙ୍ଗି ଜୋନ୍-୨ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସେମିଳିଗୁଡ଼ା ଯୁବ ବିଜେଡି ସଭାପତି ଅର୍ଜୁନ ନାୟକ, ଅନ୍ୟତମ ଅତିଥି ଭାବେ ପଟ୍ଟାଙ୍ଗି 'ସକାଳ' ପ୍ରତିନିଧି ଶ୍ରୀକାନ୍ତ ଚୌଧୁରୀ, ସେମିଳିଗୁଡ଼ା ଏସଡିସି ମେମ୍ବର ଲକି ଖରା, ସମାଜସେବୀ ସୁଶାନ୍ତ ବାଙ୍କା ପ୍ରମୁଖ ଯୋଗଦେଇଥିଲେ। ୧୬ଟି ଦଳ ମଧ୍ୟରେ ଉକ୍ତ ପ୍ରତିଯୋଗିତା ହୋଇଥିବାବେଳେ ଉଦଯାପନୀ ଦିବସରେ କୁନ୍ଦୁଲି ଏବଂ ପାଣ୍ଡ୍ରିଗୁଡ଼ା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। କୁନ୍ଦୁଲି ଦଳ ଟସ୍ ଜିତି ପାଣ୍ଡ୍ରିଗୁଡ଼ାକୁ ବ୍ୟାଟିଂ କରିବାକୁ ଦେଇଥିଲେ। ପାଣ୍ଡ୍ରିଗୁଡ଼ା ଦଳ ୧୫ ଓଭରରେ ୯ଟି ୱିକେଟ ହରାଇ ୧୩୬ ରନ୍ କରିଥିଲେ। କୁନ୍ଦୁଲି ଦଳ ୧୦ ଓଭର ଖେଳି ସମସ୍ତ ୱିକେଟ ହରାଇ ୬୩ ରନ୍ କରି ପରାସ୍ତ ହୋଇଛି। ଅତିଥି ବୃନ୍ଦ ବିଜୟଲାଭ କରିଥିବା ପାଣ୍ଡ୍ରିଗୁଡ଼ା ଦଳକୁ ଟ୍ରଫି ଓ ୧୮ ହଜାର ଏବଂ ଉପବିଜେତା କୁନ୍ଦୁଲି ଦଳକୁ ଟ୍ରଫି ଓ ୧୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ରାମ ଓ ଦଶରଥ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କୁନ୍ଦୁଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସଭାପତି ବିସ୍ମା ବଡ଼ବୁରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଖେଳକୁ କୁନ୍ଦୁଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଅନ୍ୟ ସଦସ୍ୟ ବୃନ୍ଦ ତଥା ସାଇ ରେଡ୍ଡୀ, କେ. ରବି ଶଙ୍କର, ବିଶାଲ, ମାନସ ରଞ୍ଜନ ସ୍ୱାଇଁ, ବିଦ୍ୟାସାଗର ଚୌଧୁରୀ, ସଞ୍ଜୟ ସାନ୍ତା, ହେମନ୍ତ ଜାନୀ, ମାଧବ ଜାନୀ, ଗୋପୀ ପାଙ୍ଗି, ଦଶରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





### ଜୟପୁରରେ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ ଶେଷ

# ମଙ୍ଗଳବାର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ








**ଜୟପୁର,୨୫।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ଯୋଗୁଁ ସାରା ରାଜ୍ୟରେ କ୍ରୀଡ଼ାର ବିକାଶ ହୋଇଛି। ଏଥିପାଇଁ ଉପଯୁକ୍ତ ଓ ଉନ୍ନତମାନର ଅନ୍ତର୍ଜାତୀୟସ୍ତରର ଭିତ୍ତିଭୂମି କୋଟି କୋଟି ଟଙ୍କା ବ୍ୟୟରେ ବିକାଶ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ଜୟପୁରଠାରେ କ୍ରୀଡ଼ା କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ୫ରୁ ୬ ବର୍ଷ ମଧ୍ୟରେ ଶେଷ ହୋଇଥିବାବେଳେ ଆସନ୍ତା ୨୭ ତାରିଖରେ ଭାର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଏହାକୁ ଉଦଘାଟନ କରିବେ। ଏହି କ୍ରୀଡ଼ା କମ୍ପ୍ଲେକ୍ସ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର କ୍ରୀଡ଼ାର ବିକାଶ ହେବା ସହ ବାଳକ, ବାଳିକା, ଯୁବକ ଓ ଯୁବତୀମାନେ କ୍ରୀଡ଼ା ପ୍ରଶିକ୍ଷଣ ଗ୍ରହଣ କରିବେ। ଏଥିସହ ଜିଲ୍ଲା, ରାଜ୍ୟ ଓ ଦେଶରେ ବିଭିନ୍ନ କ୍ରୀଡ଼ା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ କ୍ରୀଡ଼ା ପାଇଁ ଚୟନ ହୋଇପାରିବେ। ଜୟପୁରଠାରେ ନିର୍ମିତ ଏହି କ୍ରୀଡ଼ା କମ୍ପ୍ଲେକ୍ସ ପାଇଁ ପ୍ରାୟ ୪୬ କୋଟି ଟଙ୍କା ବ୍ୟୟ ହୋଇଛି। ଏଥିରେ ମୁଖ୍ୟତଃ ଅନ୍ତର୍ଜାତୀୟସ୍ତରର କେନ୍ଦ୍ରୀୟ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥାରେ ରାଜ୍ୟର ଦ୍ୱିତୀୟ ଜିମନାଷ୍ଟିକ ଇନଡୋର ଷ୍ଟାଡିୟମ ରହିଛି।

ରାଜ୍ୟର କେବଳ ଭୁବନେଶ୍ୱର ଏବଂ ଜୟପୁରଠାରେ ଏପରି ଜିମନାଷ୍ଟିକ ଷ୍ଟାଡିୟମ ନିର୍ମାଣ ହୋଇଛି। ସେହିପରି ଗୋଟିଏ ବାସ୍କେଟବଲ, ୨ଟି ଟେନିସ, ଗୋଟିଏ ଫୁଟବଲ ପଡ଼ିଆ ରହିଛି। ଅଥଲେଟିକ୍ ପାଇଁ ଅନ୍ତର୍ଜାତୀୟସ୍ତର ଦୌଡ଼କୁଦ ସିନ୍ଥେଟିକ ଟ୍ରାକ୍, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟପୁଟ, ଡିସକୋସ, ଜେଭେଲିନ, ଲୁହା ଚେନବଲ୍ ପଡ଼ିଆ ନିର୍ମାଣ ହୋଇଛି। ସେହିପରି ଅନ୍ତର୍ଜାତୀୟସ୍ତରର ଜର୍ମାନ ବୈଷୟିକ ଜ୍ଞାନରେ ସନ୍ତରଣ ପୁଲ ନିର୍ମାଣ କରାଯାଇଛି। ଏଥିରେ ଏକା ସଙ୍ଗରେ ୧୦ ଜଣ ଖେଳାଳି ଭାଗ ନେଇପାରିବେ। ସେହିପରି ୩୬ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ସନ୍ତରଣ ପୁଲ୍ ଜଳକୁ ବିଶୁଦ୍ଧ କରିବା ପାଇଁ ୩ କୋଟି ଟଙ୍କାର ୩ଟି ଅତ୍ୟାଧୁନିକ ମେସିନ ସଂଯୋଗ କରାଯାଇଛି। ଏଥିପାଇଁ ୧୦ ଏଚପି ମଟର ବିଶିଷ୍ଟ ୪ଟି ପାଣି ମଟର ସଂଯୋଗ କରାଯାଇଛି। ଉକ୍ତ ଜଳକୁ ସଫେଇ କରିବା ପରେ ସ୍ୱଚ୍ଛ ଜଳକୁ ପୁଣି ସନ୍ତରଣ ପୁଲ ଭିତରକୁ ପ୍ରବେଶ କରାଯିବ। ବଳକା ଆବର୍ଜନା ଜଳକୁ ଡ୍ରେନ୍ ସହାୟତାରେ ବାହାର କରାଯିବ। ଏହାକୁ ଜାତୀୟସ୍ତରରେ ପ୍ରସ୍ତୁତ କରିଥିବା ସୁନିଲ କୁମାର ଜେନା ମୁଖ୍ୟ କାରିଗର ଭାବେ କାର୍ଯ୍ୟ କରିଛନ୍ତି। ଏହି କ୍ରୀଡ଼ା କମ୍ପ୍ଲେକ୍ସରେ ଜାତୀୟସ୍ତରୀୟ କ୍ରୀଡ଼ା ଆୟୋଜନର ବ୍ୟବସ୍ଥା ରହିଛି। ଏଥିପାଇଁ ୨୦୦ରୁ ୩୦୦ ଜଣ ଖେଳାଳି ରାତ୍ରିକାଳୀନ ରହିବା, ବିଶ୍ରାମ ନେବା ଏବଂ ରୋଷେଇ ପ୍ରସ୍ତୁତ ଗୃହର ବ୍ୟବସ୍ଥା କରାଯାଇଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ ପୂର୍ବରୁ ଶେଷ ପର୍ଯ୍ୟାୟରେ ସଫେଇ, ପାର୍କିଂ ପାଇଁ ମାଟି ଉଠାଣ କାର୍ଯ୍ୟ ଚାଲିଛି। ସ୍ଥାନୀୟ ଯୁବକଯୁବତୀ, ବାଳକବାଳିକାମାନେ ସାମାନ୍ୟ କିଛି ଦେୟ ପ୍ରଦାନ କରି ଏଠାରେ ପ୍ରଶିକ୍ଷଣ ଗ୍ରହଣ କରିବେ। ଏପରି ସନ୍ତରଣ ପାଇଁ ମଧ୍ୟ ଦେୟ ଦେଇ ତାଲିମ ଗ୍ରହଣ କରିବେ। ଆଗାମୀ ଦିନରେ ଏହି କ୍ରୀଡ଼ା କମ୍ପ୍ଲେକ୍ସରେ ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ସହିତ ଏକ ନିୟମିତ ପ୍ରଶିକ୍ଷଣ କେନ୍ଦ୍ର ଭାବେ ନିର୍ମାଣ କରାଯିବ। ଏହି କ୍ରୀଡ଼ା କମ୍ପ୍ଲେକ୍ସରେ ଜାତୀୟସ୍ତରର କ୍ରୀଡ଼ାଗୁଡ଼ିକ ଆୟୋଜନ ହେବ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ ପ୍ରକାଶ କରିଛନ୍ତି। ଗତ ତିନି ଦିନ ଧରି ଜିଲ୍ଲା କ୍ରୀଡ଼ା ଅଧିକାରୀ ଜୟପୁରଠାରେ ରହିବା ସହିତ ଏହି କ୍ରୀଡ଼ା କମ୍ପ୍ଲେକ୍ସର ଉଦଘାଟନୀ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛନ୍ତି। ସଫେଇ ଏବଂ ଅନ୍ୟାନ୍ୟ ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦିନରାତି କାର୍ଯ୍ୟ ଜାରି ରଖିଥିବା ନିର୍ମାଣକାରୀ ଘରୋଇ ଠିକାସଂସ୍ଥାର ସୁପରଭାଇଜର ଅଶୋକ କୁମାର ପ୍ରଧାନ କହିଛନ୍ତି। ଉଦଘାଟନୀ ଉତ୍ସବରେ ସ୍ଥାନୀୟ କ୍ରୀଡ଼ା କମ୍ପ୍ଲେକ୍ସରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଅଞ୍ଚଳର ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଓସିଏ ପକ୍ଷରୁ ଜୟପୁର ଦଶହରା ପଡ଼ିଆଠାରେ କ୍ରିକେଟ ଟର୍ଫ ପିଚ୍ ଉଦଘାଟନ କରାଯିବ। ଏଥିପାଇଁ ଦିନରାତି ପିଚକୁ ପ୍ରସ୍ତୁତ କାର୍ଯ୍ୟ ଜାରି ରହିଥିବା ନେଇ ଉପଖଣ୍ଡ କ୍ରୀଡ଼ା ସଂଘର ସମ୍ପାଦକ ରବି ନାୟକ ପ୍ରକାଶ କରିଛନ୍ତି।

## ଓଡ଼ିଶା ଡ୍ରାଇଭର ମହାସଂଘର ବୈଠକ ଓ କର୍ମକର୍ତ୍ତା ଚୟନ



**ଡାବୁଗାଁ,୨୫।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଟ୍ୟାକ୍ସି ଷ୍ଟାଣ୍ଡଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ଡାବୁଗାଁ ଶାଖାର ଏକ ବୈଠକ ସଂଘ ସଭାପତି ସନ୍ତୋଷ ଭତ୍ରାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଅକ୍ଷୟ ରାଓ, ସମ୍ମାନିତ ଅତିଥି ଭାବେ ଅଜୟ ସିଂଦାର, ନବରଙ୍ଗପୁର ବ୍ଲକ ସମ୍ପାଦକ ମଧୁସୂଦନ ରାଓ, ତାପସ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ନିଶାମୁକ୍ତ ଡ୍ରାଇଭର ସଂଘ ଗଠନ ସହ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଶେଷରେ ଡାବୁଗାଁ ବ୍ଲକର ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ସନ୍ତୋଷ ଭତ୍ରା, ଉପସଭାପତି ପି. ଭୈରବ ରାଓ, ସମ୍ପାଦକ ପ୍ରଶାନ୍ତ ପଣ୍ଡା, ସହସମ୍ପାଦକ ତ୍ରିନାଥ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଡମ୍ବରୁ ନାୟକ, ଉପଦେଷ୍ଟା ଉତ୍ତମ ପ୍ରଧାନ ଓ ବ୍ଲକର ୧୨ ଟି ପଞ୍ଚାୟତ ପାଇଁ ସଭାପତିଙ୍କୁ ଚୟନ କରାଯାଇଥିଲା। ଏଥିରେ ଡାବୁଗାଁ ବ୍ଲକର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଯୋଗଦେଇଥିଲେ।

## ଜିଲ୍ଲା ମିଳିତ ଯୁବକଯୁବତୀ ସରକାରୀ ଚାକିରି ଆଶାୟୀ ସଂଘର ବୈଠକ

**ଡାବୁଗାଁ,୨୫।୨(ସମିସ)**



ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଡଙ୍ଗରିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲା ମିଳିତ ଯୁବକଯୁବତୀ ସରକାରୀ ଚାକିରି ଆଶାୟୀ ସଂଘର ବୈଠକ ଜିଲ୍ଲା ସଂଘ ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାରେ ଥିବା ଶିକ୍ଷିତ ବେକାର ଯୁବକଯୁବତୀ ମିଳିତ ହୋଇ ଜିଲ୍ଲାଭିତ୍ତିକ ନିଯୁକ୍ତି, ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ସମେତ ସମସ୍ତ ଜିଲ୍ଲାଭିତ୍ତିକ ନିଯୁକ୍ତି, ଅନୁସୂଚିତ କ୍ଷେତ୍ର ଅନୁଯାୟୀ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦେବା ଓ ଉମରକୋଟ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ଜିଲ୍ଲାସ୍ତରରେ ନିଯୁକ୍ତି ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା। ରବିବାର ନବରଙ୍ଗପୁର ଜିଲ୍ଲାକୁ ଓଡ଼ିଶାର ରାଜ୍ୟପାଳଙ୍କ ଗସ୍ତ କରିଥିବାରୁ ତାଙ୍କୁ ୪ ଦଫା ଦାବି ସମ୍ବଳିତ ପତ୍ର ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ପରେ ସଂଘର କର୍ମକର୍ତ୍ତାମାନେ ଅପରାହ୍ଣରେ ରାଜ୍ୟପାଳଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିବାକୁ ଯାଇଛନ୍ତି। ଏହି ବୈଠକରେ ସମ୍ପାଦକ କମଳ ଭତ୍ରା, ରଘୁନାଥ ଭତ୍ରା, ଅନିରୁଦ୍ଧ ନାୟକ, ଚୈତନ୍ୟ ଭତ୍ରା, ମନୋଜ ଭତ୍ରାଙ୍କ ସମେତ ଜିଲ୍ଲାର ୧୦ଟି ବ୍ଲକରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷିତ ଯୁବକଯୁବତୀମାନେ ଯୋଗଦେଇଥିଲେ।

## ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ସମ୍ପର୍କିତ ଜୋନାଲ କର୍ମଶାଳା

**ସେମିଳିଗୁଡ଼ା,୨୫।୨(ସମିସ)**




ସେମିଳିଗୁଡ଼ା ହୋଟେଲ ଇମ୍ପେରିଅଲଠାରେ ନାବାର୍ଡ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଚାରୋଟି ଜିଲ୍ଲା କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଏବଂ ରାୟଗଡ଼ା ପାଇଁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ୍) ସମ୍ବେଦନଶୀଳତା ଏବଂ ଯୋଜନା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଏମ୍, ଏସ୍ଆର ପଣ୍ଡା, ଏଜିଏମ୍ ପି. ଅନନ୍ତ ଉକ୍ତ ଚାରୋଟି ଜିଲ୍ଲାର ଡିଡିଏମ୍, ଡିପିଏମୟୁର ଉପନିର୍ଦ୍ଦେଶକ, ଓମଫେଡର ଜିଏମ୍, ଆରଡବ୍ଲ୍ୟୁ ବିଭାଗର ମୁଖ୍ୟ ଇଞ୍ଜିନିୟର, ଓଏଲଆଇସି, ଓଏଆଇସି, ସିଡିଏଓ, ସିଡିଭିଓ, ଆରଡବ୍ଲ୍ୟୁଏସ୍ଏସ୍ ବିଭାଗର ଅଧିକାରୀ ଏବଂ ତିନିଟି ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥନୈତିକ ବିକାଶରେ ଭିତ୍ତିଭୂମି ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କୋରାପୁଟ ଏବଂ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାର ଭିତ୍ତିଭୂମି ବିକାଶରେ ନାବାର୍ଡ ଏବଂ ଏଥି ସହିତ ସଂଶ୍ଳିଷ୍ଟ ସମସ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଠିକ୍ ସମୟରେ ସମସ୍ତ ବିଭାଗ ମଧ୍ୟରେ ସମ୍ମିଶ୍ରଣ ଏବଂ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟାନ୍ୱୟନ, ଶୀଘ୍ର ସୂତ୍ର ଏବଂ ପ୍ରସ୍ତାବ ଦାଖଲ ଲୋକମାନଙ୍କର ସାମଗ୍ରୀକ ବିକାଶ ଏବଂ ଅର୍ଥନୈତିକ ସଶକ୍ତୀକରଣର ଚାବି ଧାରଣ କରେ। ମୋଟ ୨ ହଜାର କୋଟି ମୂଲ୍ୟର ଆରଆଇଡିଏଫ ପ୍ରକଳ୍ପଗୁଡ଼ିକ ବିଭିନ୍ନ କାର୍ଯ୍ୟକାରିତା ପର୍ଯ୍ୟାୟରେ ଅଛି। ଏହି କାର୍ଯ୍ୟଗୁଡ଼ିକ ଠିକ୍ ସମୟରେ ସମାପ୍ତ ହେବା ଆବଶ୍ୟକ ଯାହା ଦ୍ୱାରା ବିକାଶର ଫଳ ଏକ ବ୍ୟାପକ ପରିମାଣରେ ପହଞ୍ଚିବ। ନାବାର୍ଡ ଜିଏମ୍ ଆର ପଣ୍ଡା ୩୯ଟି କାର୍ଯ୍ୟକଳାପ ଆରଆଇଡିଏଫ୍ ଅଧୀନରେ ଅର୍ଥ ପାଇବାକୁ ଯୋଗ୍ୟ ଏବଂ ସମସ୍ତ କାର୍ଯ୍ୟକଳାପ ଅନୁଯାୟୀ ପ୍ରସ୍ତାବ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ। ସେ ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଆରଆଇ ଡିଏଫ୍/ଆରଆଇପିଏଫ୍ ଅଧୀନରେ ଦେଓମାଳିରେ ରୋପୱେ, ସେମିଳିଗୁଡ଼ା କୃଷି ବିଜ୍ଞାନ କେନ୍ଦ୍ରରେ କୃଷକ କ୍ଷେତ୍ର ବିଦ୍ୟାଳୟ, କେଏମ୍ଏନ ଆର ଦୁଗ୍ଧ ୟୁନିଅନରେ ଦୁଗ୍ଧ ଚିଲିଂ ପ୍ଲାଣ୍ଟ ଇତ୍ୟାଦି ପାଇଁ ଓଡ଼ିଶା ସରକାରଙ୍କୁ ୩୬୦୦ କୋଟି ମଞ୍ଜୁର କରାଯାଇଥିବା ସୂଚାଯାଇଥିଲା।

## ମା’ କାଳୀ କଙ୍କାଳିଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

**ଉମରକୋଟ,୨୫।୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ବୁର୍ଜା ପଞ୍ଚାୟତ ଖାଲବେଡ଼ାଠାରେ ମା’ କାଳୀ କଙ୍କାଳିଙ୍କ ମନ୍ଦିରଠାରେ ରତ୍ନମୁଦ କାର୍ଯ୍ୟକ୍ରମ ଶେଷ ହୋଇଛି। ୨୦୦ରୁ ଅଧିକ ମହିଳା ଏକ ବିରାଟ ଶୋଭାଯାତ୍ରାରେ ବାହାରି ନିକଟରେ ଥିବା ଜଳାଶୟରୁ ଜଳ ଆଣିଥିଲେ। ଏଥି ସହ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ରତ୍ନମୁଦ ପ୍ରତିଷ୍ଠା ଇନ୍ଦ୍ର ଇନ୍ଦ୍ରାଣୀ ସ୍ଥାପନ ଓ ପୂର୍ଣ୍ଣାହୁତି କରାଯାଇଛି। ଏହି ଉତ୍ସବରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ପ୍ରଦୀପ ମାଝୀ, ପୂର୍ବତନ ବିଜେଡି ବିଧାୟକ ସୁବାଷ ଗଣ୍ଡ, ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଉମରକୋଟ ବ୍ଲକ ଅଧ୍ୟକ୍ଷା ଶୁଶିଳା ମାଝୀ, କାଉନସିଲର ତପନ ଦେବନାଥ, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝୀ, ମନୋଜ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ସତ୍ୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପୂଜାକାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଅନ୍ୟପଟେ ମନସ୍କାମନା କରି ଗ୍ରାମବାସୀ ଚାଉଳ, ସୁନା, ରୁପା, ଧାନ ଆଦି ଏହି ରତ୍ନମୁଦରେ ପକାଇଥିଲେ। ସୂଚନା ଅନୁଯାୟୀ, ମା’ଙ୍କ ମନ୍ଦିର ପ୍ରତିଷ୍ଠା ସାତପାଲି ଗ୍ରାମର ଅନେକ ଦିନର ସ୍ୱପ୍ନ ରହିଥିଲା। ‘୫-ଟି’ ଅଧ୍ୟକ୍ଷଙ୍କ ଉମରକୋଟ ଗସ୍ତ ସମୟରେ ଆର୍ଥିକ ସହାୟତା ପାଇଁ ବୁର୍ଜା ଗ୍ରାମର ବିରସିଂ ମାଝୀ ଅନୁରୋଧ କରିଥିଲେ। ପରେ ‘୫-ଟି’ ଅଧ୍ୟକ୍ଷ ମନ୍ଦିର ପାଇଁ ୧୪ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିଥିଲେ। ଉକ୍ତ ସହାୟତା ରାଶି ବ୍ୟବହାର କରି ମନ୍ଦିର କାର୍ଯ୍ୟ ଚାଲିଛି।

### ଚିକିତ୍ସାରେ ବାଧକ ସାଜିଛି ଅର୍ଥାଭାବ

# ସରକାରୀ ସହାୟତା ଅପେକ୍ଷାରେ ୭୦ ବର୍ଷର ବୃଦ୍ଧ



**ଡାବୁଗାଁ,୨୫।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତର ମେଦନା ଗ୍ରାମର ନର ମାଳି (୭୦)ଙ୍କ ଚିକିତ୍ସାରେ ବାଧକ ସାଜିଛି ଅର୍ଥାଭାବ। ଚିକିତ୍ସା ଅଭାବରୁ ଦେଶୀ ଚିକିତ୍ସା ଉପରେ ଭରସା କରି ପଡ଼ିରହିଥିବାବେଳେ ସରକାରୀ ସହାୟତାକୁ ଅପେକ୍ଷା କରି ରହିଛନ୍ତି। ଡାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତର ମେଦନା ଗ୍ରାମର ନର ମାଳିଙ୍କ ପରିବାରରେ ୬ ଜଣ ରହୁଛନ୍ତି। ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ ତୁଳସୀ ମାଳୀଙ୍କ ସମେତ ପୁଅ, ବୋହୂ ରହିଥିବାବେଳେ ଭିନ୍ନକ୍ଷମ ନାତୁଣୀ ଏଲିନା, ଛୋଟ ନାତି ରହିଛନ୍ତି। ନର ମାଳୀଙ୍କୁ ୭୦ ବର୍ଷ ବୟସ ହୋଇଥିଲେ ମଧ୍ୟ ବିଭିନ୍ନ ଗ୍ରାମକୁ ପ୍ରତିଦିନ ମୁଢ଼ି ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ଆଜକୁ ୩ ମାସ ପୂର୍ବେ ତାଙ୍କ ପରିବାର ଉପରେ ଦୁଃଖର କଳା ବାଦଲ ମାଡ଼ି ଆସିଥିଲା। ପ୍ରାୟ ୩ ମାସ ତଳେ ପ୍ରତିଦିନ ଭଳି ବୃଦ୍ଧ ନର ଲାଞ୍ଜିଆଗୁଡ଼ା ଗ୍ରାମକୁ ମୁଢ଼ି ବିକ୍ରି କରିବା ନିମନ୍ତେ ଯାଉଥିବାବେଳେ ହଠାତ୍ ମୁଣ୍ଡ ବୁଲାଇ ସାଇକଲରୁ ପଡ଼ିଯାଇଥିଲେ। ସାଇକଲରୁ ପଡ଼ିଯିବାରୁ ତାଙ୍କର ଜଙ୍ଘରେ ଗଭୀର ଆଘାତ ହୋଇଥିଲା। ଚିକିତ୍ସା ହେବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେବାରୁ ପରିବାର ଲୋକେ ବୃଦ୍ଧଙ୍କୁ ଘରକୁ ଫେରାଇ ଆଣିଥିଲେ। ଘରେ ଆସି ଦେଶୀ ଚିକିତ୍ସା କରୁଛନ୍ତି। ଦେଶୀ ଚିକିତ୍ସା କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ନର ସୁସ୍ଥ ହେଉନାହାନ୍ତି। ତେଣୁ ନରଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ପୁଅ ମୁରଲୀ ଓ ପରିବାର ଲୋକେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

## ପୋଖରୀରୁ କୁମ୍ଭୀର ଉଦ୍ଧାର; ବନ ବିଭାଗକୁ ହସ୍ତାନ୍ତର



**ମୋଟୁ,୨୫।୨(ସମିସ):** ମାଲକାନଗିରି ଜିଲ୍ଲା ମୋଟୁ ବନାଞ୍ଚଳ ଅଧୀନସ୍ଥ ପୁଶୁଗୁଡ଼ା ପଞ୍ଚାୟତର ଏମପିଭି ୫୫ ଗ୍ରାମ ନିକଟରେ ଥିବା ପୋଖରୀରୁ ଗ୍ରାମବାସୀଙ୍କ ଦ୍ୱାରା କୁମ୍ଭୀର ଉଦ୍ଧାର କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଏମପିଭି ୫୫ ଗ୍ରାମର ଭବେନ୍ ମଣ୍ଡଳ ଓ ସଞ୍ଜୟ ଫଉଜିଦାରଙ୍କ ପୋଖରୀରେ ଛଡ଼ାଯାଇଥିବା ମାଛକୁ କୁମ୍ଭୀର ଖାଇ ଅନ୍ୟ ଏକ ପୋଖରୀ ହୁଡ଼ାରେ ଯାଉଥିବା ଦେଖି ସେମାନେ ଦୁଇ ପୋଖରୀ ମଝି ସ୍ଥାନରେ ଫାଶ ପକାଇଥିଲେ। ତେବେ ମାଛ ଖାଇବାକୁ ଆସି କୁମ୍ଭୀର ଉକ୍ତ ଫାଶରେ ପଡ଼ିଯାଇଥିଲା। ପରେ କୁମ୍ଭୀରକୁ ଉଦ୍ଧାର କରି ଗାଁକୁ ଆଣିଥିଲେ। ପୋଖରୀରୁ କୁମ୍ଭୀର ଉଦ୍ଧାର ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ଆତଙ୍କ ଖେଳିଯାଇଛି। ଏହି ପୋଖରୀକୁ କୁମ୍ଭୀର କିପରି ଆସିଲା ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏବେବି ପୋଖରୀରେ କୁମ୍ଭୀର ଛୁଆ ରହିଥିବାର ଆଶଙ୍କା ପ୍ରକାଶ କରିଛନ୍ତି।

## ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଗୁଣୁପୁର,୨୫।୨(ସମିସ):** ଗୁଣୁପୁର ବିଏସଏନଏଲ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଏମ୍ ଗୋପାଳ କ୍ରିଷ୍ଣା (୫୩) ନାମକ ଜଣେ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ରବିବାର ମଧ୍ୟାହ୍ନରେ ନିଜ ବାସଭବନରୁ ଉଦ୍ଧାର କରାଯାଇଛି। ୧୫ ବର୍ଷ ପୂର୍ବେ ତାଙ୍କ ଧର୍ମପତ୍ନୀଙ୍କ ଅକାଳ ବିୟୋଗ ହୋଇଥିବାବେଳେ ଦୁଇଟି କନ୍ୟାସନ୍ତାନଙ୍କୁ ନେଇ ପରିବାର ଚଳାଇ ଆସୁଥିଲେ। ବଡ଼ ଝିଅ ବେଙ୍ଗାଲୁରୁରେ ପାଠପଢୁଥିବା ବେଳେ ସାନ ଝିଅ ଗୁଣୁପୁର ମହାବିଦ୍ୟାଳୟରେ ଯୁକ୍ତ ୩ରେ ପଢୁଛନ୍ତି। ତେବେ ସାନ ଝିଅ ନିଜ ସମ୍ପର୍କୀୟଙ୍କ ଘର ପାରଳାଖେମୁଣ୍ଡି ଯାଇ ରବିବାର ଘରକୁ ଫେରିବାବେଳେ ଘରର ଉଭୟ ପଟ ଦ୍ୱାର ବନ୍ଦ ଥିଲା। ଝରକା ପଟୁ ଝିଅ ଦେଖିବା ବେଳକୁ ରୋଷେଇ ଘର ଫ୍ୟାନରେ ଗୋପାଳ କ୍ରିଷ୍ଣା ଝୁଲୁଛନ୍ତି। ଖବର ପାଇ ଘଟଣାସ୍ଥଳେ ପୁଲିସ ପହଞ୍ଚି କବାଟ ତାଡ଼ି ଝୁଲନ୍ତା ଅବସ୍ଥାରେ ଗୋପାଳଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏସଡିପିଓ ବାବୁଲି ନାୟକ ଏବଂ ଆଇଆଇସି ଉତ୍ତମ କୁମାର ସାହୁଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଗୋପାଳ କ୍ରିଷ୍ଣା ଗୁଣୁପୁର ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ନିକଟରେ ପଦୋନ୍ନତି ପାଇ ପଦ୍ମପୁର ବ୍ଲକ ବିରିପଦର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟକରି ଆସୁଥିଲେ। ତେବେ କେଉଁ କାରଣରୁ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରି ଆତ୍ମହତ୍ୟା କଲେ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ। ଜଣେ ଆଦର୍ଶ ଶିକ୍ଷକ ରୂପେ ସେ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସୋମବାର ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

## ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ



**ଜୟପୁର,୨୫।୨(ସମିସ):** ଜୟପୁର ରୋଟାରୀ କ୍ଲବ ପକ୍ଷରୁ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଡଙ୍ଗରଛିଞ୍ଚି ଗ୍ରାମ ପଞ୍ଚାୟତର କେ.ଦୁର୍ଗାଭଟା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଜୋତା, ଛତା, ପେନସିଲ, ଚକୋଲେଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଗଲା। ସ୍ଥାନୀୟ ପ୍ରାଥମିକ ଏବଂ ଅଙ୍ଗନବାଡ଼ି କେନ୍ଦ୍ରର ସମୁଦାୟ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ଉକ୍ତ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ରୋଟାରୀ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସନ୍ଦିପ ଝାଣ୍ଡ, ଉପଦେଷ୍ଟା ଅଞ୍ଜନୀ ଅଗ୍ରୱାଲ, ରାମ ଅବତାର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରୀ କ୍ଲବ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଉକ୍ତ ସାମଗ୍ରୀ ବଣ୍ଟନକୁ ଜୟପୁର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପ୍ରଶଂସା କରାଯାଇଥିବାବେଳେ ଆୟୋଜକ ମଣ୍ଡଳିଙ୍କୁ ଧନ୍ୟବାଦ ଦିଆଯାଇଛି। ଆଗାମୀ ୨୫ ତାରିଖରେ ଡଙ୍ଗରଛିଞ୍ଚି ଗ୍ରାମ ପଞ୍ଚାୟତ ସଦର ଗ୍ରାମଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସ୍ଥାନୀୟ ଅଞ୍ଚଳର ଗରିବ ଓ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ଏବଂ ମାଗଣା ଔଷଧ ବଣ୍ଟନ କରାଯିବ ବୋଲି ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଦିଆସିଲ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ



**ଲକ୍ଷ୍ମୀପୁର,୨୫।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୋୟାପୁଟ ପଞ୍ଚାୟତ ଅନ୍ତର୍ଗତ ଦିଆସିଲ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗାଁ କମିଟିର ସଦସ୍ୟ ଓ ସାମାଜିକ କର୍ମୀ ଉଦୟ ହିକକାଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ ନଦୀରୁ ପାଣି ନେଇ କଳସ ବସାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁ ଆସି ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ଯଜ୍ଞରେ ସାମିଲ ହୋଇଥିଲେ। ବିଭିନ୍ନ ଗାଁରୁ ନିମନ୍ତ୍ରଣ ପାଇ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ନାମଯଜ୍ଞ ରବିବାର ସକାଳେ ନଗର କୀର୍ତ୍ତନ ପରେ ବିସର୍ଜନ କରାଯାଇ ଶେଷ ହୋଇଥିଲା।



■ କୋଣ୍ଡାରେଡ୍ଡୀ ସମ୍ପ୍ରଦାୟ ପାଳିଲେ ବିଜୟ ଦିବସ

# ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କୁ ସମ୍ବର୍ଦ୍ଧନା



**ଚିତ୍ରକୋଣ୍ଡା,୨୫।୨(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପାପୁଲୁରଠାରେ କୋଣ୍ଡାରେଡ୍ଡୀ ସମ୍ପ୍ରଦାୟ ପାଳିଲେ ବିଜୟ ଦିବସ । କୋଣ୍ଡାରେଡ୍ଡୀ ସମ୍ପ୍ରଦାୟ ପକ୍ଷରୁ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ହେବ ଦାବି ହେଇ ଆସୁଥିଲା କୋଣ୍ଡାରେଡ୍ଡୀ ସମ୍ପ୍ରଦାୟକୁ ଜନଜାତିର ମାନ୍ୟତା ପ୍ରଦାନ କରିବା ପାଇଁ । ଗତ ଲୋକସଭା ଅଧିବେଶନ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଣ୍ଡାରେଡ୍ଡୀ ସମ୍ପ୍ରଦାୟକୁ ଜନଜାତି ମାନ୍ୟତା ବିଲ୍ ପାରିତ ହୋଇଥିଲା । ରାଜ୍ୟ ସରକାରଙ୍କ କେନ୍ଦ୍ର ସରକାରଙ୍କ ପାଖରେ ବାରମ୍ବାର ଦାବି ଉପସ୍ଥାପନ ଓ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଲୋକସଭାରେ ବହୁବାର କୋଣ୍ଡାରେଡ୍ଡୀଙ୍କୁ ଜନଜାତି ମାନ୍ୟତା ପାଇଁ ଦାବି ଉପସ୍ଥାପନ କରିଥିଲେ । ସେଥିପାଇଁ କୋଣ୍ଡାରେଡ୍ଡୀ ସମ୍ପ୍ରଦାୟ ପକ୍ଷରୁ ସାଂସଦଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । କୋଣ୍ଡାରେଡ୍ଡୀ ସମ୍ପ୍ରଦାୟ ପକ୍ଷରୁ ୨୦୦୦ ମସିହାରୁ ସେମାନଙ୍କୁ ଜନଜାତିର ମାନ୍ୟତା ଦେବା ପାଇଁ ଦାବି ଉପସ୍ଥାପନ ହୋଇଆସୁଛି । ଏହା ସହ ରାଜ୍ୟ ସରକାର ମଧ କେନ୍ଦ୍ର ସରକାରଙ୍କ ପାଖରେ ଏ ନେଇ ଦାବି ଉପସ୍ଥାପନ କରିଆସୁଥିଲେ । ରାଜ୍ୟ ସରକାରଙ୍କ ଦାବିକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ଗୋଟିଏ କମିଟି ଗତ ବର୍ଷ ଜାନୁଆରୀ ମାସରେ ପାପୁଲୁର, କୁର୍ମାନୁର ଅଞ୍ଚଳ ଗସ୍ତ କରି କୋଣ୍ଡାରେଡ୍ଡୀଙ୍କ ଚାଲିଚଳଣ ଓ ସେମାନଙ୍କ ବାସସ୍ଥାନ ପୂଜାପର୍ବାଣୀ ବିଷୟରେ ଅନୁଧ୍ୟାନ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ । ସେହି ରିପୋର୍ଟକୁ ସରକାର ତର୍ଜମା କରି ଗତ ଲୋକସଭା ଅଧିବେଶନ ସମୟରେ କୋଣ୍ଡାରେଡ୍ଡୀଙ୍କୁ ଜନଜାତିର ମାନ୍ୟତା ପ୍ରଦାନ କରିଥିଲେ । ସେଥିପାଇଁ ରବିବାର କୋଣ୍ଡାରେଡ୍ଡୀ ସମ୍ପ୍ରଦାୟ ପକ୍ଷରୁ ସାଂସଦଙ୍କୁ ସମ୍ବର୍ଦ୍ଧନା ଦେବା ସହ ବିଜୟ ଦିବସ ପାଳନ କରାଯାଇଛି । ପାପୁଲୁର୍ ସରପଞ୍ଚ ନରସିଂହ ବଡ଼ନାୟକ, କୋଣ୍ଡାରେଡ୍ଡୀ ସମ୍ପ୍ରଦାୟର ନେତା ରାମାରାଓ ମାଝୀ ଓ ଚିତ୍ରକୋଣ୍ଡା ବ୍ଲକ୍ ଉପାଧ୍ୟକ୍ଷ ପଦ୍ମନାଭ ଦାମୀ ଏହି ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ ।

# ସାହା ଚାରିଟେବଲ୍ ଟ୍ରଷ୍ଟ ଜୀବନ ବାବାଙ୍କ ତରଫରୁ ଚାରାରୋପଣ

**ମାଲକାନଗିରି,୨୫।୨(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମାର ଏମଭି ୩ ସ୍ଥିତ ଓଏସ୍ଏପି ବାଟାଲିୟନ କ୍ୟାମ୍ପରେ ରବିବାର ସାହା ଚାରିଟେବଲ ଟ୍ରଷ୍ଟ ଜୀବନ ବାବାଙ୍କ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କମାଣ୍ଡାଣ୍ଟ ସରୋଜ କୁମାର ଜେନା, ସହାକାରୀ କମାଣ୍ଡାଣ୍ଟ ହେମନ୍ତ କୁମାର ଦାସଙ୍କ ସମେତ ସମସ୍ତ ଅଧିକାରୀ ଓ ଯବାନ ଉପସ୍ଥିତ ରହି ୧୨୦୦ ଆମ୍ବ ଓ ଜାମୁକୋଳି ଚାରା ରୋପଣରେ ସାହାଯ୍ୟ କରିଥିଲେ । ଜୀବନ ବାବା ଓଡ଼ିଶାର ବିଭିନ୍ନ ବାଟାଲିୟନ କ୍ୟାମ୍ପରେ ଏହିପରି ଚାରାରୋପଣ କରୁଥିବାବେଳେ ପରିବେଶକୁ ସନ୍ତୁଳିତ ରଖିବା ପାଇଁ ବାର୍ତ୍ତା ଦେଇଛନ୍ତି । ବିଶେଷକରି ପରିବେଶ ସୁରକ୍ଷା, ପାଣିର ଅଭାବ ଦୂର କରିବା ଏବଂ ସାଧାରଣ ଲୋକ କିପରି ରୋଜଗାରକ୍ଷମ ହେବେ ସେଥିପାଇଁ ଏହି କାର୍ଯ୍ୟକ୍ରମ କରାଯାଉଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ତାହାସହ ପ୍ରତ୍ୟେକ ପରିବାରକୁ ୨୫ଟି ଫଳ ଗଛ ପ୍ରଦାନ କରାଯାଉଛି । ଗଛଗୁଡ଼ିକ ବର୍ଷେ ଭିତରେ ଫୁଲ ଓ ଫଳ ଦେବା ସହ ଲୋକଙ୍କୁ ରୋଜଗାର ଯୋଗାଇ ପାରିବ । ମାଲକାନଗିରି ଜିଲ୍ଲାରେ ପ୍ରାୟ ୪୦୦୦ରୁ ୫୦୦୦ ହଜାର ଫଳ ଗଛ ଲଗାଯାଇଥିବା ଜୀବନ ବାବା ପ୍ରକାଶ କରିଛନ୍ତି । ଏପରି ମହତ୍ କାମ ପାଇଁ ଓଏସ୍ଏପି ବାଟାଲିୟନ ତରଫରୁ ସାହା ଚାରିଟେବଲ ଟ୍ରଷ୍ଟ ଜୀବନ ବାବାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି ।

■ ସ୍ୱେଚ୍ଛାସେବୀ ଭୀମ ଓ ଟୁଲୁଙ୍କ ବଦାନ୍ୟତା

# ୧୦୦ କିମି ଦୂରରୁ ଆସି ଗର୍ଭବତୀ ମହିଳାଙ୍କୁ ଦେଲେ ରକ୍ତ

**ତେନ୍ତୁଳିଖୁଣ୍ଟି,୨୫।୨(ସମିସ):** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ରକ୍ତ ଅଭାବ ଯୋଗୁଁ ମୃତ୍ୟୁ ସହ ସଂଘର୍ଷ କରୁଥିବା ଜଣେ ଗର୍ଭବତୀ ମହିଳାଙ୍କୁ ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇ ବଦାନ୍ୟତା ଦେଖାଇଛନ୍ତି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ଗ୍ରାମର ଭୀମସେନ୍ ସାହୁ ଓ ଟୁଲୁ ଗୁରୁଜୀ । ବିଜୁଳି ସେଠୀ ନାମକ ଗର୍ଭବତୀ ମହିଳାଙ୍କୁ ଏବି ପଜିଟିଭ୍ ରକ୍ତର ଆବଶ୍ୟକତା ପଡ଼ିବାରୁ ଖବର ପାଇ ଇନ୍ଦ୍ରାବତୀରୁ ପ୍ରାୟ ୧୦୦ କିଲୋମିଟର ଦୂରରୁ ଯାଇ ରକ୍ତଦାନ କରି ଗର୍ଭବତୀଙ୍କ ଜୀବନ ବଞ୍ଚାଇଛନ୍ତି ସ୍ୱେଚ୍ଛାସେବୀ




ଭୀମସେନ ସାହୁ ଏବଂ ଟୁଲୁ ଗୁରୁଜୀ । ରକ୍ତଦାନ କରିବାକୁ ଦୁଇ ସ୍ୱେଚ୍ଛାସେବୀଙ୍କୁ ବରିଷ୍ଠ ସାମ୍ବାଦିକ ପୃଥୀରାଜ ପାଇକରାୟ ଏବଂ ବ୍ୟବସାୟୀ ସୁରେନ୍ଦ୍ର ନାଥ ରାଉତ ସହଯୋଗ କରିଥିଲେ । ଏହାପରେ ବି ଅଧିକ ରକ୍ତର ଆବଶ୍ୟକ ପଡ଼ିବାରୁ ଉଭୟ ସ୍ୱେଚ୍ଛାସେବୀ ତେନ୍ତୁଳିଖୁଣ୍ଟି ବ୍ଲଡ୍ ଡୋନର ଗ୍ରୁପରେ ପୋଷ୍ଟ କରିଥିଲେ । ପରେ ମଞ୍ଜାଗାଁ ଗ୍ରାମର ମହେଶ୍ୱର ଦାଶ ମଧ ସେଠାରେ ପହଞ୍ଚି ରକ୍ତଦାନ କରିଥିଲେ । ସେହିପରି ଓଡ଼ିଶା କ୍ରିକେଟ ଆସୋସିଏସନର ସକ୍ରିୟ ସଦସ୍ୟ ତଥା କୋରାପୁଟ ଜିଲ୍ଲା ଶାଖା ସଭାପତି ପ୍ରଦୀପ କୁମାର ମହାନ୍ତି ମଧ ଡାକ୍ତରଖାନାରେ ପହଞ୍ଚି ଗର୍ଭବତୀ ମହିଳାଙ୍କ ପାଇଁ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ । ଟୁଲୁ ଗୁରୁଜୀ ଏଯାବତ ୩୪ ଜଣଙ୍କୁ ରକ୍ତଦାନ କରି ପ୍ରଶଂସା ସାଉଁଟିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ତେବେ ଗର୍ଭବତୀ ମହିଳାଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଥିବାରୁ ତିନି ସ୍ୱେଚ୍ଛାସେବୀଙ୍କ ସମେତ ତେନ୍ତୁଳିଖୁଣ୍ଟି ବ୍ଲଡ୍ ଡୋନର୍ ଗ୍ରୁପର ସଦସ୍ୟଙ୍କୁ ମହିଳାଙ୍କ ପରିବାର ବର୍ଗ କୃତଜ୍ଞତା ଜ୍ଞାପନ କରିଛନ୍ତି । ବର୍ତ୍ତମାନ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି ।

# ବଣ୍ଡାଘାଟିରେ ଷ୍ଟ୍ରବେରୀ ଚାଷ; ଆଦିମ ଜନଜାତି ହେଉଛନ୍ତି ସ୍ୱାବଲମ୍ବୀ

ମାଲକାନଗିରି,୨୫।୨(ସମିସ)





ଆଦିମ ଜନଜାତିଙ୍କୁ ବର୍ତ୍ତମାନ ସ୍ୱାବଲମ୍ବୀ କରୁଛି ଷ୍ଟ୍ରବେରୀ । ପ୍ରଥମ ଥର ପାଇଁ ସମୁଦ୍ର ପତନରୁ ୫୦୦୦ ଫୁଟ୍ ଉଚ୍ଚରେ ଥିବା ବଣ୍ଡାଘାଟିରେ ଫଳିଛି ଏହି ଫଳ, ଆଉ ଏହା ଆଣିଛି ଅଞ୍ଚଳରେ ନୂଆ ଆଶା । ରାଜ୍ୟ ସରକାର ଏହି ଦୁର୍ଗମ ଅଞ୍ଚଳରେ ବିକାଶ ପାଇଁ ସଦାସର୍ବଦା ପ୍ରୟାସ କରୁଥିବାବେଳେ ଆଜି

● ଚାଷ ଦେଖି ପ୍ରଶଂସା କଲେ ଜିଲ୍ଲାପାଳ

ସେହି ସରକାରୀ ସହାୟତାରେ ଏହି ସୁନାର ଫସଲ ଫଳିଥିବାବେଳେ ଏହା ଅଞ୍ଚଳବାସୀଙ୍କୁ ଦେଖାଇଛି ନୂଆ ରାହା ।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକରେ ଥିବା ବଣ୍ଡାଘାଟିରେ ଫଳିଛି ଷ୍ଟ୍ରବେରୀ । ବଣ୍ଡା ଜନଜାତିର ଦୁଇ ଭାଇ ଲକ୍ଷ୍ମଣ ମୁଦୁଲି ଓ ମଙ୍ଗଳା ମୁଦୁଲି ବଣ୍ଡାଘାଟିରେ ଷ୍ଟ୍ରବେରୀ ଚାଷ କରି ସଫଳତା ପାଇଛନ୍ତି । ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ବଣ୍ଡାପଡ଼ା ଗାଁର ଦୁଇ ଭାଇ ମିଶି ୧ ଏକର ଜମିରେ ଫଳାଇଛନ୍ତି ଲାଲ୍ ଟହଟହ ଷ୍ଟ୍ରବେରୀ । ଏହା ଦେଖିବାକୁ ଯେତିକି ସୁନ୍ଦର, ସ୍ୱାଦ ମଧ ତାଠୁ ଅଧିକ ନିଆରା । ଓପିଲିପି ପକ୍ଷରୁ ଆର୍ଥିକ ସହାୟତା ସହ ତାଲିମ ନେଇ ଦୁଇ ଭାଇ ଲକ୍ଷ୍ମଣ ଓ ମଙ୍ଗଳା ଏହି ଚାଷ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୪୦ ହଜାର ଟଙ୍କାର ଷ୍ଟ୍ରବେରୀ ବିକ୍ରି ହୋଇଥିବା କହିଛନ୍ତି ଚାଷୀ ମଙ୍ଗଳା ମୁଦୁଲି । ଜମିରେ ବର୍ତ୍ତମାନ ଷ୍ଟ୍ରବେରୀ ପାଚି ଆସିଲା ବେଳକୁ ସ୍ଥାନୀୟ ଲୋକେ ଷ୍ଟ୍ରବେରୀକୁ ଖାଇବା ପାଇଁ ବେଶ୍ ଉତ୍ସୁକ ହୋଇ ରହିଛନ୍ତି । ଓପିଲିପି ପକ୍ଷରୁ ଅତ୍ୟାଧୁନିକ ଚାଷ ପାଇଁ ଆର୍ଥିକ ସହାୟତା ଆସିଥିବାବେଳେ ଏହି ଦୁଇ ଭାଇ ଚାଷ କରିବାକୁ ଆଗ୍ରହ କରିଥିଲେ । ଓପିଲିପି ପକ୍ଷରୁ ଦୁଇ ଭାଇଙ୍କୁ ଉଚିତ୍ ତାଲିମ ଦେବା ସହ ଚାଷ କରିବା ପ୍ରଣାଳୀ ଶିକ୍ଷା ଦିଆଯାଇଥିଲା । ପରେ ଉଭୟ ନିଜସ୍ୱ ଉଦ୍ୟମରେ ପରିବାର ସହ ମିଶି ୧ ଏକର ଜମିରେ ଫଳାଇଛନ୍ତି ଷ୍ଟ୍ରବେରୀ । ଏହି ସ୍ଥାନରୁ କେହି ଯଦି ଷ୍ଟ୍ରବେରୀ ନେବାକୁ ଆସନ୍ତି ତେବେ ପ୍ୟାକେଟ୍ ପିଛା ୧୦୦ ଟଙ୍କା ଦେବାକୁ ପଡ଼ିଥାଏ । ଏଠାରୁ ଗୋବିନ୍ଦପାଲି କିମ୍ବା ଖଇରପୁଟ ବଜାରକୁ ନେଇ ବିକ୍ରି କଲେ ପ୍ୟାକେଟ୍ ପିଛା ୧୨୦ ଟଙ୍କାରେ ବିକ୍ରି ହୋଇଥାଏ ।

ମଙ୍ଗଳାଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ସେ ୪୦ ହଜାର ଟଙ୍କାର ଷ୍ଟ୍ରବେରୀ ବିକ୍ରି କରି ସାରିଲେଣି । ବଣ୍ଡା ଜନଜାତିର ଏହି ଦୁଇ ଭାଇଙ୍କ ୧ ଏକର ଜମିରେ ଚାଷ ପରେ ଅନ୍ୟ ବଣ୍ଡା ଜନଜାତି ମଧ ଚାଷ କରିବା ପାଇଁ ଆଗ୍ରହୀ ହେଲେଣି । ୧ ଏକର ଜମିରେ ୬ରୁ ୧୦ କ୍ୱିଣ୍ଟାଲ ଷ୍ଟ୍ରବେରୀ ହେବା ସହ ଏହାର ବଜାର ଦର କିଲୋ ପିଛା ୩୦୦ ଟଙ୍କା ରହିଥିବାରୁ ଏହା ଅଞ୍ଚଳରେ ଲୋକଙ୍କ ମଧ୍ୟରେ ନୂଆ ଆଶା ଭରିଛି । ଆଗାମୀ ଦିନରେ ବଣ୍ଡାଘାଟିରେ ଯେଉଁମାନେ ଏହି ଚାଷ ପାଇଁ ଇଚ୍ଛୁକ ହେବେ, ସେମାନଙ୍କୁ ମଧ ସରକାରଙ୍କ ପକ୍ଷରୁ ତାଲିମ ସହ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଛି । ପରୀକ୍ଷଣ ଭାବେ ୧ ଏକର ଷ୍ଟ୍ରବେରୀ ଚାଷ କରାଯିବା ପରେ ବଣ୍ଡାଘାଟିରେ ଏହି ଚାଷ ପାଇଁ ପାଗ ଅନୁକୂଳ ଥିବା ଜଣାପଡ଼ିଛି । ଏହି ଚାଷ ପରେ ଅନେକ ବଣ୍ଡା ଆଗାମୀ ଦିନରେ ଷ୍ଟ୍ରବେରୀ ଚାଷ କରିବାକୁ ଆଗେଇ ଆସି ସ୍ୱାବଲମ୍ବୀ ହେବେ ବୋଲି ଆଶା ସଞ୍ଚାର ହୋଇଛି । ବଣ୍ଡାଘାଟିର ଦୁଇ ଭାଇ ଷ୍ଟ୍ରବେରୀ ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବାବେଳେ ଏହା ବଣ୍ଡାଘାଟିକୁ ନୂଆ ପରିଚୟ ମଧ ଦେଇଛି । ତେବେ ଏହି ଚାଷ ସ୍ଥାନକୁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଅନ୍ୟ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଗସ୍ତ କରି ଦୁଇ ଚାଷୀଙ୍କ ସହ ଚାଷକୁ ନେଇ ବିଭିନ୍ନ ବିଷୟରେ ଆଲୋଚନା କରି ତାଙ୍କ ସଫଳତା ପାଇଁ ବେଶ୍ ଖୁସି ପ୍ରକାଶ କରିଛନ୍ତି । ଏହାସହ ଆଗାମୀ ଦିନରେ ଆହୁରି ଅଧିକ ଚାଷୀ ଏହି ଫସଲ କରିବା ପାଇଁ ଆଗକୁ ଆସିବାକୁ ସେ ପ୍ରୋତ୍ସାହିତ କରିଛନ୍ତି ।

# ଆଦିବାସୀ ମାନ୍ୟତା ନିମନ୍ତେ ସହିଦ ନର୍ସିଙ୍ଗ ଡମ ସମାଜ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର

**ମାଲକାନଗିରି/ବାଲିମେଳା,୨୫।୨(ସମିସ):** ମାଲକାନଗିରି ଜିଲ୍ଲା ସହିଦ ନର୍ସିଙ୍ଗ ଡମ ସମାଜ ତରଫରୁ ଆଦିବାସୀ ମାନ୍ୟତା ଦାବି ନେଇ ସମାଜ ସଭାପତି ବଳରାମ ଅନୁଗୁଳିଆଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଡମ ସମାଜର କର୍ମକର୍ତ୍ତା ବାଲିମେଳାଠାରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସାଂସଦ ଶ୍ରୀ ମାଝୀ ଦାବିପତ୍ର ଗ୍ରହଣ କରିବା ପୂର୍ବରୁ ଡମ କେଉଁ ଆଧାରରେ ଆଦିବାସୀ ମାନ୍ୟତା ପାଇବେ ବୋଲି ଓ ଏନେଇ ତଥ୍ୟ ପ୍ରମାଣ ବାବଦରେ ପ୍ରଶ୍ନ କରିଥିଲେ । ସାଂସଦଙ୍କ ପ୍ରଶ୍ନର ଉତ୍ତର ଡମ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ସ୍ପଷ୍ଟ ଭାବରେ ସାଂସଦଙ୍କୁ ଅବଗତ କରାଇଥିଲେ ଯେ, ୧୯୪୧ ମସିହା ଜନଜାତି ଜନଗଣନା ଅନୁଯାୟୀ ତତ୍କାଳୀନ କୋରାପୁଟ ଜିଲ୍ଲା ଡମ ଜନଜାତିର ଜନସଂଖ୍ୟା ୧୦୩୩୮୮ ରହିଥିଲା । ତତ୍କାଳୀନ କୋରାପୁଟ ଜିଲ୍ଲାର ୧୩ଟି ଜନଜାତିଙ୍କ ତାଲିକା ମଧ୍ୟରୁ ଡମ ଜନଜାତି ତୃତୀୟ ସ୍ଥାନରେ ରହିଥିଲେ । କିନ୍ତୁ ୧୯୫୦ରେ ଅନୁସୂଚିତ ଜାତି ଓ ଜନଜାତି ତାଲିକା ସମୟରେ ଡମ ଜନଜାତିକୁ ଜନଜାତି ତାଲିକାରୁ ବାଦ୍ ଦିଆଯାଇଛି । ଫଳରେ ଡମ ଜନଜାତି ସାମାଜିକ, ଅର୍ଥନୈତିକ ଶିକ୍ଷା ତଥା ନିଜର ମୂଳ ଜାତି ଓ ଜନଜାତିରୁ ବଞ୍ଚିତ ରହି ସାମ୍ବିଧାନିକ ହକ୍ ଅଧିକାରରୁ ବଞ୍ଚିତ ରହି ଆସୁଛନ୍ତି । ଏହାସହ ୧୯୩୧ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ତତ୍କାଳୀନ କୋରାପୁଟ ଜିଲ୍ଲାର ପ୍ରଥମ ପ୍ରଶାସକ ୧୯୪୫ ସରକାରୀ ସଂସ୍କରଣରେ ପେଜ ନମ୍ବର ୬୩, ୭୯, ୮୧, ୮୫, ୧୨୦, ୧୪୯ରେ ଡମ ଜନଜାତିଙ୍କ ବାବଦରେ ଉଲ୍ଲେଖ କରି ସରକାରୀ ଦସ୍ତାବିଜ୍ ପ୍ରସ୍ତୁତ କରିଛନ୍ତି । ତଥାପି ଡମ ଜାତି ଓ ଜନଜାତି ଆଦିବାସୀ ମାନ୍ୟତରୁ ବାଦ୍ ପଡ଼ିଛି । ଏଣୁ ଡମ ଜାତିକୁ ତା'ର ପୂର୍ବ ଅଧିକାର ଯାହାକି ଜନଜାତିର ମାନ୍ୟତା ପ୍ରଦାନ କରାଯାଉ ବୋଲି ଡମ କର୍ମକର୍ତ୍ତାମାନେ ସାଂସଦ ଶ୍ରୀ ମାଝୀଙ୍କୁ ଅବଗତ କରାଇଥିଲେ । ସମସ୍ତ ତଥ୍ୟ ଏବଂ ଦସ୍ତାବିଜ ଦେଖି ବୁଝିବା ପରେ ସାଂସଦ ଏନେଇ ପଦକ୍ଷେପ ନେବା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି । ଏଣୁ ସହିଦ ନର୍ସିଙ୍ଗ ଡମ ସମାଜର କୋର୍ କମିଟି ସଦସ୍ୟ ସଭାପତି ବଳରାମ ଅନୁଗୁଳିଆ, ସନ୍ତୋଷ ନାଗ, ରାଜେନ୍ଦ୍ର କୁଲଦୀପ, ମଙ୍ଗଳା ପାଙ୍ଗି, ବସନ୍ତ ନାୟକ, କୋଟେଶ୍ୱର ପୋଟଲା, ଶଙ୍କର କ୍ଷିତି, ଅନୁପ ସୁନାନୀ, ସଦାନନ୍ଦ ଖରା, ମଦନ ଖୋସଲା, ଡାନିଏଲ ପଟଲା ସମେତ ଡମ ସମାଜର କର୍ମକର୍ତ୍ତା ସାଂସଦଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।



# କଲ୍ୟାଣ ବିଭାଗ ଶିକ୍ଷକ ସଂଘ ସହ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଆଲୋଚନା



**ରାୟଗଡ଼ା,୨୫।୨(ସମିସ):** ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଶିକ୍ଷକ ଓ ଶିକ୍ଷାନୁପରିଦର୍ଶକ ସଂଘ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆ ବର୍ଗ ଉନ୍ନୟନ ବିଭାଗ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ସାକ୍ଷାତ କରି ବିଦ୍ୟାଳୟ ତଥା ବିଭାଗୀୟ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ରାଜ୍ୟ ଉପସଭାପତି ଦୈତ୍ୟାରି ଦିଗଲ ସହ ରାୟଗଡ଼ା ଜିଲ୍ଲାର ବିଭାଗୀୟ ଶିକ୍ଷକଙ୍କ ଏକ ମିଳିତ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀ ଶ୍ରୀ ସାରକାଙ୍କୁ ସର୍କିଟ ହାଉସରେ ଭେଟି ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଦାବି ଉପସ୍ଥାପନା କରିଥିଲେ । କ୍ୟାଡର ରୁଲ୍ ଶୀଘ୍ର ଲାଗୁ କରିବା, ମେସ୍ ପରିଚାଳନା ଦାୟିତ୍ୱରୁ ଶିକ୍ଷକଙ୍କୁ ମୁକ୍ତ କରିବା, ବିଭାଗୀୟ ଶିକ୍ଷକମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା, ସିସିଏଙ୍କ ଦରମା ବୃଦ୍ଧି, ନୂତନ ଶିକ୍ଷକ ନିଯୁକ୍ତି, ବିଭିନ୍ନ ସ୍ତରରେ ନୂତନ ପଦ ସୃଷ୍ଟି, ହଷ୍ଟେଲଗୁଡ଼ିକରେ ଦେଖାଯାଉଥିବା ସମସ୍ୟାର ସମାଧାନ ଓ ଆଧୁନିକୀକରଣ କରିବା, ଶିକ୍ଷକମାନଙ୍କ ଭିତରେ ବିଭିନ୍ନ ପଦ ଓ ଦରମାକୁ ନେଇ ଥିବା ଅସଙ୍ଗତି ଦୂରୀକରଣ, ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନ ଓ ଶ୍ରେଷ୍ଠ ବିଦ୍ୟାଳୟ ସମ୍ମାନ ପ୍ରବର୍ତ୍ତନ କରିବା ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା । ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ଆଗାମୀ କ୍ୟାବିନେଟରେ ଏସବୁ ପ୍ରସଙ୍ଗ ପ୍ରତି ଗୁରୁତ୍ୱ ଦେଇ ସ୍ୱୀକୃତି କରିବା ଲାଗି ଶିକ୍ଷକମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମନ୍ତ୍ରୀ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବହୁ ଉଲ୍ଲେଖନୀୟ ତଥା ଅଭିନବ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ବିଭାଗୀୟ ଶିକ୍ଷକମାନଙ୍କ କ୍ୟାଡର ରୁଲ୍ କାର୍ଯ୍ୟ ଚାଲିଛି ଏବଂ ଖୁବଶୀଘ୍ର ତାହା ଶେଷ ହେବ ବୋଲି ମନ୍ତ୍ରୀ ସୂଚନା ଦେବା ସହ ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ କମିଶନର ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଉଚିତ୍ ପଦକ୍ଷେପ ଗ୍ରହଣ କରିବି ବୋଲି ମନ୍ତ୍ରୀ ଶ୍ରୀ ସାରକା ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ପଣ୍ଡା, ଦେବାଶିଷ ସାମଲ, ତିରୁମୁଲା ବୋଦନା, ଡ. ଦ୍ୱିତୀଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସଫଳ ଆଲୋଚନା କରିଥିଲେ ।

# ଅମ୍ବାଦଳା ପ୍ରେସ୍ ୟୁନିୟନର ଦ୍ୱିତୀୟ ବାର୍ଷିକ ଉତ୍ସବ

**ମୁନିଗୁଡ଼ା,୨୫।୨(ସମିସ):** ରାୟଗଡ଼ା ଜିଲ୍ଲା ଅମ୍ବାଦଳା ପ୍ରେସ୍ ୟୁନିୟନ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ଧୁମଧାମରେ ପାଳନ ହୋଇଯାଇଛି । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା । ପ୍ରଦୀପ ପ୍ରଜ୍ୱଳନ ପରେ ଦିବଂଗତ ସାମ୍ବାଦିକମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରେସ୍ ୟୁନିୟନର ସଭାପତି ରଞ୍ଜନ ସ୍ୱାଇଁ ପରିଚାଳନା କରି ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅମ୍ବାଦଳା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବି. ଚନ୍ଦ୍ରଶେଖର ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ଭାବେ ପରିବେଶବିତ୍ ତଥା ସମାଜସେବୀ ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ସମାଜରେ ସାମ୍ବାଦିକଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ



ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନ, ଅମ୍ବାଦଳା ଭୈରବ ମନ୍ଦିର ପୂଜାରୀ ରାମକୃଷ୍ଣ ପ୍ରଧାନୀ, ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ବିହାରୀ, କିଶୋର ଚନ୍ଦ୍ର ପାଢ଼ୀ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ବାଦଲ କୁମାର ତା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ରାୟଗଡ଼ା, ବିଷମକଟକ, ଚନ୍ଦ୍ରପୁର, ମୁନିଗୁଡ଼ା ଅଞ୍ଚଳରୁ ବହୁ ବରିଷ୍ଠ ଓ ବିଶିଷ୍ଟ ସାମ୍ବାଦିକ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ଭଜରାମ କୌଶଲ୍ୟା, ନାଥୁରାମ ନାଗ, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ବିହାରୀ, କିଶୋର ଚନ୍ଦ୍ର ପାଢ଼ୀ, ଭୈରବ ମନ୍ଦିର ପୂଜାରୀ ରାମକୃଷ୍ଣ ପ୍ରଧାନୀ, ଷ୍ଟିଫେନ ସାଗର ନାୟକ, ପଦ୍ମନ ଗୌଡ଼, ବିରାଟ ବେହେରା, ଗୋପାଳ ପାଢ଼ୀ, କେଶବ ବେହେରା, ବରିଷ୍ଠ ଶିକ୍ଷକ ତଥା ଅଞ୍ଚଳର ଲୋକପ୍ରିୟ ଭାଷ୍ୟକାର ଅକ୍ଷୟ କୁମାର ରଥ, ବିଜୟ ମିଶ୍ର, ଅରୁଣ ସାହୁ, ଆଶା କର୍ମୀ ରାଜକୁମାରୀ କରକରିଆ, ଅଙ୍ଗନବାଡ଼ି କର୍ମୀ ମନ୍ଦୋଦରୀ କରକରିଆଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସେହିପରି ରାୟଗଡ଼ା, ବିଷମକଟକ, ମୁନିଗୁଡ଼ା, ଚନ୍ଦ୍ରପୁର ଅଞ୍ଚଳରୁ ଆସିଥିବା ସମସ୍ତ ସାମ୍ବାଦିକ ବନ୍ଧୁଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ଉପଢୌକନ ଦେଇ ସମ୍ମାନିତ କରାଯିବା ସହ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶେଷରେ ପ୍ରେସ୍ ୟୁନିୟନର ସାଧାରଣ ସମ୍ପାଦକ କୁଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରେସ୍ ୟୁନିୟନର ସଦସ୍ୟ ଲଳିତ ନାଗ, ଜେମସ ଜନସନ୍, ରମାକାନ୍ତ ପୋଡାଲ, ରାମ ପ୍ରକାଶ କରକରିଆ, ଅନଙ୍ଗ କରକରିଆ, ଦୟାନିଧି ସାହୁ, ମହେଶ ବେହେରା, ଭି. ସନ୍ଦୀପ କୁମାର, ଜ୍ୟୋତିରଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# 'ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ' କାର୍ଯ୍ୟକ୍ରମ

ମାଲକାନଗିରି,୨୫।୨(ସମିସ)





ନିର୍ବାଚନ ଋତୁ ପାଖଉଥିବାବେଳେ ସବୁ ରାଜନୈତିକ ଦଳ ସକ୍ରିୟ ହେବା ସହ ଲୋକଙ୍କ ନିକଟତର ହେବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ତେବେ ଏହି କ୍ରମରେ ବିଜୁ ଜନତା ଦଳ କିନ୍ତୁ କିଛି ଅଲଗା ରଣନୀତି ଆପଣେଇବା ସହ ଲୋକଙ୍କୁ ନିଜ ଦ୍ୱାରା କରାଯାଇଥିବା ଜନହିତକର କାର୍ଯ୍ୟ ବିଷୟରେ ଅବଗତ କରାଇବା ସହ ଘରେ ଘରେ ଶଙ୍ଖ ନାରା ନେଇ ଆରମ୍ଭ କରାଯାଇଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ଯାହାକୁ କି ଲୋକେ ମଧ ବେଶ୍ ପସନ୍ଦ କରୁଛନ୍ତି । ଏହି ଆଧାରରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ରବିବାର ଜିଲ୍ଲା ସଦର ବ୍ଲକର ତଣ୍ଡାପିଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମଭି୧୪ ଗ୍ରାମ ସ୍ଥିତ ହରି ମନ୍ଦିର ପ୍ରାଙ୍ଗଣରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ନବୀନ ସରକାରଙ୍କ ବିକାଶର ବାର୍ତ୍ତା ଦେବା ସହ ଉପସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ କିଭଳି ଭାବେ ଅଧିକ ସୁଦୃଢ଼ କରିହେବ ଏବଂ ବିଜୁ ଜନତା ଦଳକୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ କର୍ମକର୍ତ୍ତାଙ୍କ ମନୋବଳ ବଢ଼ାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୋନ୍ ସଂଯୋଜକ ତଥା ବିଜେଡି ଜିଲ୍ଲା ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା, ଜିଲ୍ଲା ଉପସଭାପତି ଗଣେଶ ମଣ୍ଡଲ, ଶିଖପାଲି ଜୋନ୍ ଜିଲ୍ଲା ପରିଷଦ ମୁକା ମାଡକାମି, ପଞ୍ଚାୟତ ସଭାପତି ମୋହନ ବର୍ମନ, ସନା ପଡିଆମିଙ୍କ ସହି ବିଜୁ ଜନତା ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

**ନନ୍ଦପୁର :** ଦେଶରେ ଓଡ଼ିଶା ମଡେଲର ଗୁଣ ଗାନ ହେଉଛି । ଦେଶରେ ଏବେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ରହିପାରିଛି । ଓଡ଼ିଶାକୁ ଆଗେଇ ନେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶାର ପ୍ରଗତି ଦ୍ରୁତ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜୀବିକା ନିର୍ବାହ କ୍ଷେତ୍ରରେ ମହିଳାମାନଙ୍କ ସ୍ୱତନ୍ତ୍ରତା ଓ ସ୍ୱାଭିମାନ ଆସିଛି ବୋଲି କହିବା ସହ ନବୀନ ପଟ୍ଟନାୟକ ଓଡ଼ିଶାରେ ଗର୍ବ ଗୌରବ ଆଣିଛନ୍ତି ବୋଲି କହିଛନ୍ତି ରାଜ୍ୟ ମୁକ୍ତା ଯୋଜନାର ଉପଦେଷ୍ଟା ମୀରା ପରିଡ଼ା ଓ କୋରାପୁଟ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି । ନନ୍ଦପୁର ଥାନା ଅଧୀନସ୍ଥ ତଥା କୋରାପୁଟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନମାଳୀପୁଟ ଗ୍ରାମ ପଞ୍ଚାୟତରେ ବିଜେଡିର ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେଇ ମା'ମାନଙ୍କ ସହ ବିଜେଡିର ସଫଳତା ଓ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ସହ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଜନ ସମ୍ପର୍କରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ନେତା ସରୋଜ ପଡ଼ାଲ, ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜିକା ତୁଳସୀ କିର୍ଷାନି, ଲମତାପୁଟ ବ୍ଲକ୍ ବିଜେଡି ସଭାପତି ସୁନାଧର ଆଡ଼ାରିଙ୍କ ସମେତ ବିଜେଡି ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।

# 'ବନ ସୁରକ୍ଷା ଆମରି ରକ୍ଷା' ସଚେତନତା କାର୍ଯ୍ୟକ୍ରମ

**କାଶୀପୁର,୨୫।୨(ସମିସ):** ଗତ କିଛି ଦିନ ଧରି 'ବନ ସୁରକ୍ଷା ଆମରି ରକ୍ଷା' ସଚେତନତା କାର୍ଯ୍ୟକ୍ରମ ରାୟଗଡ଼ା ଜିଲ୍ଲାରେ ଅନୁଷ୍ଠିତ ହୋଇ ଆସିଥିବାବେଳେ କାଶୀପୁର ବ୍ଲକ୍ ବନଖଣ୍ଡ ଅନ୍ତର୍ଗତ ମାଣ୍ଡିବିଶି ଓ ଗଡିବାଲି ପଞ୍ଚାୟତର ଲୋକଙ୍କୁ ନେଇ ମାଣ୍ଡିବିଶିଠାରେ ରବିବାର 'ବନ ସୁରକ୍ଷା ଆମରି ରକ୍ଷା' ତଥା ଜଙ୍ଗଲ ପୋଡ଼ିର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କାଶୀପୁର ବନାଞ୍ଚଳ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ ମାଣ୍ଡିବିଶି ଓ ଗୋଡ଼ିବାଲି ବନାଞ୍ଚଳରେ ବସବାସ କରିଆସୁଥିବା ଲୋକଙ୍କୁ ଜୀବଜଗତରେ ପରିବେଶର ମହତ୍ୱ ଏବଂ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ଜଙ୍ଗଲ ସୁରକ୍ଷାରେ ନାଗରିକତା ଦାୟିତ୍ୱ ବିଷୟରେ ବାର୍ତ୍ତା ଦେଇଥିଲେ । ଅଞ୍ଚଳବାସୀଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଏକ ସାଇକଲ ରାଲି ମାଣ୍ଡିବିଶିଠାରୁ ଯେରୋକା ଗ୍ରାମ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଏହି ରାଲିରେ ମାଣ୍ଡିବିଶି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଭାଗ ନେଇଥିଲେ ଏବଂ ରାଲିରେ ଅଞ୍ଚଳର ଯୁବକମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ଆୟୋଜନ କାଶୀପୁର ବନ ବିଭାଗ କରିଥିବାବେଳେ ଫରେଷ୍ଟର ବଳରାମ କାଡ୍ରାକା, ଗାର୍ଡ ବିକାଶ ବାଘ, ଗାର୍ଡ କିଲୋରୀ ତ୍ରିପତି ଏବଂ ଜଙ୍ଗଲ ଅଗ୍ନି ସୁରକ୍ଷା ଦଳର କର୍ମଚାରୀମାନେ ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ ।



ସମ୍ପୂର୍ଣ୍ଣ
ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୩୨- ପୋଲାଣ୍ଡରୁ ସମ୍ବିଧାନକୁ ହଟେଇ ଦିଆଗଲା।
- ୧୮୮୭- ଭାରତର ପ୍ରଥମ ମହିଳା ଡାକ୍ତର ଆନନ୍ଦୀ ଗୋପାଳ ଯୋଶୀଙ୍କ ପରଲୋକ।
- ୧୯୬୬-ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ପରଲୋକ।
- ୧୯୭୫- ଗୁଜରାଟରେ ଦେଶର ପ୍ରଥମ ତ୍ରିରଙ୍ଗା ସଂଗ୍ରହାଳୟ ସ୍ଥାପନ କରାଗଲା।

# ଧନୀ ବୋଲାଇବା ପାଇଁ ବଡିଗାର୍ଡ ନିଯୁକ୍ତ



ସାଧାରଣତଃ ଧନୀ ଲୋକଙ୍କର ଜୀବନଶୈଳୀ ପୂରାପୂରି ଅଲଗା ହୋଇଥାଏ। କେହି କେହି ଧନୀ ବ୍ୟକ୍ତି ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀ ବା ବଡିଗାର୍ଡଙ୍କୁ ନିଯୁକ୍ତ କରିଥାନ୍ତି। ଏ ବାବଦରେ ବହୁ ଅର୍ଥ ମଧ୍ୟ ବ୍ୟୟ କରିଥାନ୍ତି। ଏହା କେତେ ଜଣଙ୍କ ଆବଶ୍ୟକତା ଥିବା ବେଳେ ଆଉ କେତେକଙ୍କ ଆଭିଜାତ୍ୟର ଅଂଶବିଶେଷ। ତେବେ କେହି କେବେ ଧନୀ ଦିଶିବା ତଥା ଅନ୍ୟକୁ ଆକର୍ଷିତ କରିବା ପାଇଁ ବଡିଗାର୍ଡଙ୍କ ଉପରେ ଟଙ୍କା ଖର୍ଚ୍ଚ କରୁ ନ ଥିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚୀନ୍‌ର ହେବେଇରେ ରହୁଥିବା ଶିଆଓରନ୍ ନାମକ ଜଣେ ଯୁବକଙ୍କ କ୍ଷେତ୍ରରେ। ସେ ପ୍ରତିଦିନ ୧୭ ହଜାର ଟଙ୍କା ଦେଇ ଜଣେ ବଡିଗାର୍ଡଙ୍କୁ ରଖିଛନ୍ତି। ସେ ବେଜିଂରେ କାମ କରନ୍ତି ଏବଂ ଘରକୁ ଯିବା ପୂର୍ବରୁ ସେ ନିଜ ପାଇଁ ବଡିଗାର୍ଡ ସାଙ୍ଗରେ ନେଇ ଯାଆନ୍ତି। ତାଙ୍କ ବଡିଗାର୍ଡର କାମ ହେଉଛି, ସେଲିବ୍ରିଟିଙ୍କ ବଡିଗାର୍ଡ ଭଳି ତାଙ୍କ ବ୍ୟାଗ୍ ଧରିବା ଏବଂ ସେ ଚାଲିବା ସମୟରେ ତାଙ୍କୁ ଛତା ଦେଖାଇବା। ତେବେ ଏଭଳି କରି ସେ ସମ୍ଭ୍ରାନ୍ତର ପରିଚୟ ଦେବାକୁ ଯାଇ ନିଜ ପାଇଁ ଭଲ ଜୀବନସାଥୀ ଖୋଜୁଥିବା କହିଛନ୍ତି। ବାହାଘର ପାଇଁ ଝିଅ ଦେଖିବାକୁ ଯିବା ସମୟରେ ତାଙ୍କ ବଡିଗାର୍ଡଙ୍କୁ ଦେଖି କନ୍ୟାପକ୍ଷ ଲୋକେ ତାଙ୍କୁ ଧନୀ ତଥା ଆଭିଜାତ୍ୟ ସମ୍ପନ୍ନ ଭାବିବେ ଓ ତାଙ୍କୁ ଝିଅ ମିଳିବା ସହଜ ହେବ ବୋଲି ସେ ଆଶା ରଖିଛନ୍ତି। ଅବଶ୍ୟ କେବଳ ଶିଆଓରନ୍ ନୁହଁନ୍ତି, ତାଙ୍କ ଭଳି ହଜାର ହଜାର ଚୀନା ଯୁବକ ଅନ୍ୟମାନଙ୍କୁ ଆକର୍ଷିତ କରିବା ପାଇଁ ବଡିଗାର୍ଡ ସେବାକୁ ଗ୍ରହଣ କରୁଛନ୍ତି। ଏହି ସେବା ପାଇଁ ଇଣ୍ଟରନେଟ୍‌ରେ ବିଭିନ୍ନ ପ୍ଲାଟଫର୍ମ ଉପଲବ୍ଧ ଥିବା ବେଳେ ବଜେଟ୍ ଅନୁସାରେ ମହିଳା ଓ ପୁରୁଷ ବଡିଗାର୍ଡ ମିଳିବା ସୁବିଧା ଅଛି। ତେବେ ରୋଚକପୂର୍ଣ୍ଣ କଥାଟି ହେଉଛି, ଏହି ବଡିଗାର୍ଡମାନେ କୌଣସି ଜୀବନରକ୍ଷାରେ ସାମିଲ ହୋଇ ନ ଥାନ୍ତି, ବରଂ କେବଳ ଆକର୍ଷଣୀୟ ଦିଶିବା କାମ କରନ୍ତି।

# ବକ୍‌ସିସ୍ ନେଲା ୱେଟର୍‌ଙ୍କ ଚାକିରି




ରେସ୍ତୋରାଁ ତଥା ହୋଟେଲର ସେବା ଭଲ ଲାଗିଲେ ଲୋକେ ଖାଦ୍ୟ ଖାଇବା ପରେ ଖୁସିରେ ୱେଟର୍‌ଙ୍କୁ କିଛି ବକ୍‌ସିସ୍ ଦେଇଥାନ୍ତି। ଅବଶ୍ୟ ୱେଟର୍‌ଙ୍କ ସେବାକୁ ଦେଖି ଲୋକେ ସେମାନଙ୍କ ହିସାବରେ ବକ୍‌ସିସ୍ ଦେବାକୁ ପସନ୍ଦ କରନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତିଙ୍କ ବକ୍‌ସିସ୍ ଦେବା ୱେଟର୍‌ଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଘଟଣାଟି ଏଇମିତି- ମିଚିଗନ୍ ସ୍ଥିତ ମାସନ ଜାର୍ କାଫେକୁ ମାର୍କ ନାମକ ଜଣେ ବ୍ୟକ୍ତି ଖାଇବାକୁ ଆସିଥିଲେ। ସେ ୨୬ ଶହ ଟଙ୍କା ଖାଦ୍ୟ ଖାଇ ୮ ଲକ୍ଷ ଟଙ୍କାର ବକ୍‌ସିସ୍ ଦେଇଥିଲେ। ତାଙ୍କର ଏଭଳି ବକ୍‌ସିସ୍‌ରେ ୱେଟର୍ ଜଣକୁ ଖୁସି ଦେବା ବଦଳରେ ଦୁଃଖ ଦେଇଛି। କାରଣ ଏଥିପାଇଁ ତାଙ୍କୁ ଚାକିରି ହରାଇବାକୁ ପଡ଼ିଛି। ୱେଟର୍ ଲିନ୍ସେ ବୟଡ୍ ଫେସ୍‌ବୁକ୍‌ରେ ସେ ତାଙ୍କର ଏହି ଘଟଣା ବାବଦରେ ସେୟାର୍ କରିଛନ୍ତି। ସେ ଏଥିରେ ଲେଖିଛନ୍ତି, ଜଣେ ମଧ୍ୟ ବୟସ୍କ ବ୍ୟକ୍ତି ରେସ୍ତୋରାଁକୁ ଆସି ଖାଦ୍ୟ ଅର୍ଡର ଦେଇଥିଲେ। ଯାହାର ବିଲ୍ ଥିଲା ୨୬ ଶହ ଟଙ୍କା। ତେବେ ସେ ଯିବା ସମୟରେ ୮ ଲକ୍ଷ ଟଙ୍କାର ବକ୍‌ସିସ୍ ଦେଇଥିଲେ। ଏତେ ଟଙ୍କା ବକ୍‌ସିସ୍ ଦେବାର କାରଣ ପଚାରିବାରୁ ସେ ଉତ୍ତରରେ କହିଥିଲେ, ତାଙ୍କର ଜଣେ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ତାଙ୍କ ଅନ୍ତିମ ସଂସ୍କାରରେ ସେ ସାମିଲ ହୋଇଥିଲେ। ଯେଭଳି ତାଙ୍କ ବନ୍ଧୁଙ୍କ ଆତ୍ମାଙ୍କୁ ଶାନ୍ତି ମିଳିବ ଓ ଲୋକମାନେ ଖୁସି ହେବେ, ସେଥିପାଇଁ ମାର୍କ ତାଙ୍କ ନାଁରେ କିଛି କରିବାକୁ ଚାହୁଁଥିବା କହିଲେ। ସେଇଠୁ ବୟଡ୍‌ଙ୍କୁ ମିଳିଥିବା ବକ୍‌ସିସ୍ ସେ ତାଙ୍କ ସାଥୀ ୱେଟର୍‌ଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ବୟଡ୍‌ଙ୍କ ଏହି କାର୍ଯ୍ୟ ରେସ୍ତୋରାଁ ମ୍ୟାନେଜମେଣ୍ଟକୁ ପସନ୍ଦ ଆସିବ ବୋଲି ସେ ଭାବିଥିଲେ। ମାତ୍ର ସେଭଳି କିଛି ନ ଘଟି ତାଙ୍କୁ ଓଲଟା ଚାକିରିରୁ ବହିଷ୍କାର କରାଗଲା। ଅନ୍ୟପଟେ ଏହି କଥା ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।



# ପୁଣି ଥରେ ଆଦିତ୍ୟଙ୍କ ସହ କାମ କରିବେ ଶାହାରୁଖ୍

କିଙ୍ଗ୍ ଖାନ୍ ଶାହାରୁଖ୍ ଚାରିବର୍ଷର ବ୍ରେକ୍ ପରେ 'ପଠାନ୍' ଫିଲ୍ମ ମାଧ୍ୟମରେ ବଡ଼ ପରଦାକୁ ଫେରିଥିଲେ। ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ଶାହାରୁଖ୍‌ଙ୍କ ସହ ଜନ୍ ଆବ୍ରାହମ୍ ଓ ଦୀପିକା ପାଦୁ୍ୟକୋନ୍ ମଧ୍ୟ ଲିଡ୍ ରୋଲରେ ଦେଖାଯାଇଥିଲେ। ଏହି ଫିଲ୍ମ ଦର୍ଶକଙ୍କୁ ଏତେ ପସନ୍ଦ ଆସିଛି ଯେ, ପ୍ରଯୋଜକ ଆଦିତ୍ୟ ଚୋପ୍ରା ଏହାର ଦ୍ୱିତୀୟ ପାର୍ଟ ବା ସିକ୍ୱେଲ ଆଣିବାକୁ ଚେଷ୍ଟା ଚଳାଇଛନ୍ତି। 'ପଠାନ୍'ରେ ଶାହାରୁଖ୍‌ଙ୍କ ଆକ୍ସନ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଦ୍ୱିତୀୟ ପାର୍ଟରେ ବି ଶାହାରୁଖ୍ ଏପରି ଦମ୍‌ଦାର୍ ଆକ୍ସନ୍ କରୁଥିବାର ଦେଖାଯିବେ। 'ପଠାନ୍-୨' ସ୍ପାଇ ୟୁନିଭର୍ସର ଅଷ୍ଟମ ଫିଲ୍ମ। ଏଥିରେ ପ୍ରଥମ ଭାଗ ଅପେକ୍ଷା ଦୁଇଗୁଣ ଆକ୍ସନ୍ ଓ ମନୋରଞ୍ଜନ ରହିବ। ତେବେ 'ପଠାନ୍-୨', 'ଟାଇଗର୍ ଭର୍ସେସ୍ ପଠାନ୍'ର ପୂର୍ବ କାହାଣୀ ହେବ। ଇତିମଧ୍ୟରେ ଆଦିତ୍ୟଙ୍କ ଟିମ୍ 'ପଠାନ୍-୨' ଉପରେ କାମ କରିବା ଆରମ୍ଭ କରି ଦେଇଛନ୍ତି। ଏହାର ସୁଟିଂ ଆସନ୍ତା ଡିସେମ୍ବରରୁ ଆରମ୍ଭ ହେବ। ତେବେ 'ଡଙ୍କି' ପରେ ଶାହାରୁଖ୍‌ଙ୍କ ପରବର୍ତ୍ତୀ ଫିଲ୍ମ 'ପଠାନ୍-୨' ହେବ ବୋଲି କୁହାଯାଉଛି।

# ଶାସ୍ତ୍ରରେ ବର୍ଣ୍ଣିତ ବିଭିନ୍ନ ହୋମ

**ବିଭିନ୍ନ ପୂଜାପର୍ବ ତଥା ଶୁଭ ମାଙ୍ଗଳିକ କାର୍ଯ୍ୟରେ ହୋମ ବା ହବନ କରାଯାଇଥାଏ। ସନାତନ ଧର୍ମରେ ଏହି ବୈଦିକ କର୍ମକାଣ୍ଡ କାହିଁ କେଉଁ କାଳରୁ ପ୍ରଚଳିତ ରହିଛି। ତେବେ ସିଦ୍ଧିପ୍ରାପ୍ତି ତଥା କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ହୋମର ଅନୁଷ୍ଠାନ କରିବା ନେଇ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି।**

- **ମୃତ୍ୟୁଞ୍ଜୟ ହୋମ:** ଦୀର୍ଘାୟୁ ପ୍ରାପ୍ତି ତଥା ବିପଦକୁ ଟାଳିବା ପାଇଁ ମୃତ୍ୟୁଞ୍ଜୟ ହୋମ କରିବାର ବିଧି ରହିଛି।
- **ଧନ୍ୱନ୍ତରୀ ହୋମ:** ଉତ୍ତମ ସ୍ୱାସ୍ଥ୍ୟ କାମନା ପାଇଁ ଏହି ହୋମ ଫଳପ୍ରଦ। ଏହାକୁ ଆୟୋଜନ କରିବା ଶୁଭଦାୟକ।
- **ଦୁର୍ଗା ହୋମ:** ନକାରାତ୍ମକ ଶକ୍ତିରୁ ମୁକ୍ତି ପାଇବା ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଦୁର୍ଗା ହୋମ ଆୟୋଜନ ସର୍ବୋତ୍ତମ।
- **ଚଣ୍ଡି ହୋମ:** ସମସ୍ତ କାର୍ଯ୍ୟରେ ସଫଳତା ଅର୍ଜନ କରିବା ଉଦ୍ଦେଶ୍ୟରେ ସାଧକ ଚଣ୍ଡି ହୋମ କରିଥାନ୍ତି।
- **ଲକ୍ଷ୍ମୀ-କୁବେର ହୋମ:** ସମୃଦ୍ଧି ଓ ଭୌତିକ ସୁଖ ସୁବିଧାକୁ ପ୍ରାପ୍ତ କରିବା ପାଇଁ ଏହି ହୋମ କରିବାର ନିୟମ ଅଛି।
- **ନବଗ୍ରହ ହୋମ:** ନବଗ୍ରହଙ୍କୁ ପ୍ରସନ୍ନ ବା ଶାନ୍ତି କରିବା ଏବଂ କୁଦୃଷ୍ଟି ପ୍ରଭାବରୁ ନିଜକୁ ମୁକ୍ତ ରଖିବା ପାଇଁ ଏହି ହୋମ କରିବା ଆବଶ୍ୟକ।
- **ବାସ୍ତୁ ହୋମ:** ଘରୁ ନକାରାତ୍ମକ ଶକ୍ତି ଦୂର କରି ସକାରାତ୍ମକ ଶକ୍ତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ହୋମ କରିବା ଜରୁରି। ବାସ୍ତୁଦୋଷରୁ ମଧ୍ୟ ମୁକ୍ତି ମିଳେ।
- **ବିଶ୍ୱ ଶାନ୍ତି ହୋମ:** ବିଶ୍ୱ ଶାନ୍ତି ଓ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଁ ଏହି ହୋମ କରିବା ପାଇଁ ଶାସ୍ତ୍ରରେ କୁହାଯାଇଛି।



## ସ୍ୱସ୍ତି

# ଦୀପଶିଖାରୁ ଶୁଭାଶୁଭ ସଙ୍କେତ

**ଠାକୁରଙ୍କ ଉଦ୍ଦେଶ୍ୟରେ ଆମେ ଦୀପ ଜାଳିଥାଉ। ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ପ୍ରଜ୍ୱଳିତ ଦୀପରୁ ଅନେକ ସଙ୍କେତ ମିଳିଥାଏ। ଯେଉଁଥିରୁ ଶୁଭାଶୁଭ ନିର୍ଣ୍ଣୟ କରି ହୁଏ। ଏବେ ଜାଣିବା ଦୀପ ଶିଖା ଜୋର୍‌ରେ ଜଳିବା କେଉଁ ସଙ୍କେତ ଦେଇଥାଏ।**



ଦୀପ ଲିଭିବା ସମୟରେ ହିଁ ଏହାର ଶିଖା ପ୍ରଖର ଥାଏ। ଏଭଳି କ୍ଷେତ୍ରରେ ଶିଖା ଉପରକୁ ଉଠିବା ସାଧାରଣ କଥା। ଯଦି ଦୀପ ଶିଖା ଉପରୁ ଜୋରରେ ଜଳେ, ଏଥିରୁ ଜଣାପଡ଼େ ଏହା ଦ୍ୱାରା ଠାକୁର ପ୍ରସନ୍ନ ଅଛନ୍ତି ଓ ଦାତାଙ୍କ କୃପା ପ୍ରାପ୍ତି ହୁଏ। ଭଗବାନ ପୂଜା ସ୍ୱୀକାର କରିଛନ୍ତି ବୋଲି ବିଶ୍ୱାସ ଆସେ। ଏହାସହ ଘରର ନକାରାତ୍ମକ ଶକ୍ତି ଧୀରେ ଧୀରେ ଦୂର ହୋଇ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏପରିକି ଘରେ କୌଣସି ବାସ୍ତୁ ଦୋଷ ନ ଥିବା ମଧ୍ୟ ଏଥିରୁ ସଙ୍କେତ ମିଳିଥାଏ।

# ସୂର୍ଯ୍ୟ ଚାଳିଶା ପାଠର ଲାଭ



ରବିବାର ସୂର୍ଯ୍ୟଦେବଙ୍କୁ ସମର୍ପିତ। ଏହିଦିନ ସୂର୍ଯ୍ୟଙ୍କୁ ଆରାଧନା କରିବା ଦ୍ୱାରା ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ। ତେବେ କୁଣ୍ଡଳୀରେ ସୂର୍ଯ୍ୟଙ୍କ ସ୍ଥିତି ଦୁର୍ବଳ ଥିଲେ, ନିୟମିତ ସୂର୍ଯ୍ୟଚାଳିଶା ପାଠ କରିବା ଉଚିତ। ରବିବାର ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ସୂର୍ଯ୍ୟ ଚାଳିଶା ପାଠ ଆରମ୍ଭ କରିବା ଦରକାର। ଏଭଳି କରିବା ଦ୍ୱାରା ସମସ୍ତ ଶାରୀରିକ ଓ ମାନସିକ କଷ୍ଟ ଦୂର ହୋଇଥାଏ। ତା'ସହ ଦୀର୍ଘାୟୁ ପ୍ରାପ୍ତି ହୁଏ। ନିୟମିତ ସୂର୍ଯ୍ୟ ଚାଳିଶା ପାଠ କରିବା ଦ୍ୱାରା ଅକାଳ ମୃତ୍ୟୁର ଭୟ ରହେ ନାହିଁ। ତା'ସହ ଆରୋଗ୍ୟ ଜୀବନ ପ୍ରାପ୍ତ ହୋଇଥାଏ।

## ଗୀତାବାଣୀ

ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥୩୪॥



ତାହାକୁ (ତତ୍ତ୍ୱଜ୍ଞାନକୁ) ତୁମେ (ତତ୍ତ୍ୱଦର୍ଶୀ ଜ୍ଞାନୀ ମହାପୁରୁଷଙ୍କ ନିକଟକୁ ଯାଇ) ବୁଝ। ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ, ତାଙ୍କର ସେବା କଲେ ଏବଂ ତାଙ୍କୁ ସରଳତାପୂର୍ବକ ପ୍ରଶ୍ନ କଲେ ସେହି ତତ୍ତ୍ୱଦର୍ଶୀ (ଅନୁଭବୀ) ଜ୍ଞାନୀ (ଶାସ୍ତ୍ରଜ୍ଞ) ମହାପୁରୁଷ ତୁମକୁ ସେହି ତତ୍ତ୍ୱଜ୍ଞାନର ଉପଦେଶ ଦେବେ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୩୪)

# ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର



**ପ୍ରତ୍ୟେକ ବ୍ୟକ୍ତି ଧନ ଅର୍ଜନ କରିବାକୁ ଇଚ୍ଛା ରଖନ୍ତି। ଏଥିପାଇଁ ସେମାନେ ଦିନରାତି ପରିଶ୍ରମ ମଧ୍ୟ କରିଥାନ୍ତି। ବେଳେ ବେଳେ ବହୁ ପରିଶ୍ରମ ସତ୍ତ୍ୱେ ବି ଆର୍ଥିକ ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ତେବେ ଆର୍ଥିକ ଅନଟନ ଦୂର କରିବା ତଥା ଧନଲାଭ ପାଇଁ ଫେଙ୍ଗ୍‌ସୁଇରେ ଅନେକ ଉପାୟ ଅଛି। ସେଥିରୁ ଅନ୍ୟତମ ଫେଙ୍ଗ୍‌ସୁଇ ଟଙ୍କା ବା ମୁଦ୍ରାପାତ୍ର। ଏହାକୁ କିଭଳି ଓ କେଉଁଠି ରଖିବା ଦରକାର, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ।**

- ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ଧନକୁ ଆକର୍ଷିତ କରିଥାଏ। ଏଣୁ ଏହାକୁ ଘରେ ରଖିବା ଶୁଭ।
- ବାଉଁଶ, ଧାତୁ, ଚିନା ମାଟି, ଗ୍ଲାସ୍ ଏବଂ କ୍ରିଷ୍ଟାଲରେ ତିଆରି ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ରହିଛି।
- ଘରେ ଗ୍ଲାସ୍ ଓ କ୍ରିଷ୍ଟାଲ ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ରଖିବା ଶୁଭ।
- ଏହାକୁ ଘରର ପ୍ରବେଶ ଦ୍ୱାର କିମ୍ବା ଲିଭିଂ ରୁମ୍‌ରେ ରଖିବା ଭଲ।
- ଫେଙ୍ଗ୍‌ସୁଇ ଟଙ୍କା ପାତ୍ରରେ କ୍ରିଷ୍ଟାଲ, କାଚ, ମୋତି ଏବଂ କଏନ୍ ରଖିବା ଜରୁରି।
- ଅଫିସ୍ ଡେସ୍କରେ ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ରଖିପାରିବେ।

# ଶୁକ୍ରବାର କ'ଣ କରିବେନି

**ଶୁକ୍ରବାର ମା' ବୈଭବ ଲକ୍ଷ୍ମୀଙ୍କୁ ସମର୍ପିତ। ଏହିଦିନ ମା' ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ବ୍ରତ ରଖାଯାଏ। ତେବେ କିଛି କାମ ଏଭଳି ରହିଛି, ଯାହାକୁ ଶୁକ୍ରବାର କରିବା ମନା। କ'ଣ ତାହା...**

- ରୁପା ଓ ଚିନି ଦାନ କରନ୍ତୁ ନାହିଁ।
- କାହାକୁ ଉଧାର ଦିଅନ୍ତୁ ନାହିଁ।
- ଆମିଷ ଓ ନିଶା ସେବନ କରିବା ଅନୁଚିତ।
- ଚିରାଫଟା ପୋଷାକ ଦାନ ଦେବାରୁ ଦୂରେଇ ରୁହନ୍ତୁ।



# ଭାରତୀକୃଷ୍ଣ, ଅମୂଲ୍ୟଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୫ ।୨ (ସମିସ)

ସମ୍ମାନଜନକ କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ସହିଦ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଜୀବନବ୍ୟାପୀ ସାଧନା ସକାଶେ ଫୁଟବଲ ଲିଜେଣ୍ଡ ଭାରତୀକୃଷ୍ଣ ମିଶ୍ର ଏବଂ ରାଜ୍ୟର ଜଣାଶୁଣା ହକି କୋଚ ଅମୂଲ୍ୟ କୁମାର ବେହେରା 'ଶ୍ରେଷ୍ଠ କୋଚ୍' ପୁରସ୍କାର ଗ୍ରହଣ କରିଛନ୍ତି। ଅମୂଲ୍ୟଙ୍କୁ ପୁରସ୍କାର ଆକାରରେ ଉତ୍ତରୀୟ, ବିଶେଷ ଟ୍ରଫି, ପ୍ରଶସ୍ତିପତ୍ର ଏବଂ ନଗଦ ୧୫ ହଜାର ଟଙ୍କା ଏବଂ ଭାରତୀକୃଷ୍ଣଙ୍କୁ ଉତ୍ତରୀୟ, ବିଶେଷ ଟ୍ରଫି, ପ୍ରଶସ୍ତିପତ୍ର, ଉପହାର ଏବଂ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଓ ସହିଦ ସ୍ପୋର୍ଟିଂର ସମ୍ପାଦକ ପଙ୍କଜ ପଟ୍ଟନାୟକ ଅଧ୍ୟକ୍ଷତାରେ ଆୟୋଜିତ ଏହି



କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜ୍ୟର ଦୁଇ କିମ୍ବଦନ୍ତୀ କ୍ରିକେଟର ଦେବାଶିଷ ମହାନ୍ତି ଏବଂ ରଶ୍ମିରଞ୍ଜନ ପରିଡ଼ା ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାରୁତି ଇଷ୍ଟେଟ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂହ, ଭୁବନେଶ୍ୱର ଆଥଲେଟିକ୍ସ ସଂଘର ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା ଏବଂ ସହିଦ ସ୍ପୋର୍ଟିଂର କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି, ପୁରସ୍କାର କମିଟିର ଅନ୍ୟତମ ସଦସ୍ୟ କ୍ରୀଡ଼ା ସାମ୍ବାଦିକ ଶକ୍ତିପ୍ରକାଶ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

● ହୁସିନାରା ନିଲୋଫର୍ କପ୍

# ଯଦୁପୁରକୁ ହରାଇ କୁମାରବସ୍ତ ଚାମ୍ପିଅନ

ଭୁବନେଶ୍ୱର, ୨୫ ।୨ (ସମିସ)

ଆୟୋଜକ ଯଦୁପୁରକୁ ୯୬ ରନ୍‌ରେ ହରାଇ କୁମାରବସ୍ତ ହୁସିନାରା ନିଲୋଫର୍ କପ୍ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଚାମ୍ପିଅନ ହେବା ଫଳରେ କୁମାରବସ୍ତକୁ ଟ୍ରଫି ସହ ୬୦,୦୦୦ ଟଙ୍କା ଓ ରନର୍ସ ଅପ୍ ଯଦୁପୁରକୁ ଟ୍ରଫି ସହ ୪୦,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ଏହି ମ୍ୟାଚ୍‌ରେ ବିଜୟୀ କୁମାରବସ୍ତ ପକ୍ଷରୁ ୪୩ ବଲ୍‌ରେ ୧୦୭ ରନ୍ କରିଥିବା ପ୍ରଦୀପ ରାଉତଙ୍କୁ ଫାଇନାଲ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜିତ ଉତ୍ସବରେ ନିଲୋଫର ଅଲ୍ଲୀ ଅତିଥିଭାବେ ଯୋଗ ଦେଇ ମହମ୍ମଦ୍



ତାବ୍ରେଜ୍‌ଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ଦିଲୀପ ରାଉତଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରିଥିଲେ । କୁମାରବସ୍ତର ଆଇଏସ୍ ଗିରି ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭଲ କରିଥିଲେ ମଧ୍ୟ ଫାଇନାଲରେ ଫେଲ୍ ମାରିଥିଲେ। ଫାଇନାଲ ମ୍ୟାଚ୍‌କୁ ରିଆକତ ଅଲ୍ଲୀ ଓ ଅଜୟ ନାୟକ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲାବେଳେ ବିଶ୍ୱନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

● ସଦାନନ୍ଦ ସ୍ୱାଇଁ ସ୍ମାରକୀ ସ୍କୁଲ ଚେସ୍

# ଯାଜପୁରର ସାଇ ରଞ୍ଜନ ଚାମ୍ପିଅନ



**ଭୁବନେଶ୍ୱର, ୨୫ ।୨ (ସମିସ):** ଯାଜପୁର ଡିଏଭି ପବ୍ଲିକ୍ ସ୍କୁଲର ସାଇ ରଞ୍ଜନ ମିଶ୍ର ଏଠାରେ ରବିବାର ଅନୁଷ୍ଠିତ ସଦାନନ୍ଦ ସ୍ୱାଇଁ ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଭୁବନେଶ୍ୱର କେଭି ନଂ-୧ର ତ୍ରିଦେବ ତୀର୍ଥଙ୍କର, ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ୍‌ର ଅଭନେଶ ସାମନ୍ତରାୟ, ପୋଖରୀପୁଟ ଡିଏଭିର ଅନୁଭବ ଦାଶ ଓ କେଭି ନଂ-୧ର ଆୟୁଷ୍ମାନ ବେହେରା ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ଟିସିଏସ୍ ପ୍ରୋଜେକ୍ଟ ମ୍ୟାନେଜର ଜିତେନ୍ଦ୍ର ମହାପାତ୍ର, ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ଏଫ୍‌ଏଫ୍‌ସି ଫ୍ୟାମିଲି କ୍ରିକେଟ ମ୍ୟାଚ୍

ଭୁବନେଶ୍ୱର,୨୫ ।୨(ସମିସ)

ଫନ୍ ଆଣ୍ଡ ଫିଟ୍‌ନେସ ୱାକର୍ସ କ୍ଲବର ବରିଷ୍ଠ ନାଗରିକ, ମହିଳା, ସିନେ ତାରକା ଓ ଅନ୍ୟ ସମସ୍ତ ଭାଇଙ୍କୁ ନେଇ ଚଳିବ ବର୍ଷର ଫ୍ୟାମିଲି କ୍ରିକେଟ ମ୍ୟାଚ୍ ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ ଆଶିଷ ପଟ୍ଟନାୟକଙ୍କ ପ୍ରେସିଡେଣ୍ଟ ଏକାଦଶ ଦଳକୁ ଶ୍ରେଷ୍ଠ ଦଳ ଭାବେ ବିବେଚିତ କରାଯାଇଥିଲା। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏକାମ୍ର ୱାକର୍ସ କ୍ଲବର ସଦସ୍ୟ ସୁବାଷ ପାଣିଗ୍ରାହୀ ଓ ଲାୟନ୍ସ କ୍ଲବର ପୂର୍ବତନ ଗଭର୍ନର ନିକୁଞ୍ଜ ଛୋଟରାୟଙ୍କ ଦ୍ୱାରା ଟାଇଟଲ ଟ୍ରଫି ପ୍ରଦାନ କରାଯାଇଥିଲା। ଇଂ ଅସୀମାନନ୍ଦ ମହାନ୍ତିଙ୍କ ଦଳକୁ ଉପ-ବିଜେତା ଟ୍ରଫି, ଶ୍ରେଷ୍ଠ ବ୍ୟାଟର ଭାବେ ବିଭୁପ୍ରସାଦ ବାରିକ, ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଭାବେ ବାବୁରାମ ସେଠୀଙ୍କୁ ଟ୍ରଫି ସହ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ କେଦାର ପଟ୍ଟନାୟକ ଉପସ୍ଥିତଥିଲେ।



# ଟାଇଟଲ୍ ଜିତିଲେ ଶ୍ରୀଅଂଶ ଓ ରାଜେଶ



ରାଜ୍ୟ ରାପିଡ ଓ ବ୍ଲିଜ୍ ଚେସ୍

**ଭୁବନେଶ୍ୱର, ୨୫ ।୨ (ସମିସ):** ଯାଜପୁରର ଶ୍ରୀଅଂଶ ଦାସ ଓ ପୁରୀର ରାଜେଶ ନାୟକ ଚଳିତବର୍ଷର ରାଜ୍ୟ ରାପିଡ ଓ ବ୍ଲିଜ୍ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରବିବାର ପଟିଆସ୍ଥିତ କେଟି ଗ୍ଲୋବାଲ ସ୍କୁଲ ଆଇ ହବ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୨ଟି ଜିଲ୍ଲାରୁ ୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଅଲ୍ ଓଡ଼ିଶା ଚେସ୍ ସଂଘ ଓ କେଟି ଗ୍ଲୋବାଲ ସ୍କୁଲର ମିଳିତ ସହଯୋଗରେ ଦୁଇଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରାପିଡ୍ ବିଭାଗରେ ଯାଜପୁରର ଶ୍ରୀଅଂଶ ୮ ରାଉଣ୍ଡରୁ ୭ ପଏଣ୍ଟ ପାଇଥିଲେ। ଗଜପତିର ତପନ ବଡ଼ମୁଣ୍ଡି ଓ ଶ୍ରୀଅଂଶଙ୍କ ଯାଆଁଳା ଭାଇ ପ୍ରିୟଂଶ ଯଥାକ୍ରମେ ରନର୍ସ ଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବ୍ଲିଜ୍‌ରେ ପୁରୀର ରାଜେଶ ନାୟକ, ରାୟଗଡ଼ାର ଫକିର ମାଝି ଓ ଯାଜପୁରର ପ୍ରିୟଂଶ ଦାସ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିବା ଦୁଇଜଣ ଲେଖାଏଁ ଖେଳାଳି ରାଜ୍ୟକୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଏଓସିଏର ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି, କେଟି ଗ୍ଲୋବାଲ ସ୍କୁଲର ଉପସଭାପତି ଆୟେଶା ବେଗ୍, ପ୍ରୋଚେଷ୍ଟା ମୁଖ୍ୟ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ଏଓସିଏ କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, କେଟିଜିଏସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଶାନ୍ତ ପୁହାଣ ଓ ଆଇଏ ଜ୍ୟୋତି ଶଙ୍କର ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।




ସ୍ପିନରଙ୍କ କବ୍‌ଜାରେ ଚତୁର୍ଥ ଟେଷ୍ଟ

# ବିଜୟଠୁ ୧୫୨ ରନ୍ ଦୂରରେ ଭାରତ

ରାଞ୍ଚି, ୨୫।୨(ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ସ୍ଥାନୀୟ ଝାଡଖଣ୍ଡ ରାଜ୍ୟ କ୍ରିକେଟ ସଂଘ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ଟେଷ୍ଟର ତୃତୀୟ ଦିନ ସ୍ପିନରଙ୍କ କବ୍‌ଜାରେ ରହିଥିଲାବେଳେ ୧୩ଟି ୱିକେଟର ପତନ ଘଟିଛି। ଜୀବନର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଧ୍ରୁବ ଜୁରେଲଙ୍କ ଆକର୍ଷଣୀୟ ୯୦ ରନ୍ ସହାୟତାରେ ଭାରତର ପ୍ରଥମ ପାଳି ୩୦୭ ରନ୍‌ରେ ଶେଷ ହୋଇଥିଲା। ଏହା ପରେ ପ୍ରଥମ ପାଳିରେ ୪୬ ରନ୍‌ର ଅଗ୍ରଣୀ ନେଇଥିବା ଇଂଲଣ୍ଡ ଦ୍ୱିତୀୟ ପାଳିରେ ଭାରତର ସ୍ପିନ୍ ବୋଲିଂ ଆକ୍ରମଣର ଉଚିତ ମୁକାବିଲା କରି ନ ପାରି ମାତ୍ର ୧୪୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହି ପାଳିରେ ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୫ଟି ଓ କୁଲଦୀପ ଯାଦବ ୪ଟି ୱିକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ୧୪୫ ରନ୍‌ରେ ଦ୍ୱିତୀୟ ପାଳିରେ ଆଉଟ ହେବା ଓ ପ୍ରଥମ ପାଳିର ୪୬ ରନ୍‌ର ଅଗ୍ରଣୀକୁ ମିଶାଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ରବିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ପାଳିରେ ଆତ୍ମବିଶ୍ୱାସର ସହ ଖେଳି ୮ ଓଭରରେ ୪୦ ରନ୍ ଭରଣା କରିନେଇଛି। ମ୍ୟାଚ୍ ଜିତିବା ଲାଗି ବାକିଥିବା ୧୦ ୱିକେଟ ଓ ଦୁଇ ଦିନ ଖେଳରେ ଭାରତକୁ ଆଉ ମାତ୍ର ୧୫୨ ରନ୍‌ର ଆବଶ୍ୟକ ହେଉଛି। ୪ର୍ଥ ଟେଷ୍ଟ ସୁଦ୍ଧା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୧ରେ ଆଗୁଆ ଥିବା ଏହି ମ୍ୟାଚ୍ ଜିତିଲେ ସିରିଜ୍ ବିଜୟୀ ହେବ। ରବିବାର ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ରୋହିତ ଶର୍ମା ୨୪ ଓ ଫର୍ମରେ ଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୧୬ ରନ୍‌ରେ ବ୍ୟାଟିଂ କରୁଛନ୍ତି।

- ବସିରଙ୍କୁ ୫ ୱିକେଟ, ଜୁରେଲଙ୍କ ୯୦ ରନ୍
- ଭାରତ ପ୍ରଥମ ପାଳିରେ ୪୬ରନ୍ ପଛୁଆ
- ଅଶ୍ୱିନଙ୍କୁ ୫, କୁଲଦୀପଙ୍କୁ ୪ ୱିକେଟ
- ଇଂଲଣ୍ଡ ଦ୍ୱିତୀୟ ପାଳି ୧୪୫ରେ ସୀମିତ


ଭାରତର ୩ ତାରକା: (ବାମରୁ) ଅଶ୍ୱିନ, କୁଲଦୀପ ଓ ଯୁବ ଖେଳାଳି ଧ୍ରୁବ ଜୁରେଲ

## ଅଶ୍ୱିନ, କୁଲଦୀପଙ୍କ ଯାଦୁକରୀ ବୋଲିଂ

ପ୍ରଥମ ପାଳିରେ ୪୬ ରନ୍‌ରେ ଅଗ୍ରଣୀ ନେବା ପରେ ଇଂଲଣ୍ଡ ଦୃଢ଼ତାର ସହ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା। କିନ୍ତୁ ପିଚ୍ ଟର୍ଣ୍ଣ ନେଉଥିବାରୁ ଦୁଇ ସ୍ପିନର ଭାରତର ବୋଲିଂ ଓପନ କରିଥିଲେ। ପାଳିର ୫ମ ଓଭରରେ ଅଫ୍ ସ୍ପିନର ଅଶ୍ୱିନ ପ୍ରତିପକ୍ଷ ଓପନର ବେନ୍ ଡକେଟଙ୍କୁ ସର୍ଫରାଜ ଖାନଙ୍କ ହାତରେ କ୍ୟାଚ୍ କରାଇ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାର ପର ବଲ୍‌ରେ ଓଲି ପୋପଙ୍କୁ ଏଲ୍‌ବି କରାଇ ଓ ୧୭ତମ ଶେଷ ବଲ୍‌ରେ ସ୍କୋର ୬୫ ରନ୍ ହୋଇଥିଲାବେଳେ ପ୍ରଥମ ପାଳିରେ ଶତକ କରିଥିବା ଜୋ ରୁଟ୍‌ଙ୍କୁ ଏଲ୍‌ବି କରାଇ ବଡ଼ ସଫଳତା ପାଇଥିଲେ। ଏହା ପରେ ବୋଲିଂ କରିବାକୁ ଆସି କୁଲଦୀପ ଇଂଲଣ୍ଡ ବ୍ୟାଟରଙ୍କୁ ବୋକା ମନାଇ ଦେଇଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଜ୍ୟାକ୍ କ୍ରାଲୀ ୬୦ ରନ୍ କରିଥିବାବେଳେ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୪ ରନ୍ କରିଥିବାବେଳେ କୁଲଦୀପଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୧୨୦ ରନ୍‌ରେ ଷ୍ଟୋକ୍ସ ଏବଂ ଜନି ବେୟାରଷ୍ଟୋ (୩୦) ଆଉଟ ହୋଇଯିବା ପରେ ଇଂଲଣ୍ଡର ବ୍ୟାଟିଂ ବିଧ୍ୱସ୍ତ ହୋଇଯାଇଥିଲା। ଏହା ପରେ କୁଲଦୀପ ଟମ୍ ହର୍ଟଲୀଙ୍କ ୭ ଓ ଓଲି ରବିନସନଙ୍କୁ ଡକ୍‌ରେ ଆଉଟ କରିଦେଇଥିଲେ। ୧୩୩ ରନ୍‌ରେ ୮ମ ୱିକେଟ ପଡ଼ିଯାଇଥିଲେ ମଧ୍ୟ ବେନ୍ ଫୋକ୍ସ କିଛି ସମୟ ଲଢ଼େଇ କରିଥିଲେ। ସେ ତାଙ୍କ ଯୁବା ପାର୍ଟନର ସୋଏବ ବସିର (୨୦ ବଲ୍‌ରେ ଅପରାଜିତ ୧ ରନ୍)ଙ୍କ ସହ ୯ମ ୱିକେଟରେ ୧୨ ରନ୍ ଯୋଡିଥିଲେ ମଧ୍ୟ ୭୪ଟି ବଲ ଖେଳିଥିଲେ। ଏହି ସମୟରେ ବୋଲିଂ କରିବାକୁ ଆସି ଅଶ୍ୱିନ ୧୭ ରନ୍‌ରେ ଫୋକ୍ସଙ୍କୁ ଆଉଟ କରି ଯୋଡି ଭାଙ୍ଗିଦେଇଥିଲେ। ଏହା ପରେ ସେ ଜେମ୍ସ ଆଣ୍ଡରସନଙ୍କୁ ଆଉଟ କରି ଇଂଲଣ୍ଡ ପାଳି ଶେଷ କରିଦେଇଥିଲେ। ଇଂଲଣ୍ଡ ଦ୍ୱିତୀୟ ପାଳିର ପ୍ରଥମ ୩ଟି ଓ ଶେଷ ଦୁଇଟି ୱିକେଟ ନେବା ସହ ଅଶ୍ୱିନ ଗୋଟିଏ ପାଳିରେ ୩୫ତମ ଥର ଲାଗି ୫ ୱିକେଟ ସଫଳତା ପାଇଥିଲେ। କୁଲଦୀପଙ୍କୁ ୪ଟି ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ୱିକେଟ ମିଳିଥିଲା।

## ବସିର ବନାମ ଜୁରେଲ

ଭାରତ ପ୍ରଥମ ପାଳିରେ ନିଜ ଜୀବନର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଇଂଲଣ୍ଡର ପାକିସ୍ତାନୀ ବଂଶୋଦ୍ଭବ ୨୦ ବର୍ଷୀୟ ସ୍ପିନର ସୋଏବ ବସିର ଓ ଭାରତର ୨୩ ବର୍ଷୀୟ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ହୋଇଥିଲା। ୭ ୱିକେଟରେ ୨୧୯ ରନ୍‌ରୁ ଭାରତ ଅସମାପ୍ତ ପାଳି ଆରମ୍ଭ କରି ୩୦୭ ରନ୍‌ରେ ଅଲଆଉଟ ହେବାରେ ଯୁବ ୱିକେଟରକ୍ଷକ ଜୁରେଲଙ୍କ ଭୂମିକା ଥିଲା ବେଶ ଗୁରୁତ୍ୱପୂର୍ଣ୍ଣ। ୮ମ ୱିକେଟରେ ସେ କୁଲଦୀପ (୧୩୧ ବଲ୍ ଖେଳି ୨୮ ରନ୍)ଙ୍କ ସହ ୨୦୨ଟି ବଲ ଖେଳି ୭୬ ରନ୍ ଉଠାଇଥିଲେ। କୁଲଦୀପଙ୍କ ବ୍ୟାଟିଂକୁ ଯେପରି ପ୍ରଶଂସା କରାଯାଇଥିଲା ଠିକ୍ ସେହିପରି ଜୁରେଲ ଭାରତକୁ ବିପଦରୁ ରକ୍ଷା କରିଥିଲେ। ସେ ୯ମ ୱିକେଟରେ ଆକାଶ ଦୀପଙ୍କୁ ସୁରକ୍ଷା ଦେବା ସହ ମିଳିତଭାବ ୭୫ଟି ବଲ୍‌ର ମୁକାବିଲା କରି ୪୦ ରନ୍ ଉଠାଇ ଇଂଲଣ୍ଡକୁ ନିରାଶ କରିଥିଲେ। କିନ୍ତୁ ଏହି ଯୋଡି ଭାଙ୍ଗିବା ସହ ଭାରତ ଅଳ୍ପ ସମୟ ବ୍ୟବଧାନରେ ଅଲଆଉଟ ହୋଇଯାଇଥିଲା। ଜୁରେଲ ମାତ୍ର ଦ୍ୱିତୀୟ ପାଳିରେ ଯେପରି ଅଭିଜ୍ଞଙ୍କ ପରି ଖେଳିଥିଲେ ତାହା ମହେନ୍ଦ୍ର ସିଂ ଧୋନିଙ୍କ ପ୍ରଦର୍ଶନକୁ ମନେ ପକାଇଥିଲେ। ସେ ୧୪୯ ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୪ ଛକା ସହ ୯୦ ରନ୍ କରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ଏହି ପାଳି ସ୍ମରଣୀୟ ହୋଇ ରହିବ। ସେହିପରି ଇଂଲଣ୍ଡର ଯୁବ ସ୍ପିନର ବସିର ମଧ୍ୟ ଏଠାକାର ପିଚ୍‌ରୁ ଫାଇଦା ଉଠାଇ ଦ୍ୱିତୀୟ ଟେଷ୍ଟରେ ୫ ୱିକେଟ ସଫଳତା ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି :** ୩୫୩ (ରୁଟ- ଅପରାଜିତ ୧୨୨, ରବିନସନ-୫୮, ଜାଡେଜା-୪/୬୭, ଆକାଶ ଦୀପ-୩/୮୩, ସିରାଜ-୨/୭୮)।
**ଭାରତ ପ୍ରଥମ ପାଳି : ୩୦୭,** ୧୦୩.୨ ଓଭର (ଜୁରେଲ-୯୦, ଜୟସ୍ୱାଲ-୭୩, ବସିର-୫/୧୧୯, ହର୍ଟଲୀ-୩/୬୮)।
**ଇଂଲଣ୍ଡ ଦ୍ୱିତୀୟ ପାଳି : ୧୪୫/୧୦,** ୫୩.୫ ଓଭର (କ୍ରାଲୀ-୬୦, ବେୟାରଷ୍ଟୋ-୩୦, ଅଶ୍ୱିନ-୫/୫୧, କୁଲଦୀପ-୪/୨୨)।
**ଭାରତ ଦ୍ୱିତୀୟ ପାଳି : ୪୦/୦,** ୮ ଓଭର (ରୋହିତ-ବ୍ୟାଟିଂ-୨୪, ଜୟସ୍ୱାଲ-ବ୍ୟାଟିଂ-୧୬)।

● ମହିଳା ପ୍ରିମିଅର୍ ଲିଗ୍

## ମୁମ୍ବାଇର ଚମତ୍କାର ପ୍ରଦର୍ଶନ

**ବେଙ୍ଗାଲୁରୁ, ୨୫।୨ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟ୍‌ସ ମଧ୍ୟରେ ଚଳିତ ମହିଳା ପ୍ରିମିଅର୍ ଲିଗ୍‌ର ୩ୟ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପ୍ରତିପକ୍ଷ ବୋଲର ଶାବନିମ ଇସ୍‌ମାଇଲ ଓ ଆମେଲିଆ କେର୍‌ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୨୬ ରନ କରିପାରିଥିଲା। ଜବାବରେ ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ଶେଷ ଖବର ସୁଦ୍ଧା ୭ ଓଭରରେ ୨ ୱିକେଟ୍ ହରାଇ ୪୨ ରନ ସଂଗ୍ରହ କରିଛି। ଟସ୍ ହାରି ବ୍ୟାଟିଂ କରିଥିବା ବେଥ୍ ମୁନୀଙ୍କ ଗୁଜରାଟ ଦଳ ୫୮ ରନ ମଧ୍ୟରେ ଅଧା ବ୍ୟାଟର୍‌ଙ୍କୁ ହରାଇସାରିଥିଲା। ଓପନର୍ ମୁନୀ (୨୪ ରନ)ଙ୍କୁ ଛାଡ଼ିଦେଲେ ଆଗ ଧାଡ଼ିର ଅନ୍ୟ ୪ଜଣ ବ୍ୟାଟର୍ ବେଦା କ୍ରିଷ୍ଣାମୂର୍ତ୍ତି (୦), ହର୍ଲିନ ଦେଓଲ (୮), ଫୋଏବେ ଲିଚ୍‌ଫିଲ୍ଡ (୭), ଦୟାଲାନ ହେମଲତା (୩) ଦୁଇଅଙ୍କ ବିଶିଷ୍ଟ ସ୍କୋର ଛୁଇଁପାରି ନ ଥିଲେ। ତେବେ ମଧ୍ୟ ଓ ନିମ୍ନକ୍ରମର ବ୍ୟାଟର୍ କାଥେରିନ ବ୍ରେସି (୨୫*), ତନୁଜା କନୱର (୨୮) ଓ ଆସଲେ ଗାର୍ଡନର (୧୫ ରନ)ଙ୍କ ଉପଯୋଗୀ ପାଳି ଯୋଗୁ ୯ ୱିକେଟ୍‌ରେ ୧୨୬ ରନ କରି ସମ୍ମାନ ରଖିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳର ଭେଟେରାନ ଦ୍ରୁତ ବୋଲର ଇସ୍‌ମାଇଲ (୪-୦-୧୮-୩) ଓ ଲେଗ୍-ସ୍ପିନର ଆମେଲିଆ କେର୍ (୪-୦-୧୭-୪) ମିଳିତ ଭାବେ ୭ ୱିକେଟ୍ ସଫଳତା ପାଇଥିଲେ।

## ଅଶ୍ୱିନଙ୍କୁ ରେକର୍ଡ ୫ ୱିକେଟ୍

**ରାଞ୍ଚି, ୨୫।୨(ଏଜେନ୍ସି):** ଇଂଲଣ୍ଡ ୨ୟ ପାଳିରେ ୫ ୱିକେଟ୍ ନେଇ ଭେଟେରାନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନିଜ ନାମକୁ ରେକର୍ଡ ପୃଷ୍ଠାରେ ଲିପିବଦ୍ଧ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ଅଶ୍ୱିନଙ୍କ ଏହା ୯୯ତମ ଟେଷ୍ଟ ମ୍ୟାଚରୁ ୩୫ତମ ୫ ୱିକେଟ୍ ସଫଳତା ଥିଲା। ଏହିକ୍ରମରେ ସେ ପୂର୍ବତନ ସାଥୀ ଭାରତୀୟ ସ୍ପିନର ଅନିଲ କୁମ୍ବଲେଙ୍କ ସହ ସମକକ୍ଷ ହୋଇଛନ୍ତି। କୁମ୍ବଲେ ତାଙ୍କ କ୍ୟାରିୟରରେ ୧୩୨ ଟେଷ୍ଟ ଖେଳି ୩୫ଥର ଗୋଟିଏ ପାଳିରେ ୫ ୱିକେଟ୍ ନେଇଥିଲେ। ବିଶ୍ୱରେ ସର୍ବାଧିକ ୫ ୱିକେଟ୍ ସଫଳତା ଶ୍ରୀଲଙ୍କାର ମୁଥୟା ମୁରଲୀଧରନଙ୍କ ନାମରେ ରହିଛି। ମୁରଲୀଧରନ ୧୩୩ ଟେଷ୍ଟରୁ ୬୭ଥର ଏହି ସଫଳତା ପାଇଛନ୍ତି।

ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ଶେଷ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ହରାଇଲା ଭାରତ



**ରାଉରକେଲା,୨୫।୨(ସମିସ):** ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ଦଳ ବିଜୟ ସହ ଓଡ଼ିଶା ଲେଗ୍‌ରେ ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ଶେଷ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ଅପେକ୍ଷାକୃତ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ରବିବାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଏକପାଖିଆ ଏହି ମ୍ୟାଚ୍‌ରେ ଭାରତ ପାଇଁ ୧୪ତମ ମିନିଟ୍‌ରେ ନୀଳକାନ୍ତ ଶର୍ମା ପେନାଲ୍ଟି ଜରିଆରେ, ୧୫ତମ ମିନିଟ୍‌ରେ ଆକାଶଦୀପ ସିଂ, ୩୮ତମ ମିନିଟ୍‌ରେ ଗୁରଜନ୍ତ ସିଂ ଫିଲ୍ଡ ଗୋଲ ଦେଇଥିଲେ। ମ୍ୟାଚ୍‌ର ଶେଷ ମିନିଟ୍‌ରେ ଯୁଗରାଜ ସିଂ ପେନାଲ୍ଟି ଜରିଆରେ ଚତୁର୍ଥ ତଥା ଅନ୍ତିମ ଗୋଲ ଦେଇଥିଲେ। ଆୟର୍ଲାଣ୍ଡ ରକ୍ଷଣଭାଗର ଦୁର୍ବଳତାରୁ ଭାରତ ଫାଇଦା ଉଠାଇଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ଏଥିସହ ଭାରତ ୮ ମ୍ୟାଚ୍ ଖେଳି ୩ ବିଜୟ, ୪ ଡ୍ର, ୨ ସୁଟ୍ ଆଉଟ ବୋନସ ଓ ଗୋଟିଏ ପରାଜୟ ସହ ୧୫ ଅଙ୍କ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ମଧ୍ୟ ଆୟର୍ଲାଣ୍ଡ ଖାତା ଖୋଲିପାରି ନାହିଁ।

### ନେଦରଲାଣ୍ଡସଠାରୁ ହାରିଲା ଅଷ୍ଟ୍ରେଲିଆ

ରବିବାର ଏଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ନେଦରଲାଣ୍ଡସ ୫-୩ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଛି। ଏଥିସହ ନେଦରଲାଣ୍ଡସ ୧୨ ମ୍ୟାଚ୍ ଖେଳି ୭ ବିଜୟ, ୩ ଡ୍ର, ୨ ସୁଟ୍ ଆଉଟ ବୋନସ ଓ ୨ ପରାଜୟ ସହ ୨୬ ଅଙ୍କ ହାସଲ କରି ତାଲିକା ଶୀର୍ଷରେ ରହିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ୮ ମ୍ୟାଚ୍ ଖେଳି ୬ ବିଜୟ, ୧ ଡ୍ର, ୧ ସୁଟ୍ ଆଉଟ ବୋନସ ଓ ଗୋଟିଏ ପରାଜୟ ସହ ୨୦ ଅଙ୍କ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

## ରଣଜୀ ଟ୍ରଫି : ସେମିରେ ତାମିଲନାଡୁ

**କୋଏମ୍ବାଟୁର,୨୫।୨(ଏଜେନ୍ସି):** ରଣଜୀ ଟ୍ରଫିରେ ସାଇ କିଶୋରଙ୍କ ନେତୃତ୍ୱାଧୀନ ତାମିଲନାଡୁ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ତାମିଲନାଡୁ ଗୋଟିଏ ପାଳି ଓ ୩୩ ରନରେ ସୌରାଷ୍ଟ୍ରକୁ ହରାଇଛି। ପ୍ରଥମ ପାଳିରେ ୫ ଓ ୬୦ ରନ କରିଥିବା ସାଇ କିଶୋର ଦ୍ୱିତୀୟରେ ୨୭ ରନରେ ଦେଇ ୪ ୱିକେଟ ଅକ୍ତିଆର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ପାଳିରେ ସୌରାଷ୍ଟ୍ର ୧୮୩ ରନକରି ଅଲଆଉଟ ହେବା ପରେ ତାମିଲନାଡୁ ୩୩୮ ରନକରି ଅଲଆଉଟ ହୋଇଥିଲା। ଫଳରେ ସୌରାଷ୍ଟ୍ର ୧୫୫ ରନରେ ପଛରେ ପଡିଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ସୌରାଷ୍ଟ୍ର ରବିବାର ତୃତୀୟ ଦିନରେ ୭୫.୪ ଓଭରରେ ୧୨୨ ରନକରି ଅଲଆଉଟ ହୋଇଥିଲା। ଫଳରେ ତାମିଲନାଡୁ ପାଳି ବିଜୟ ହାସଲ କରିଥିଲା। ଦ୍ୱିତୀୟ ପାଳିରେ ସୌରାଷ୍ଟ୍ରର ଚେତେଶ୍ୱର ପୂଜାରା ସର୍ବାଧିକ ୪୬ ରନ୍ କରିଥିଲେ। ତାମିଲନାଡୁର ସାଇ କିଶୋର ୪, ସନ୍ଦୀପଙ୍କୁ ୩ଟି ୱିକେଟ ମିଳିଥିଲା।

**ଐତିହାସିକ ବିଜୟର ନିକଟତର ଆନ୍ଧ୍ର :** ମଧ୍ୟପ୍ରଦେଶ ବିପକ୍ଷ ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆନ୍ଧ୍ର ବିଜୟର ନିକଟତର ହୋଇଛି। ୧୭୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଆନ୍ଧ୍ର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୪ ଓଭରରେ ୪ ୱିକେଟ ହରାଇ ୯୫ ରନ ସଂଗ୍ରହ କରିଛି। ଫଳରେ ୬ ୱିକେଟ ବାକିଥାଇ ଆନ୍ଧ୍ର ଆଉ ୭୫ ରନ କଲେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବ।

## ଫାଓ ସଭାପତିଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୫।୨ (ସମିସ):** ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନଫରେନ୍ସ ହଲ୍‌ରେ ରବିବାର ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନବନିର୍ବାଚିତ ରାଜ୍ୟସଭା ସାଂସଦ ତଥା ଫାଓ ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ୍ ପାଲ୍, ବିଶ୍ୱରଞ୍ଜନ ଘଡ଼େଇ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଉପସଭାପତି ଦିଲୀପ ସାହୁ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଟି-୨୦ ସିରିଜରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

**ଅକଲାଣ୍ଡ,୨୫।୨(ଏଜେନ୍ସି):** ସ୍ଥାନୀୟ ଇଡେନ ପାର୍କରେ ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଡକୱର୍ଥ- ଲୁଇସ୍ ପଦ୍ଧତିରେ ୨୭ ରନରେ ବିଜୟୀ ହୋଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ସବୁ ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ କ୍ଲିନ୍ ସୁଇପ୍ କରିଛି। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅଷ୍ଟ୍ରେଲିଆର ମାଥ୍ୟୁ ସର୍ଟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅଷ୍ଟ୍ରେଲିଆର ମିଚେଲ ମାର୍ଶ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ଡିଏଲ୍‌ଏସ୍‌ରେ ହାରିଲା ନ୍ୟୁଜିଲାଣ୍ଡ**

ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ୬ ୱିକେଟରେ, ଦ୍ୱିତୀୟରେ ୭୨ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଟସ୍ ହାରି ଅଷ୍ଟ୍ରେଲିଆ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ଫଳରେ ମ୍ୟାଚ୍‌କୁ ପାଳି ପିଛା ୧୫ ଓଭରରେ ସୀମିତ ରଖାଯାଇଥିଲା। କିନ୍ତୁ ଅଷ୍ଟ୍ରେଲିଆ ୧୦.୪ ଓଭରରେ ୪ ୱିକେଟ ହରାଇ ୧୧୮ ରନ କରିଥିବା ବେଳେ ବର୍ଷା ଓ ଓଦା ଆଉଟ୍ ଫିଲ୍ଡ ପାଇଁ ପାଳି ଶେଷ ହୋଇଥିଲା। ନ୍ୟୁଜିଲାଣ୍ଡ ପାଇଁ ୧୦ ଓଭରରେ ପରିବର୍ତ୍ତିତ ୧୨୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ଆରମ୍ଭ କରି ୯୮ ରନରେ ସୀମିତ ରହି ୨୭ ରନରେ ପରାସ୍ତ ହୋଇଥିଲା।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଫାଇନାଲରେ କିଟ୍ ପୁରୁଷ ଟେନିସ୍ ଦଳ

**ଭୁବନେଶ୍ୱର,୨୫।୨(ସମିସ):** ଉତ୍ତରପୂର୍ବର ୭ଟି ରାଜ୍ୟରେ ଚାଲିଥିବା ଚତୁର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ବିଶ୍ୱ ବିଦ୍ୟାଳୟର ପୁରୁଷ ଦଳ ଟେନିସ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଗୌହାଟୀର ଚଚଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଟେନିସ ଇଭେଣ୍ଟରରେ କିଟ୍ ଦଳ ରବିବାର ଅନୁଷ୍ଠିତ ସେମିଫାଇନାଲରେ ୨:୧ରେ ପୁଣେର ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଫାଇନାଲକୁ ଉଠିଛି। ଟାଇଟଲ ପାଇଁ କିଟ୍ ରବିବାର ଫାଇନାଲରେ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟକୁ ଭେଟିବ। ଦ୍ୱିତୀୟ ସେମିରେ ଏସ୍‌ଆରଏମ୍ ୨:୧ରେ ବାରଣାସୀର ମହାତ୍ମା ଗାନ୍ଧୀ କାଶି ବିଦ୍ୟାପୀଠକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କିଟ୍ ଦଳରେ କବୀର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡା ଓ ପ୍ରତ୍ୟୁସ ମହାନ୍ତିଙ୍କ ଭଳି ଖେଳାଳି ସାମିଲ ରହିଛନ୍ତି। କିଟ୍ ଓ କିସ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କିଟ୍ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଫାଇନାଲରେ ବିଜୟୀ ହେବାକୁ ଶୁଭେଚ୍ଛା ଜଣାଇଛନ୍ତି।



PARAMOUNT AUTOMOTIVES:
JEYPORE, KORAPUT, MALKANGIRI, NABARANGPUR, RAYAGADA: 7574808729

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର